

# ଇତିହାସ ରଚିଲେ ନୀରଜ
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

Vol. 34 | ISSUE 55 | ଭାଗ ୩୪ | ସଂଖ୍ୟା ୫୫
Bhubaneswar | Sunday 18 May 2025 | Page 8 Rs. 4.00
● ଭୁବନେଶ୍ୱର ରବିବାର ୧୮ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ପାକିସ୍ତାନ ପାଇଁ କରୁଥିଲେ ଗୁଇନ୍ଦାଗିରି

# ଦେଶଦ୍ରୋହ ଅଭିଯୋଗରେ ୬ ଗିରଫ



## ବ୍ଲଗର୍‌ରୁ ବିଷକନ୍ୟା

**ନୂଆଦିଲ୍ଲୀ,୧୭।୫:** ପହଲଗାମ୍ ଆତଙ୍କୀ ହମ୍‌ଲା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ରସାତଳଗାମୀ ହୋଇଛି। ଭାରତ ସହ ମୁହାଁମୁହିଁ ଯୁଦ୍ଧକୁ ଓହ୍ଲାଇ ପାକିସ୍ତାନ ଏହାର ମନ୍ଦ ଉଦ୍ଦେଶ୍ୟ ସାବ୍ୟସ୍ତ କରିଛି। ତେଣୁ ସାମ୍ପ୍ରତିକ ସମୟରେ ଭାରତ ଯଥେଷ୍ଟ ସଚେତନ ହୋଇଛି ଓ ପାକିସ୍ତାନ ସହ ଜଡ଼ିତ କୌଣସି ପ୍ରସଙ୍ଗକୁ ଗୁରୁତର ସହକାରେ ନେଉଛି। ଏପରି ସ୍ଥିତିରେ ଭାରତରେ ରହି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ୬ ଜଣଙ୍କୁ ଆଜି ଗିରଫ କରାଯାଇଛି। ଏମାନେ ଭାରତୀୟ ପାଣିପବନରେ ବଢ଼ିଥିଲେ ମଧ୍ୟ ଟଙ୍କା କେଇଟା ପାଇଁ ଦେଶଦ୍ରୋହ ପରି ଅପରାଧ କରିବାକୁ ପଛାଇନାହାନ୍ତି। ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଏହି ୬ ଜଣଙ୍କ ମଧ୍ୟରେ ଅଛନ୍ତି ଜଣାଶୁଣା ୟୁ-ଟ୍ୟୁବର ଜ୍ୟୋତି ମାଲହୋତ୍ରା। ହରିଆଣାର ଏହି ଯୁବତୀ ଜଣଙ୍କ ବ୍ଲଗର୍ ଭାବେ ଭାରତର ବିଭିନ୍ନ ସ୍ଥାନ ବୁଲିବା ସହ ପାକିସ୍ତାନରେ ମଧ୍ୟ ବୁଲାବୁଲି କରି ଫେରିଛନ୍ତି। କିନ୍ତୁ ତାଙ୍କ ୟୁଟ୍ୟୁବ୍ ଭିଡିଓ ମାଧ୍ୟମରେ ସେ ଗୁଇନ୍ଦାଗିରି କରୁଥିବା ଅଭିଯୋଗ ରହିଛି। ଅନ୍ୟ ଗିରଫ ହୋଇଥିବା ବ୍ୟକ୍ତିମାନେ ମଧ୍ୟ ଏଜେଣ୍ଟ, ଆର୍ଥିକ ସହାୟତାକାରୀ ଏବଂ ସୂଚନାଦାତା ଭାବେ କାର୍ଯ୍ୟ କରୁଥିଲେ। ଜ୍ୟୋତି 'ଟ୍ରାଭେଲ୍ ୱିଥ୍ ଜୋ' ନାମକ ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଉଥିଲେ। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଅନୁସାରେ, ଜ୍ୟୋତି କମିଶନ ଏଜେଣ୍ଟମାନଙ୍କ ମାଧ୍ୟମରେ ଭିସା ହାସଲ କରିବା ପରେ ଗତ ୨୦୨୩ରେ ପାକିସ୍ତାନ ଗସ୍ତ କରିଥିଲେ। ତାଙ୍କ ଯାତ୍ରା ସମୟରେ ସେ ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିଶନ୍‌ର କର୍ମଚାରୀ ଏହସାନ-ଉର-ରହିମ ଓରଫ ଦାନିଶଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ। ଦାନିଶଙ୍କୁ ଇତିମଧ୍ୟରେ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଭାବେ ଘୋଷଣା କରିସାରିଛନ୍ତି। ତାଙ୍କୁ ଗତ ୧୩ ତାରିଖରେ ବହିଷ୍କାର କରାଯାଇଥିବା ବେଳେ ସେ ଜ୍ୟୋତିଙ୍କୁ ଅନେକ ପାକିସ୍ତାନୀ ଗୁଇନ୍ଦାଙ୍କ ସହ ପରିଚିତ କରାଇଥିବା ଅଭିଯୋଗ ହୋଇଛି।

ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଓ ସ୍ନାପଚାଟ୍ ଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଜ୍ୟୋତି ଶାକିର ଓରଫ ରାଣା ଶାହବାଜଙ୍କ ପରି କାର୍ଯ୍ୟକର୍ତ୍ତାଙ୍କ ଯୋଗାଯୋଗରେ ରହିଥିଲେ। ତାଙ୍କ ନମ୍ବର ସେ ଫୋନ୍‌ରେ 'ଜାଟ୍ ରନ୍ଧାୱା' ନାମରେ ଷ୍ଟୋର୍ କରିଥିଲେ। ସେ ଭାରତର ବିଭିନ୍ନ ପ୍ରମୁଖ ସ୍ଥାନ ସମ୍ପର୍କରେ ସମ୍ବେଦନଶୀଳ ସୂଚନା ଶେୟାର କରିଥିବା ଅଭିଯୋଗ ➪ପୃଷ୍ଠା-୬

# ମହାପ୍ରସାଦକୁ ଅପମାନ

- ଡାଇନିଂରେ ଖାଇଲେ, ବାରଣ କରିବାରୁ କହିଲେ ଜାଣିନୁ
- ପବିତ୍ରତା ବଜାୟ ରଖିବାକୁ ଏସ୍‌ଜେଟିଏର ଆହ୍ୱାନ

**ପୁରୀ,୧୭।୫(ସଂଚାର ବ୍ୟୁରୋ):** ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତମାନେ ମହାପ୍ରସାଦ ଖାଇ କୋଟିଜନ୍ମର ପୁଣ୍ୟଲାଭ କରିଥାନ୍ତି। କି ଗରିବ କି ଧନୀ, ସମସ୍ତେ ମନ୍ଦିର ବେଢ଼ାରେ କଦଳୀ ପତ୍ର ପକାଇ ମହାପ୍ରସାଦ ଖାଇବାର ଦୃଶ୍ୟ ବୋଧହୁଏ ଅନନ୍ୟ। କିନ୍ତୁ ଦିନକୁ ଦିନ ମଣିଷ ଆଧୁନିକ ଓ କେତେକ କ୍ଷେତ୍ରରେ ଉଗ୍ର ଆଧୁନିକତାକୁ ସ୍ପର୍ଶ କରି ଅନେକ ସମୟରେ ପ୍ରଭୁ ଜଗନ୍ନାଥଙ୍କୁ ଅପମାନ କରିବାକୁ ବି ଭୁଲୁନାହାଁନ୍ତି। ନିକଟରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ପୁରୀର ଏକ ତାରକା ହୋଟେଲ୍‌ରେ କେତେକ ବ୍ୟକ୍ତି ମହାପ୍ରସାଦକୁ ଡାଇନିଂ ଟେବୁଲ୍‌ରେ ଖାଉଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ବିଶେଷକରି ଡାଇନିଂରେ ମହାପ୍ରସାଦ ସେବନ କରୁଥିବା ଲୋକମାନେ ଓଡ଼ିଆ। ସେମାନେ ➪ପୃଷ୍ଠା-୬



### 'ଅପରେସନ୍ ସିନ୍ଦୂର' ନେଇ ଶାହଙ୍କ ହୁଙ୍କାର

# ବିଶ୍ୱ ଚକିତ, ପାକିସ୍ତାନ ଭୟଭୀତ

**ଅହମ୍ମଦାବାଦ,୧୭।୫:** ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଭାରତୀୟ ସେନା ପାକିସ୍ତାନର ଶହେ କିଲୋମିଟର ଭିତରେ ପଶି ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛି। ପାକିସ୍ତାନ ପରମାଣୁ ଅସ୍ତ୍ର ଉପଯୋଗ ନେଇ ଧମକ ଦେଇଥିଲେ ମଧ୍ୟ ଭାରତୀୟ ସେନାବାହିନୀ ଏହାକୁ ଖାତିର୍ ନକରି ପାକିସ୍ତାନ ସୀମା ଭିତରେ ପଶି ଶତାଧିକ ଆତଙ୍କୀଙ୍କୁ ନିପାତ କରିବା ସହ ସେମାନଙ୍କ ଆଡ୍ଡାସ୍ଥଳୀକୁ ଧ୍ୱଂସ କରିଦେଇଛି। ଏପରି ଏକ ଦୁଃସାହସିକ ପଦକ୍ଷେପ ଭାରତର ଲକ୍ଷ୍ୟକୁ ପୂରଣ କରିଛି। ଭାରତୀୟ ସେନାର ପଦକ୍ଷେପ ପରମାଣୁ ଭୟ ଦେଖାଇ ଆମ ପାଦ ରୋକିବାକୁ ଉଦ୍ୟମ କରୁଥିବା ଦେଶ ପ୍ରତି ଶକ୍ତ ଝଟ୍‌କା ସଦୃଶ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ପରିଚାଳିତ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତୀୟ ସେନାର ପରାକ୍ରମ ଦେଖି ଆଜି ସମଗ୍ର ବିଶ୍ୱ ଚକିତ ହୋଇଥିବା ବେଳେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି ବୋଲି ମତ ଦେଇଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ। ସେ ଶନିବାର ତାଙ୍କ ଦୁଇଦିନିଆ ଗୁଜରାଟ ଗସ୍ତର ପ୍ରଥମ ଦିନରେ ଏପରି ହୁଙ୍କାର ଦେଇଛନ୍ତି।

ସେ କହିଛନ୍ତି ଯେ ଭାରତର ତିନି ସଶସ୍ତ୍ର ବାହିନୀ ପଥରର ଜବାବ ଇଟାରେ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦି ଶପଥ ନେବା ପରଠାରୁ ଭାରତ ଉପରେ ତିନିଟି ➪ପୃଷ୍ଠା-୬



ପଥରର ଜବାବ ଇଟାରେ ଦେଇଛି ସେନାବାହିନୀ

# ରାଶି କହୁଛି ମିଳିବ ଶୁଭଫଳ

### ସ୍ଥିତି କିନ୍ତୁ ଦେଉଛି ଭିନ୍ନ ସଙ୍କେତ



**ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ):** ଗ୍ରହରାଜ ଶନିଙ୍କ ପରେ ଗତ ୧୪ ତାରିଖରୁ ଦେବ ଗୁରୁ ବୃହସ୍ପତିଙ୍କ ଚଳନ ଆରମ୍ଭ ହୋଇଛି। ୧୪ ତାରିଖ ରାତିରୁ ବୃହସ୍ପତି ମିଥୁନ ରାଶିକୁ ଚଳନ କରିଛନ୍ତି। ଜ୍ୟୋତିର୍ବିଦ୍‌ଙ୍କ ମତରେ ବୃହସ୍ପତି ଚଳନ ଦ୍ୱାରା ଭିନ୍ନ ଭିନ୍ନ ରାଶିକୁ ଭିନ୍ନ ଫଳ ଥିବା ବେଳେ ମିଥୁନ ଓ ବିଛା ରାଶିର ବ୍ୟକ୍ତିଙ୍କର ମାନ ସମ୍ମାନ ବଢ଼ିବ। ରାଜନୀତିରେ ମଧ୍ୟ ଏହି ଗ୍ରହ ଚଳନକୁ ନେଇ ଅନେକ ଆକଳନ କରାଯାଉଛି। କାରଣ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ମିଥୁନ ରାଶି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବିଛା ରାଶି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ନବଗ୍ରହଙ୍କ ସ୍ୱାମୀ ଭାବେ ବୃହସ୍ପତିଙ୍କୁ ବିଶ୍ୱାସ କରାଯାଏ। ତା'ସହ ତାଙ୍କୁ ଦେବତାମାନଙ୍କ ଗୁରୁ ଆସନ ମଧ୍ୟ ପ୍ରଦାନ କରାଯାଇଛି। ବେଦ ଓ ପୁରାଣରେ ବର୍ଣ୍ଣିତ ତଥ୍ୟ ଅନୁସାରେ ବୃହସ୍ପତିଙ୍କୁ ଧର୍ମର ଅବତାର ବୋଲି ଧରାଯାଏ ଓ ସେ ମନୁଷ୍ୟ ଏବଂ ଦେବତାମାନଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥାନ୍ତି। ତେଣୁ ତାଙ୍କୁ ଏକ ଶୁଭଗ୍ରହ ଭାବେ ବୋଲି ବିବେଚନା କରାଯାଏ। ସେ ମିଥୁନ ରାଶିରେ ପ୍ରବେଶ କରିଥିବାରୁ ଏହି ରାଶିର ବ୍ୟକ୍ତିମାନେ ଆଗାମୀ ବର୍ଷେ ପର୍ଯ୍ୟନ୍ତ ବେଶ ଶୁଭ ଫଳ ପାଇବେ ଏବଂ ସେମାନଙ୍କ ମାନ ସମ୍ମାନ ବଢ଼ିବ।

ହେଲେ ବିଜେଡିର ସ୍ଥିତିକୁ ଦେଖିଲେ ନବୀନ କେତେ ଶୁଭ ଫଳ ପାଇବେ ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଜେଡି ଦିନକୁ ଦିନ ଛିଣ୍ଡିବାରେ ଲାଗିଛି। ନିର୍ବାଚନ ହାରିବା ପରେ ନେତାମାନେ ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ନେଇ ଯେତିକି କ୍ଷୁବ୍ଧ ହୋଇଥିଲେ, କମିଟି ଗଠନ ପରେ ମଧ୍ୟ ସେତିକି ଅସନ୍ତୁଷ୍ଟ ହୋଇଛନ୍ତି। ବରିଷ୍ଠ ନେତାମାନେ ଦଳର ଡିସିସନ ମେକିଂ ପ୍ରକ୍ରିୟାରେ ରହିଲେ ନାହିଁ। ବରଂ ହଁରେ ହଁ ମିଶାଉଥିବା କିଛି ଅଳ୍ପ ଅନୁଭୂତି ସମ୍ପନ୍ନ ନେତାଙ୍କୁ ରାଜନୈତିକ ବ୍ୟାପାର କମିଟି ବା ପିଏସିରେ ନିଆଯାଇଛି। ଚର୍ଚ୍ଚା ହେଉଛି ବିଜେଡିରେ ଏବେ ବି 'ପ'-ଫ୍ୟାକ୍ଟର ସକ୍ରିୟ ରହିଛି। ଦଳ ଗଠନ ଦିନରୁ ହିଁ ପ୍ୟାରୀମୋହନ ମହାପାତ୍ରଙ୍କଠାରୁ ଆରମ୍ଭ କରି ପାଣ୍ଡିଆନଙ୍କ ପର୍ଯ୍ୟନ୍ତ ସବୁବେଳେ ➪ପୃଷ୍ଠା-୬

### ତ୍ରିରଙ୍ଗା ଯାତ୍ରାରେ ବୁଲିଲେ ମୁଖ୍ୟମନ୍ତ୍ରୀ

# ଆତଙ୍କୀବିରୋଧୀ ଅଭିଯାନକୁ ସଶକ୍ତ କରିବ

**ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ):** 'ଅପରେସନ୍ ସିନ୍ଦୂର'ର ସଫଳତା ପାଳନ ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପଞ୍ଚାୟତର ନୂଆଗାଁ ଛକଠାରୁ ଝାଡୁମଲ୍ଲୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହ ପ୍ରାୟ ୨ କିମି ଅଞ୍ଚଳ ବୁଲିଥିଲେ। ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଏହି ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେନାହିଁ। ଆମ ଜାତୀୟ ପତାକା ତ୍ରିରଙ୍ଗା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ସେନାବାହିନୀର ବୀର ଯବାନମାନେ ଆମ ମା' ଓ ଭଉଣୀଙ୍କ ସିନ୍ଦୂରର ମର୍ଯ୍ୟାଦା ରଖିଛନ୍ତି। ସେଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ। ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷା ସହ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ। ଆବଶ୍ୟକ ପଡ଼ିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ୍ୟ ଜରୁରୀ ଓ ପ୍ରଧାନମନ୍ତ୍ରୀ ଏହାକୁ ➪ପୃଷ୍ଠା-୬



### ଆତଙ୍କବାଦକୁ ବିରୋଧ

# ଏବେ ଭାରତର ଷ୍ଟ୍ରାଟେଜିକାଲ୍ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ,୧୭।୫:** 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟ୍ଟରେ ଓ ସୀମାପାର ଆତଙ୍କବାଦ ବିପକ୍ଷରେ ଭାରତ ପକ୍ଷରୁ ଏକ ୭ଜଣିଆ ପ୍ରତିନିଧି ଦଳ ଚଳିତ ମାସ ଶେଷ ଭାଗରେ ବିଭିନ୍ନ ଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମିଳିତ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ର କେତେକ ସଦସ୍ୟମାନଙ୍କ ସହ ଏହି ପ୍ରତିନିଧି ଦଳ ସଦସ୍ୟମାନେ ନିଜ ନିଜ ଟିମ ସହ କିଛି ପ୍ରମୁଖ ରାଷ୍ଟ୍ର ଭ୍ରମଣ କରିବେ। ଆତଙ୍କବାଦର ସବୁପ୍ରକାର ସ୍ୱରୂପକୁ ନିନ୍ଦା କରି ସେସବୁ ଦେଶରେ ଏହି ପ୍ରତିନିଧି ଦଳ ଭାରତର ଆଭିମୁଖ୍ୟକୁ ଉପସ୍ଥାପନ କରିବେ। ଆତଙ୍କବାଦ ବିପକ୍ଷରେ ଆମ ଦେଶର ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ମଧ୍ୟ ପ୍ରତିନିଧିମାନେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବେ। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି। ଏହି ପ୍ରତିନିଧି ଦଳରେ ବିଭିନ୍ନ ରାଜନୈତିକ ଦଳର ସାଂସଦ, ନେତା, କୂଟନୀତିଜ୍ଞ ସାମିଲ୍ ଅଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଅନ୍ୟତମ। ବିଦେଶ ଗସ୍ତରେ ତାଙ୍କ ସହ କଂଗ୍ରେସର ଶଶୀ ଥରୁର, ବିଜେପିର ରବିଶଙ୍କର ପ୍ରସାଦ, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମକେର ➪ପୃଷ୍ଠା-୬

### ଖୋଲୁଛି ଲବ ହାଁସଦାଙ୍କ ରୋମାନ୍ସ ଡାଏରୀ

# ଦାଦନ ଶ୍ରମିକରୁ ୟୁଟ୍ୟୁବର, ଆଉ ତାପରେ...

**ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ):** ୟୁଟ୍ୟୁବର ଲବ ହାଁସଦାକୁ ନେଇ ଏବେ ସୋସିଆଲ ମିଡିଆରେ ଭାରି ଚର୍ଚ୍ଚା। ବିହାରର ଜଣେ ଝିଅ ଯିଏ ବାଙ୍ଗାଲୋରରେ ଚାକିରି କରୁଥିଲା ତାକୁ ଫ୍ଲର୍ଟ କରୁଥିଲା ଆଉ ଶେଷରେ ସେ ଝିଅଟି ଆତ୍ମହତ୍ୟା କରିଦେଇଛି। ଗତ ୧୨ ତାରିଖରେ ଝିଅଟି ଆତ୍ମହତ୍ୟା କରିବା ପରେ ଲବଙ୍କ ପାରିବାରିକ ଜୀବନକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ଆଉ ଲବଙ୍କ ଇତିହାସ ପୃଷ୍ଠାରୁ ଗୋଟିଏ ପରେ ଗୋଟେ ପୃଷ୍ଠା ଓଲଟାଇଲେ ତାଙ୍କ ଜୀବନର ଅନେକ ଅଜଣା ଦିଗ ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଲବଙ୍କ ପୈତୃକ ଗାଁ ହେଉଛି ମୟୂରଭଞ୍ଜ ଜିଲ୍ଲା ଶରତ ଗାଁରେ। ପରିବାର ସହ ଲବ କିନ୍ତୁ ରହୁଥିଲେ ଭଦ୍ରକର ଚରମ୍ପାରେ। ମୟୂରଭଞ୍ଜ ଛାଡ଼ି କାହିଁକି ଚରମ୍ପା ଆସିଲେ, ତାହା ଏବେ ବି ରହସ୍ୟ। ଚରମ୍ପାରେ ଥିବା ସମୟରେ ୨୦୧୪ରେ ତାଙ୍କର ବାହାଘର ହୋଇଥିଲା। ସେ ଠାକୁରମୁଣ୍ଡା ଅଞ୍ଚଳର ମନୋହରପୁର ଗାଁର ଜଣେ ଯୁବତୀଙ୍କୁ ବାହା ହୋଇଥିଲେ ଏବଂ ତାଙ୍କର ଗୋଟିଏ ୭/୮ ବର୍ଷର ଝିଅ ବି ଅଛି। ବାହାଘରର ୩ ବର୍ଷ ପରେ ରୋଜଗାର ପାଇଁ ସେ ଚେନ୍ନାଇ ଦାଦନ ଖଟିବାକୁ ➪ପୃଷ୍ଠା-୬





## କାନ ଡେରିଥା

ମହାପ୍ରସାଦକୁ ଟେବଲ ଉପରେ
ହୋଟେଲ ଭାବିକି ଖାଇଲ
ପୁରୀ ପରମ୍ପରା ମାଟିରେ ମିଶେଇ
କି ଆନନ୍ଦ ଅବା ପାଇଲ
ସଂସ୍କୃତିକୁ ଭୁଲିଗଲ...
ସେଇ ମହାପ୍ରଭୁ ତୁମ ଅନ୍ନଦାତା
ତୁଛ କାହିଁ ଏତେ ଭାବିଲ ।

■ ଦେବାଶିଷ

# କଂଗ୍ରେସକୁ ଢଳୁଛନ୍ତି କୋଣଠେସା ବିଜେଡି ନେତା

**ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ):** କଂଗ୍ରେସର ଯେଉଁ ନେତାମାନେ ବିଜେଡିକୁ ଯାଇ ସେଠାରେ କୋଣଠେସା ହେଉଛନ୍ତି ସେମାନେ ଏବେ ଘରବାହୁଡ଼ା ପାଇଁ ସଜବାଜ ହେଉଥିବା ବେଳେ ବିଜେଡିରେ ଥିବା ଆଉ କିଛି ସମମାନସିକତାଧାରୀ ନେତା ମଧ୍ୟ କଂଗ୍ରେସ ସହ ଯୋଗାଯୋଗରେ ରହିଛନ୍ତି। ଏହି ତାଲିକା ଧିରେ ଧିରେ ଲମ୍ବା ହେଉଥିବାବେଳେ ସେମାନଙ୍କୁ କୋଳେଇ ନେବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଟିମ୍ ପ୍ରସ୍ତୁତ ଥିବା ବେଳେ କଂଗ୍ରେସ ପକ୍ଷରୁ ଏହା ଉପରେ ନଜର ରଖାଯାଇଛି।

### କୋଳେଇ ନେବାକୁ ଭକ୍ତ ପ୍ରସ୍ତୁତ
### ବିଜେପି ରଖିଛି ନଜର



ଗତ ନିର୍ବାଚନ ପୂର୍ବରୁ ବିଜେଡିକୁ ଯାଇଥିବା ନେତାଙ୍କ ତାଲିକାରେ ରହିଛନ୍ତି କଂଗ୍ରେସର ଉପସଭାପତି ଥିବା ଚିରଞ୍ଜୀବ ବିଶ୍ୱାଳ, କଂଗ୍ରେସର ସାଂସଦ ଥିବା ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂହ ଓ ବିଧାୟକ ଅଂଶୁମାନ ମହାନ୍ତି। ଏମାନଙ୍କ ମଧ୍ୟରୁ ଚିରଞ୍ଜୀବଙ୍କୁ ବାଦ ଦେଲେ ଅନ୍ୟମାନେ ବିଜେଡି ପ୍ରାର୍ଥୀ ହୋଇ ଗତ ନିର୍ବାଚନରେ ହାରିଯାଇଛନ୍ତି। ତେବେ ନିର୍ବାଚନ ପରେ ବିଜେଡିରେ ଏମାନଙ୍କୁ ଆଉ ସେଭଳି ଗୁରୁତ୍ୱ ଦିଆଯାଉନାହିଁ। ବରିଷ୍ଠ ନେତା ଚିରଞ୍ଜୀବ ଏବେ ବିଜେଡିରେ ଏକପ୍ରକାର ଅଲୋଡ଼ା। ଜଗତସିଂହପୁର ରାଜନୀତିରେ ତାଙ୍କର ଅଖଣ୍ଡ ପ୍ରଭାବ ଥିଲେ ମଧ୍ୟ ଦଳ ତାଙ୍କୁ ଯେଭଳି ଗୁରୁତ୍ୱ ଦେବା କଥା ତାହା ଦେଉନାହିଁ। ଭୂପିନ୍ଦର ଏବେ ଅସନ୍ତୁଷ୍ଟ ଶିବିରରେ ଥିବା ବେଳେ ଅଂଶୁମାନ ବି ଅଲୋଡ଼ା ହୋଇପଡିଛନ୍ତି। ସେହିଭଳି ସଦ୍ୟ ବିବାହ କରିଥିବା ପ୍ରଦୀପ ମାଝୀ ମଧ୍ୟ ବିଜେଡିରେ ଅଛନ୍ତି କି ନାହାନ୍ତି ତାହା ବିଜେଡି କର୍ମୀମାନେ ଜାଣିପାରୁନାହାନ୍ତି।

ଏମାନେ ଏବେ କଂଗ୍ରେସକୁ ଫେରିବା ନେଇ ଆଲୋଚନା ଜୋର ଧରିଛି। କାରଣ କିଛିଦିନ ଧରି କଂଗ୍ରେସ ରାଜନୀତିରୁ ଦୂରରେ ଥିବା ପୂର୍ବତନ କଂଗ୍ରେସ ସାଂସଦ ରଞ୍ଜୀବ ବିଶ୍ୱାଳ ଏବେ କଂଗ୍ରେସ ଭବନରେ ଦେଖାଦେଲେଣି। କଂଗ୍ରେସ ନେତାଙ୍କ ସହ ଦାବିପତ୍ର ଦେବା ପାଇଁ ରାଜଭବନକୁ ବି ସେ ଯାଇଥିଲେ। ରଞ୍ଜୀବଙ୍କ ହଠାତ୍ ଆବିର୍ଭାବ ପରେ ଏବେ ➪ପୃଷ୍ଠା-୬ଖୁବଶୀଘ୍ର ➪ପୃଷ୍ଠା-୬

### ପିସିସି ସଭାପତିଙ୍କ ନୂଆ ଟିମ

ଘୋଷଣା ହେଲା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନୂଆ ଟିମ୍। ପୁନର୍ଗଠିତ ହୋଇଛି ରାଜ୍ୟ କଂଗ୍ରେସ। ୭ ଉପସଭାପତି, ୧୦ ଜଣ ସାଧାରଣ ସମ୍ପାଦକ, ୧୨ ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷଙ୍କ ସମେତ ଘୋଷଣା ହୋଇଛି ସୋସିଆଲ ମିଡିଆ ବିଭାଗର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ନାମ। ଏହିସବୁ ନାମରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମୋହର ମାରିଛନ୍ତି। ଏନେଇ ଦଳ ପକ୍ଷରୁ ଆଜି ପ୍ରକାଶ ପାଇଛି ବିଜ୍ଞପ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ପାଇବାର ଦୁଇ ମାସ ପରେ ନିଯୁକ୍ତି ପାଇଛନ୍ତି ଦଳର କର୍ମକର୍ତ୍ତା। ଉପସଭାପତି ଭାବେ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ବିଧାୟକ ସିଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା ନିଯୁକ୍ତି ପାଇଛନ୍ତି। ସେହିପରି ନୂଆ କମିଟି ଗଠନ ନେଇ ପିସିସି ସଭାପତି ଶ୍ରୀ ଦାସଙ୍କ ସୁପାରିସ ଆଧାରରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଞ୍ଜୁରୀ ଦେଇଥିବା ଏଆଇସିସି ସାଧାରଣ ସମ୍ପାଦକ ତଥା ସାଂସଦ କେସି ବେଣୁଗୋପାଳ ଜଣାଇଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ମାହାଙ୍ଗା, ୧୭।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ରୋଗୀ କଲ୍ୟାଣ ସମିତିର ନୂତନ ଭାବେ ପରିଚାଳନା କମିଟି ସଦସ୍ୟ ମାନଙ୍କ ସହ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉପସ୍ଥିତ ରହି ମେଡିକାଲର ବିଭିନ୍ନ ଉନ୍ନତି ନେଇ ସମୀକ୍ଷା କରିବା ସହ ମେଡିକାଲରେ ବୁଲି ରୋଗୀ ମାନଙ୍କ ସହ ମିଶି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ମେଡିକାଲରେ ଖାଲି ଥିବା ପଦବୀ ଗୁଡିକ ପୂରଣ ନେଇ ଆଲୋଚନା କରିଥିଲେ। ମେଡିକାଲର ଉନ୍ନତି ପାଇଁ ନୂତନ ଗୃହ ନିର୍ମାଣ ନେଇ ମଧ ଆଲୋଚନା ହୋଇଥିଲା। ତାହା ସହ ମେଡିକାଲରେ ରୋଗୀଙ୍କ ପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ଯନ୍ତ୍ରପାତି ଆସିବା ପାଇଁ କହିଥିଲେ ବିଧାୟକ । ଏହି ସମୀକ୍ଷା ବୈଠକରେ ମେଡିକାଲ ଅଫିସର, ନୂତନ କମିଟିର ସଦସ୍ୟ ସଦସ୍ୟାଙ୍କ ସହିତ ମାହାଙ୍ଗା ବ୍ଲକ ଅଧକ୍ଷା, ବିଡ଼ିଓ, ଶିକ୍ଷା ବିଭାଗ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବିଭାଗର ଅଫିସରମାନେ ଉପସ୍ଥିତ ଥିଲେ। ଏଥିସହିତ ଜାଜ୍ଞସିନି ଜେନା, ପୂର୍ବତନ ମାହାଙ୍ଗା ବ୍ଲକ୍ ଅଧକ୍ଷା, କନକ ଲତା ବେହେରା, ତ୍ରିଲୋଚନ ପ୍ରହରାଜ, ଶ୍ରିକୃଷ୍ଣପୂର ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ ।

## କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ପକ୍ଷରୁ ମୃତ ଦାଦନ ପରିବାରକୁ ସହାୟତା



**କେନ୍ଦ୍ରାପଡ଼ା, ୧୭।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍‌ର ମହାକାଳପଡା ଶାଖା ପକ୍ଷରୁ ସାହାବାଜପୁର ଗ୍ରାମର ମୃତ ଦାଦନ ଶ୍ରମିକ ଯଜାତି ସ୍ୱାଇଁଙ୍କ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ୱର୍ଗତ ଯଜାତି ଗୁଜୁରାଟର ସୁରାଟ ଠାରେ ଲୁଗାକଳରେ କାମ କରୁଥିବା ବେଳେ ଲିଭର ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଫଳରେ ତାଙ୍କ ଅସହାୟ ପରିବାର ଆର୍ଥିକ ସଙ୍କଟରେ ଗତି କରୁଥିବା ବେଳେ ତାଙ୍କର ଶୁଦ୍ଧିକ୍ରିୟା କରିବା ମଧ ଅସମ୍ଭବ ହୋଇ ପଡିଥିଲା। ଖବରପାଇ ସୋସାଇଟର ପ୍ରତିଷ୍ଠାତା ସଭାପତି ସମାଜସେବୀ ପ୍ରମୋଦ ସାହୁ ସଂପୃକ୍ତ ପରିବାର ନିକଟରେ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ରକିଛନ୍ତି । ନିର୍ଦ୍ଦେଶକ ଦିଲିପ ରାଉତ, ପରିଚାଳକ ସାନ୍ତନୁ ସାହୁ, ଜମା ସଂଗ୍ରହକାରୀ ଆଲୋକ ସ୍ୱାଇଁ, ଅନ୍ନଦ ପ୍ରଧାନ, ଅଭୟ ସାମଲ, କନକପ୍ରଭା ନନ୍ଦ ପ୍ରମୁଖ ସହାୟତା ପ୍ରଦାନ ସମୟରେ ଉପସ୍ଥିତ ଥିଲେ । ଏହା ସହ ତାଙ୍କର ଦୁଇ ଶିଶୁ ପୁତ୍ର ସ୍କୁଲରେ ପଢୁ ଥିବାରୁ ତଙ୍କୁ ମଧ ଶିକ୍ଷା ସହାୟତା ପ୍ରଦାନ ପାଇଁ ପ୍ରତିଶୃତି ଦିଆଯାଇଛି । ସୋସାଇଟର ଏହି ମହତ କାର୍ଯ୍ୟକୁ ସ୍ଥାୟୀୟ ଅଂଚଳରେ ଭୁରି ଭୁରି ପ୍ରଶଂସା କରାଯାଇଛି ।

### କେନ୍ଦ୍ରାପଡା କଲେଜ ସିସିରୋଡ ନିର୍ମାଣରେ ଦୁର୍ନୀତି
## ଭିଜିଲାନ୍ସ ଟିମର ତଦନ୍ତ ଆରମ୍ଭ



**କେନ୍ଦ୍ରାପଡ଼ା, ୧୭।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୬୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଦୁର୍ନୀତିର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ବୈଷୟିକ ଟିମ କଲେଜ ପରିସରରେ ଶନିବାର ପହଞ୍ଚି ତଦନ୍ତ କରିଛନ୍ତି । ଡିଏସପି ଭିଜିଲାନ୍ସ ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ନେତୃତ୍ୱରେ ଏହି ବୈଷୟିକ ଟିମ ମହାବିଦ୍ୟାଳୟ ପରିସରରେ ପହଞ୍ଚି ସିମେଣ୍ଟ କଂକ୍ରିଟ ରାସ୍ତାର ଭିନ୍ନ ଭିନ୍ନ ସ୍ଥାନକୁ ମେସିନ ସହାୟତାରେ ଖୋଳି ସାମ୍ପୁଲ ସଂଗ୍ରହ କରିଥିଲେ । ଏହି ଟିମରେ ରାଜ୍ୟ ସରକାରଙ୍କ ମାନ ନିଶ୍ଚିତତା ବିଭାଜନ କାର୍ଯ୍ୟାଳୟର ଭ୍ରାମ୍ୟମାଣ ପରୀକ୍ଷଣ ଯାନରେ ଆସିଥିବା ଯନ୍ତ୍ରୀ ଓ ଟେକନିସିଆନମାନେ ସିସିରୋଡର ଭିନ୍ନ ଭିନ୍ନ ସ୍ଥାନକୁ ଖୋଳି ସେଠାରୁ ସାମ୍ପୁଲ ସଂଗ୍ରହ କରିଥିଲେ। ସେହି ରାସ୍ତା ନିର୍ମାଣରେ ପ୍ରାୟ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଲ କରି ଉଠାଇ ନିଆଯାଇଥିବା ପୁରାତନ ଛାତ୍ର ପ୍ରତାପ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ପଠାଇ ଦେବା ସହ ତାହା ଉପରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ କରାଯାଇଛି ।

# ଅନାସ୍ଥା ଭୋଟ ସ୍ଥଗିତ ରଖିଲେ ହାଇକୋର୍ଟ

**୨୧ରେ ହୋଇଥାଆନ୍ତା ଅଧକ୍ଷାଙ୍କ ବିରୋଧରେ ଭୋଟ**

**ମହାକାଳପଡ଼ା, ୧୭।୫ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକରେ ୨୧ ତାରିଖରେ ହେବାକୁ ଥିବା ଅନାସ୍ଥା ବୈଠକକୁ ବନ୍ଦ କରିଦେଇଛନ୍ତି ହାଇକୋର୍ଟ। ବିଜଦ ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଏକ-ତୃତୀୟାଂଶ ପଞ୍ଚାୟତ ପ୍ରତିନିଧି ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଗତ ଏପ୍ରିଲ ଗତ ୫ ତାରିଖରେ ଏହି ଅନାସ୍ଥାକୁ ନେଇ ମହକାଳପଡା ବ୍ଲକରେ ଭୋଟ ହେବାକୁ ଥିଲା । କିନ୍ତୁ ଦିନକ ପୂର୍ବରୁ ଏହି ଭୋଟକୁ ବନ୍ଦ କରି ଦେଇଥିଲେ ଉପ-ଜିଲ୍ଲାପାଳ। ଏକ ପାଖିଆ ଭାବେ ଶାସକ ଦଳର ଇଙ୍ଗିତରେ ନିର୍ବାଚନକୁ ସ୍ଥଗିତ ରଖିଥିବା ଅଭିଯୋଗ କରିଥିଲେ ଅଧକ୍ଷା। ଏଥି ପାଇଁ ଉପାଧକ୍ଷ ବିଜୟ ଶୁକ୍ଳା ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇ ରିଟ୍ ପିଟିସନ୍ ଦାଖଲ କରିଥିଲେ । କୋର୍ଟରେ ମାମଲା ଥିବା ବେଳେ ସେହି ଏପ୍ରିଲ ୨୧ ତାରିଖରେ ସାନି ନିର୍ବାଚନ କରିବାକୁ ଉପ-ଜିଲ୍ଲାପାଳ ଆଉ ଏକ ନୋଟିସ କରିଥିଲେ । ୨୯ ତାରିଖ ଦିନ ଅନାସ୍ଥା ଭୋଟ କରାଯିବ ବୋଲି ଏହି ନୋଟିସରେ କୁହାଯାଇଥିଲା ।

ଉପାଧକ୍ଷ ଶ୍ରୀ ଶୁକ୍ଳାଙ୍କ ମଧବର୍ତ୍ତୀକାଳୀନ ଆବେଦନକୁ ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥି ଶୁଣାଣୀ କରି ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଅନାସ୍ଥା ଭୋଟକୁ ବନ୍ଦ କରି ଦେଇଥିଲେ। ଏଥିସହିତ ମାନ୍ୟବର କୋର୍ଟ ତାଙ୍କ ନିର୍ଦ୍ଦେଶରେ ଓଡିଶା ପଂଚାୟତ ସମିତି ଅଧିନିୟମ ୧୯୫୯ ଧାରା୪୬-ବି(ଏଫ୍)କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇ କରାଯାଇଛି ବୋଲି ପୂର୍ବରୁ ଦର୍ଶାଇ ଥିଲେ। ତେବେ ପରବର୍ତ୍ତି ଆଦେଶରେ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥ ରିଟ୍ ପିଟିସନର ଶୁଣାଣୀ କରି ଚୁଡାନ୍ତ ରାୟ ଶୁଣାଇ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସାନି ତାରିଖ କରାଯାଇ ମହାକାଳପଡା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପାଇଁ ସ୍ୱତନ୍ତ୍ର ସଭାରେ ଭୋଟ କରାଇ ଯାଇ ପାରିବ କୋର୍ଟ ସ୍ପଷ୍ଟ ମତ ଦେଇଥିଲେ।

ଉପଜିଲ୍ଲାପାଳଙ୍କ ପକ୍ଷରୁ ଆସନ୍ତା ୨୧ ତାରିଖରେ ପୁଣି ଅନାସ୍ଥା ଭୋଟ କରାଯିବ ବୋଲି ତୃତୀୟ ଥର ନୋଟିସ କରାଯାଇଥିଲା। ଏକ ବିଚାରପତିଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱୈତ ଖଣ୍ଡପୀଠଙ୍କ ଦ୍ୱାରସ୍ତ ହୋଇଥିଲେ ଆବେଦନକାରୀ। ଏହି ମାମଲାର ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହାରି ଶ୍ରୀ ରମଣ ଶୁଣାଣୀ କରି ପୂର୍ବରୁ ହାଇକୋର୍ଟଙ୍କ ଏକକ ବିଚାରପତି ଦେଇଥିବା ରାୟକୁ ରଦ୍ଦ କରି ଦେଇଛନ୍ତି। ୨୧ରେ ଅନାସ୍ଥା ଭୋଟ ହୋଇ ପାରିବନି ବୋଲି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶରେ କହିଛନ୍ତି । ନ୍ୟାୟଳୟ କହିଛନ୍ତି କି, ୯ ଜଣ ସଦସ୍ୟ ଅସୁସ୍ଥତା ଦେଇଖାଇ ଉପ-ଜିଲ୍ଲାପାଳ ଯେଉଁ ଭଳି ନିର୍ବାଚନକୁ ଏପ୍ରିଲ ୪ ତାରିଖରେ ସ୍ଥଗିତ ରଖିଲେ ସନ୍ଦେହ ସୃଷ୍ଟି କରୁଛି। ସଦସ୍ୟମାନେ ଅସୁସ୍ଥତାର କୌଣସି ପ୍ରମାଣ ନାହିଁ। ହାଇକୋର୍ଟଙ୍କ ଦ୍ୱୈତ ଖଣ୍ଡପୀଠ ବାଲ୍ମିକ ରାୟ ବନାମ ରାଜ୍ୟ ସରକାରଙ୍କ ୨୦୦୭ ମସିହାରେ ରାୟକୁ ଅନୁସରଣ କରି ଆହୁରି କହିଛନ୍ତି କି, ସ୍ଥଗିତ କରଣ ଓ ବାଦ ଦେବା ଭିନ୍ନ । ବାଦ ଦେବା ବୈଠକ ଆରମ୍ଭ ହେବା ପୂର୍ବରୁ ହୁଏ । କିନ୍ତୁ ସ୍ଥଗିତ କରଣ ଅନାସ୍ଥା ପାଇଁ ବୈଠକ ଆରମ୍ଭ ଆରମ୍ଭ ପରେ ହୁଏ । ଅନାସ୍ଥା ପାଇଁ ମୂଳରୁ ଆଉ ଥରେ ପ୍ରକ୍ରିୟା ହୋଇ ପାରିବ ବୋଲି କୋର୍ଟ କହିଛନ୍ତି । ଏହି ରାୟ ଆସିବା ପରେ ଜିଲ୍ଲା ପ୍ରଶାସନକୁ ପୁଣି ବଡ ଝଟକା ଲାଗିଛି । ତୃତୀୟ ଥର କରାଯାଇ ଥିବା ନୋଟିସକୁ ଶନିବାର ଉପ-ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାତିଲ କରିଥିବା ଜଣାପଡିଛି। ଏହି ଅଧକ୍ଷା ନିର୍ବାଚନ ଭାଜପା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଏବଂ ବିଜଦର ଟାଣୁଆ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିଲା । ଉଭୟ ନେତା ବେଶ ତତ୍ପର ହୋଇ ପଡିଥିଲେ। ତୃତୀୟ ଥର ବି ଅଧକ୍ଷା ଅନାସ୍ଥା ଭୋଟରେ ଭାଜପା ଫେଲ ମାରିଥିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ବୁଦ୍ଧଦେବ ରାଉତ ରାୟ ଓ ତନ୍ମୟ ମିଶ୍ର ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ମହାଧିବକ୍ତା ପିତାମ୍ବର ଆଚାର୍ଯ୍ୟ ଓ ଶାସତ୍ୱ ଦାସ ପରିଚାଳନା କରୁଥିଲେ ।

## ପଲେଇ-ବିଶୋକ ରାସ୍ତା ପାଲଟିଛି ମରଣଯନ୍ତା



**ଦୈନନ୍ଦିନ ଘଟୁଛି ଦୁର୍ଘଟଣା**

**ଚିର ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ**

**ଡେରାବିଶ, ୧୭।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ-ବିଶୋକ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଏକାଧିକ ଗାତ୍ସ ସୃଷ୍ଟି ଯୋଗୁଁ ଅଞ୍ଚଳବାସୀ ହିନସ୍ତା ହେଉଛନ୍ତି। ଦୈନନ୍ଦିନ ଏକାଧିକ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଥିବାରୁ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ସୁଗମନା ଗମନ ପାଇଁ ଏହି ରାସ୍ତାର ପରିକଳ୍ପନା କରାଯାଇଥିଲା। ୧୧ ନଂ କେନାଲର ବାମ ପାର୍ଶ୍ୱ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇ ପ୍ରାୟ ପାଞ୍ଚଗୋଟି ପଞ୍ଚାୟତକୁ ସଂଯୋଗୀକରଣର ଲକ୍ଷ ରଖାଯାଇଥିଲା । କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ସମୟରେ ଏହାର ମାନକୁ ଦେଖି ଅଞ୍ଚଳବାସୀ ଆପତ୍ତି ଉଠାଇଥିଲେ। ମାତ୍ର ଏଥିପ୍ରତି ଗୁରୁତ୍ୱ ଦିଆଯାଇନଥିଲା।

ଏହି ରାସ୍ତା ଉପରେ ଖମୋଳ, କାଉପଡା, ପଲେଇ, ଚାତର଼ାଚକଡା ଓ ଗୋଲରାହାଟ ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ମାତ୍ର ନିର୍ମାଣର ଅଳ୍ପ ଦିନ ମଧରେ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଠିକାଦାରଙ୍କ ଦ୍ୱାରା ମରାମତି କରାଯାଇଥିଲେ ମଧ ତାହା ଧର୍ମକୁ ଆଖି ଠାର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମାନ ପ୍ରତି ଧାନ ଦିଆଯାଇ ନଥିବାରୁ ଏହି ରାସ୍ତାରେ ଏକାଧିକ ଗାତ୍ସ ସୃଷ୍ଟି ହେବା ଦ୍ୱାରା ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହି ରାସ୍ତାଟି ୫୩ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ବହୁ ଚାରିଚକିଆ ଯାନ ଯାତାୟତ କରିଥାନ୍ତି। ୧୫ ଦିନ ମଧରେ ଏହି ରାସ୍ତାରେ ପ୍ରାୟ ୮ଟି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାସ୍ତାଟି ଖୁବଶୀଘ୍ର ଯାତାୟତ ଉପଯୋଗୀ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।




## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନଳକୂପ ଅଚଳ

**ସାଲେପୁର, ୧୭।୫ (ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଦୀର୍ଘଦିନ ହେବ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ ନଳକୂପ ଅଚଳ ହୋଇପଡ଼ିଥିଲେ ମଧ ଏହାକୁ ମରାମତି କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩ଟି ନିର୍ବାଚନ ମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଦୈନନ୍ଦିନ ଶହ ଶହ ସଂଖ୍ୟକ ରୋଗୀ ଚିକିତ୍ସିତ ହେବାପାଇଁ ଆସିଥାନ୍ତି। ଏବେ କିନ୍ତୁ ଦୁଃଖର ବିଷୟ ପ୍ରବଳ ରୌଦ୍ର ତାପ ସମଗ୍ର ରାଜ୍ୟରେ ପ୍ରବାହିତ ହେଉଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଗଣା ଜଳଛତ୍ରର ବ୍ୟବସ୍ଥା ହେଉଥିଲେ ମଧ ଖୁଦ୍ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ନଳକୂପଟି ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକମାନେ ପାଣି ମୁନ୍ଦେ ପାଇବାପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ରୋଗୀ ଅଭିଭାବକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ଏହି ଅଚଳ ହୋଇଥିବା ନଳକୂପକୁ ମରାମତି କରିବାପାଇଁ ସାଧାରଣରେ ଦାବି ହୋଇଛି।

## ୨୦୧୧ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ




**ଆଳି, ୧୭।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ସିଙ୍ଗିରି ନୋଡାଲ ଉ.ପ୍ରା ବିଦ୍ୟାଳୟର ୨୦୧୧ ମସିହା ସପ୍ତମ ଶ୍ରେଣୀ ବ୍ୟାଚର ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ବହୁ ବାଦ ବିବାଦ ପରେ ହୋଇଛି ବନ୍ଧୁ ମିଳନ ଏବଂ ଗୁରୁପୂଜନ । ମିଳିତ ବ୍ୟାଚ ସଂଯୋଜନାରେ ସଫଳ ହୋଇପାରିଛି ଏହି ବନ୍ଧୁ ମିଳନ । ଦୀର୍ଘ ୧୪ ବର୍ଷର ବ୍ୟବଧାନରେ ଆଜି ହୋଇପାରିଛି। ଚିହ୍ନା ମୁହଁ ଅଚିହ୍ନା ଲାଗୁଥିଲେବି ନିଜକୁ ନିଜର ପରିଚୟ ପ୍ରଦାନ କରି ଫେରି ଯାଇଥିଲେ ସେହି ପିଲାଦିନକୁ। ପରେ ଭାବ ବିହ୍ୱଳ ହୋଇ ପୁରାତନ ଛାତ୍ରଛାତ୍ରୀ ହଜିଲା ଅତୀତକୁ ନିଜର ପିଲାଦିନର କାହାଣୀ ବଖାଣି ଥିଲେ । ପରେ ପୁରାତନ ଶିକ୍ଷକ ଏବଂ ବର୍ତ୍ତମାନର ଶିକ୍ଷକ ମାନଙ୍କୁ ପାଛୁଟି ଆଣିଥିଲେ ଛାତ୍ରଛାତ୍ରୀମାନେ। ପ୍ରଥମେ ଛାତ୍ରଛାତ୍ରୀମାନେ ନିଜ ହାତରେ ଶିକ୍ଷକଙ୍କ ଗୋଡ ଧୋଇବା ସହ ଫୁଲ ପକାଇ ସ୍ୱାଗତ କରିଥିଲେ। ପରେ ଉତ୍ତରୀୟ ପୁଷ୍ପଗୁଛ ଦେଇ ଭକ୍ତିମୟ ପରିବେଶରେ ଗୁରୁପୂଜା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଆଜିର ଏହି ଗୁରୁ ଶିଷ୍ୟଙ୍କ ମିଳନର ମହାନ ପର୍ବ ସରସ ସୁନ୍ଦର ହୋଇପାରିଥିଲା । ପରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଅଟକିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାମ

**ଡେରାବିଶ, ୧୭।୫ (ସଂଚାର ବ୍ୟୁରୋ):** ସରକାର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ଯୋଜନାର ସୁଫଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଁ ତିନିବର୍ଷ ପୂର୍ବେ ବ୍ୟୟ ଅଟକଳ କରାଯାଇଥିଲେ ହେଁ ଏହାର କାମ ଆଗେଇ ପାରିନି । ଫଳରେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏମିତି ଦେଖୁବାକୁ ମିଳିଛି ଡେରାବିଶ ବ୍ଲକ୍ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ । ପ୍ରଧାନମନ୍ତ୍ରୀ ଯୋଜନାରେ ହେବାକୁ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପ୍ରାୟ ତିନିବର୍ଷ ପୂରିବ, ଶେଷ ହୋଇପାରିଲା ନାହିଁ। ବେଣିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରଶାସନ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ୩୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିପାଇଁ କମ୍ୟୁନିଟି ହେଲଥ୍ ଅଫିସର (ସିଏଚଓ) ଙ୍କୁ ନିୟୋଜିତ କରାଯାଇଛି। ତେବେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାମ ଶେଷ ହୋଇ ନଥିବାରୁ ଲୋକେ ଚିକିତ୍ସା ଓ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି କେନ୍ଦ୍ର ଶେଷ ହେଲେ ସ୍ଥାନୀୟ ପଞ୍ଚାୟତର ସଦାନନ୍ଦପୁର, ରାଏତୁଣ୍ଡି, ବଜାର ଓ ବେଣିପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହେବେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହେବା ପାଇଁ ସ୍ଥାନ ସମସ୍ୟା ହେଉଥିବାବେଳେ ପ୍ରଶାସନର ଅବହେଳା ଯୋଗୁଁ ସମସ୍ୟାର ସମାଧାନ ହେଇପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି । ତୁରନ୍ତ ଜାଗାର ସମସ୍ୟା ଦୂର କରିବା ସହ କାର୍ଯ୍ୟକୁ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତେରଗାଁ ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା



**ମହାକାଳପଡ଼ା, ୧୭।୫ (ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧରେ ଲଢ଼େଇ "ଅପରେସନ ସିନ୍ଦୂର"ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି । ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଶତାଧିକ ଜନସାଧାରଣ, ମହିଳା ଓ ବୁଦ୍ଧିଜୀବୀ ମାନେ ଯୋଗଦେଇ ଭାରତ ମାତା ଓ ବୀର ଯବାନ ମାନଙ୍କର ଜୟ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ସେଠୀ, ସୌବଲ୍ୟ ବାହାଲିଆ, ପ୍ରଦୀପ ସେଠୀ, ହୃଷୀକେଶ ଦାସ, ଅଞ୍ଜନ ମୁଦୁଲି, ନାରାୟଣ ମଲ୍ଲ, ପ୍ରିୟ ରଂଜନ ନାୟକ, ଦେବେନ୍ଦ୍ର ଦାସ , ନିରଞ୍ଜନ ସେଠୀ, ନିର୍ମଳ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ଠାକୁର ନିଗମାନନ୍ଦ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ରାଜନଗର, ୧୭।୫ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସଦେବଙ୍କ ଆଞ୍ଚଳିକ ଆସନ ମନ୍ଦିରର ସପ୍ତମ ବାର୍ଷିକ ଗୃହାସନ ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସଂଘର ସଭାପତି ବିଜୟ କୁମାର ଜେନାଙ୍କ ସଂଯୋଜନାରେ ନୀତିକାନ୍ତି କାର୍ଯ୍ୟ କରାଯାଇଥିଲା। ନୀଳାଚଳ ସାରସ୍ୱତ ସଂଘ, କେନ୍ଦ୍ର ଆସନ ମନ୍ଦିର ବିରତୁଙ୍ଗର ବରିଷ୍ଠ ସଂଘସେବୀ ଶିକ୍ଷାବିତ ଅଭିମନ୍ୟୁ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବକ ଅଜୟ କୁମାର ନାୟକ, ତ୍ରିଲୋଚନ ସାହୁ, ଗୋକୁଳ ଚନ୍ଦ୍ର ମାହୁନ୍ତ, ବିଶ୍ୱ ରଞ୍ଜନ ଜେନା, ବିପ୍ଳବ କୁମାର ଜେନା, ଆଇଆଇସି ନରେଶ କୁମାର ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, କୈଳାଶ ଚନ୍ଦ୍ର ମହାନ୍ତି, ଗାଳ୍ପିକ ପ୍ରଦୀପ କୁମାର ନାୟକ, ଦାଶରଥି ଲେଙ୍କା, ଅନିଲ କୁମାର ବଳ, ରବି ନାରାୟଣ ଲେଙ୍କା, ଶୁଭ୍ରଜ କୁମାର ବରାଳ, ମଧୁସୂଦନ ସାହୁ, ଦାମୋଦର ସ୍ୱାଇଁ, ବୀର କିଶୋର ଜେନା, ଦୟାନିଧି ସ୍ୱାଇଁ, ବିକ୍ରମ କୁମାର ଦାସ, ପ୍ରଶାନ୍ତ କୁମାର ରାଉତ, ଅଶୋକ କୁମାର ମହାନ୍ତି, ଦିଲ୍ଲୀପ କୁମାର ରାଉତ, ସମୀର କୁମାର ପରିଡା, କଳାକାର ପ୍ରଧାନ, କୈଳାଶ ଚନ୍ଦ୍ର ସାହୁ, ନଳିନୀକାନ୍ତ ବିଶ୍ୱାଳ, ତୁଷାର କାନ୍ତ ନାୟକ, ନବ କିଶୋର ବାରିକ, ରତ୍ନାକର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଦୁର୍ନୀତିର ଗନ୍ତାଘର କଟକ ଜିଲ୍ଲା ଶିକ୍ଷା ବିଭାଗ
# ଡିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଟକ, ୧୭।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଦୁର୍ନୀତି ହେଉଥିବା ବେଳେ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରିମାନେ ଏହିସବୁ ଦୁର୍ନୀତିରେ ସଂଶ୍ଲିଷ୍ଟ ଥିବା ଦେଖିବାକୁ ମିଳୁଛି। ପ୍ରତି ମାସରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ୩୦ ହଜାରରୁ ୯୦ ହଜାର ପର୍ଯ୍ୟନ୍ତ ଦରମା ପାଉଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ଶିକ୍ଷାଦାନ ପ୍ରତି ଅଣଦେଖା କରି ସରକାରଙ୍କ ବିଭିନ୍ନ ଅନୁଦାନ ଅର୍ଥକୁ କିପରି ହରିଲୁଟ୍ କରିବେ ସେଥିପ୍ରତି ଗୁରୁତ୍ୱ ଦେଉଥିବା କଥା ଅଭିଯୋଗ ହେଉଛି। ଏପରିକି ସରକାରଙ୍କ ସବୁ ନୀତି ନିୟମକୁ ଉଲ୍ଲଂଘନ କରାଯାଉଥିବାର ଠୋସ୍ ପ୍ରମାଣ ରହିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ। ଏଣୁ କଟକ ଜିଲ୍ଲା ଶିକ୍ଷା ବିଭାଗରେ ଯେତେ ଅନ୍ୟାୟ, ଅନିତି, ଦୁର୍ନୀତି ହେଲେ ମଧ ଶିକ୍ଷା ବିଭାଗର ବଡ ପଣ୍ଡାମାନେ ସେସବୁକୁ ମାପ୍ କରୁଥିବାରୁ ବୁଦ୍ଧିଜୀବୀ ମହଲରେ ଶିକ୍ଷକ ସମାଜକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି।

ଏଠାରେ ସୂଚନା ଥାଉକି ଗତ ଫେବୃଆରି ମାସରେ ନିଶ୍ଚିନ୍ତକୋଇଲି ବାଲିଆପଦା ବିଦ୍ୟାଳୟ ସମୁହର ଛାତ୍ରଛାତ୍ରୀମାନେ ଏକ ଟ୍ରଲିରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ସାମଗ୍ରୀ ବୋହି ନେଉଥିବା ଖବର ପ୍ରକାଶ ପାଇଥିଲା ଯାହାର ପ୍ରମାଣ ସହିତ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ ରାଉତଙ୍କୁ ଅବଗତ କରାଯାଇଥିଲେ ମଧ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବ ଦ୍ରଷ୍ଟା ସାଜିଥିଲେ। ପରେ ପରେ ୩ମାସ ତଳେ ଅବସର ନେଇଥିବା ଏବିଇଓ ପାର୍ବତୀ ନନ୍ଦଙ୍କୁ ଏକ ସମ୍ବର୍ଦ୍ଧନା ଆଳରେ ଗତ ଅପ୍ରିଲ ମାସ ୧୬ତାରିଖରେ ବାବା ତାରକ ଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ସବୁ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ଏକ ନୈଶ ଭୋଜିର ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷକ ସଙ୍ଗର ଉଚ୍ଚ ପଦସ୍ଥ କର୍ମକର୍ତ୍ତା, ବିଭିନ୍ନ କ୍ଲଷ୍ଟରର ସିଆରସିସି ଏପରିକି ଦୀର୍ଘଦିନ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରୀଣୀ ସଂଯୁକ୍ତା ମହାପାତ୍ର ଓ ମାହାଙ୍ଗା ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ଯୋଗ ଦେଇଥିଲେ।

ସେହିପରି ଚଳିତ ମାସ ୮ତାରିଖ ନିଶ୍ଚିନ୍ତକୋଇଲି ମଣ୍ଡଳ ଧଳପଡା କ୍ଲଷ୍ଟର ଗୋପପୁର ପ୍ରାଥମିକ ବିଦ୍ୟାଳୟରେ କିଛିଦିନ ତଳେ ଅବସର ଗ୍ରହଣ ନେଇଥିବା ପ୍ରଧାନ ଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ଆସିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ସତ୍ତ୍ୱେ ସରକାରଙ୍କ ସବୁ ନୀତି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଉକ୍ତ କ୍ଲଷ୍ଟର ସିଆରସିସି ନରେନ୍ଦ୍ର ନାଥ ସାହୁ ବିଭିନ୍ନ କ୍ଲଷ୍ଟରର ସିଆରସିସି,ଏବିଇଓ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଶେଷ କରି କୋମଳମତୀ ଛାତ୍ରଛାତ୍ରୀଙ୍କୁ ଧୁଧୁ ଖରାରେ ବିଦ୍ୟାଳୟ ପରିସରରେ ରଖି ସମ୍ବର୍ଦ୍ଧନା ସଭା ଓ ଭୋଜି ଭାତର ଆସର ଜମାଇ ଥିଲେ।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ କିଛିଦିନ ତଳେ ଖୋଦ୍ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇଜଣ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ନିଶାପାନ କରୁଥିବାର ଫୋଟୋ ଚିତ୍ର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା। ଏପରିକି ଅଫିସ୍ କାର୍ଯ୍ୟାଳୟର ଆଲମାରିରେ ମାଦକ ଦ୍ରବ୍ୟ ଥିବାର ଫଟୋ ଭାଇରାଲ ମଧ ହୋଇଥିଲା। ଏତେସବୁ ଘଟଣା ଘଟିଥିଲେ ମଧ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛନ୍ତି।

କଟକ ଜିଲ୍ଲା ଶିକ୍ଷା ବିଭାଗର ମୁଖିଆ ତଥା ଡିଇଓ ଡଃ ସନ୍ତୋଷ କୁମାର ରାଉତ ଯିଏ ପୂର୍ବରୁ ବିଜେଡି ଦଳ ବଳରେ ବଳିଆନ ହୋଇ ପୂର୍ବରୁ ଦୁର୍ନୀତି ଅନିତିର ଗନ୍ତାଘରରେ ପରିଣତ ହୋଇଥିବା ବେଳେ ଏବେ ଯଥା ପୂର୍ବଂ ତଥା ପରମ୍ ନୀତିରେ ଚାଲିଥିବା କଥା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି ବିଜେଡି ବଳରେ ବଳିଆନ ଥିବା ଡିଇଓ ସନ୍ତୋଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ଜୋର୍ ଧରିଥିବା ବେଳେ ରାଜ୍ୟ ଶିକ୍ଷା ବିଭାଗ ସଚିବ, ଶିକ୍ଷାମନ୍ତ୍ରୀ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଡିଇଓ ଡ଼ଃ ରାଉତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସମଗ୍ର କଟକ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଏକ ପ୍ରକାରର ବିପର୍ଯ୍ୟସ୍ତ ହେବାକୁ ଡେରି ଲାଗିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



## ଏଫ୍‌ସିଆଇ ଅବସରପ୍ରାପ୍ତ କର୍ମଚାରୀ ମଙ୍ଗଳ ସମିତି ସମ୍ମିଳନୀ



ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଭାରତୀୟ ଖାଦ୍ୟ ନିଗମ ଅବସରପ୍ରାପ୍ତ କର୍ମଚାରୀ ମଙ୍ଗଳ ସମିତି ଓଡ଼ିଶାର ତ୍ରୈମାସିକ ସମ୍ମିଳନୀ ସ୍ଥାନୀୟ ଅଶୋକ ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସଭା ଆରମ୍ଭରୁ ସମିତିର ଦିବଂଗତ ସଭ୍ୟ ନିହାର ରଞ୍ଜନ ପଟ୍ଟନାୟକ, ରାହାସମଣି ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, ଭାସ୍କରଚନ୍ଦ୍ର ଦାଶ, ବେଣୁଧର ସ୍ୱାଇଁ, ନବ କୁମାର କୁଣ୍ଡୁ ଓ ଗଗନ ବିହାରୀ ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଗତ ଏପ୍ରିଲ ୬ରେ କେରଳର ତିରୁବନନ୍ତପୁରରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ କେନ୍ଦ୍ରୀୟ କମିଟିର ଯୁଗ୍ମ ସମ୍ପାଦକ ଭାବେ ମୁରଲୀ ମୋହନ ଆଚାର୍ଯ୍ୟ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମିତି ପକ୍ଷରୁ ପୃଷ୍ଠପୋଷକ ତଥା ଉପଦେଷ୍ଟା ସତ୍ୟେନ୍ଦ୍ର ଲାଲ ବୋଷ ସମ୍ବର୍ଦ୍ଧିତ କରିଥିଲେ। କଟକ ଖାଦ୍ୟ ନିଗମ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ଭାଗ୍ୟଧର ଶତପଥୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ସରକାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ପାକିସ୍ତାନ ବିପକ୍ଷରେ ହାତକୁ ନିଆଯାଇଥିବା 'ଅପରେସନ ସିନ୍ଦୂର'କୁ ପ୍ରଶଂସା କରାଯାଇଥିଲା। ସମିତି ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟରେ ଶେଷ ହେଉଥିବା ବେଳେ ପରିଚାଳନା କମିଟି କାର୍ଯ୍ୟକାଳ ୩ ବର୍ଷ ବଢ଼ାଇବା ସକାଶେ ଆଗତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦିତ କରାଯାଇଛି। ସେହିପରି ପ୍ରତି ତ୍ରୈମାସିକ ସମ୍ମିଳନୀ ସହ ପ୍ରତି ମାସରେ ଏକାଠି ହେବା ସକାଶେ ମଧ୍ୟ ସହମିତି ହୋଇଛି। ସଭାପତି ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ବେଖାତିର୍ କରି ବ୍ରହ୍ମପୁର ଓ ସମ୍ବଲପୁର ପରି ଦୂରଦୂରାନ୍ତରୁ ଯୋଗ ଦେଇଥିବା ପ୍ରତିନିଧିଙ୍କ ସହ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

### ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି ମାମଲା

# ନାବାଳକ ସମେତ ୭ ଗିରଫ

ବଲାଙ୍ଗିର,୧୭।୫(ସଂଚାର ବ୍ୟୁରୋ): ଗତ ୭ ତାରିଖ ସହର ବିଚରାସ୍ତାରେ ଖଣ୍ଡାବୁଲାଇ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୭ ଜଣ ଧରାପଡିଛନ୍ତି। ୭ ଜଣଙ୍କ ମଧ୍ୟରେ ୪ ଜଣ ନାବାଳକ ମଧ୍ୟ ରହିଛନ୍ତି। ଗିରଫ ଯୁବକ ୩ ଜଣ ମଧ୍ୟରେ ହାଟପଦା ପଡାର ବିଶାଲ ପସାୟତ, ଗନ୍ଧରେଲର ସୋନୁ ଓରଫ ତୁଷାର ବାରିକ ଓ ରାଜା ଓରଫ ସହିଦ ପାତ୍ର ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ୩ ମାସ ପୂର୍ବରୁ ବିଶାଲ ପଶାୟତ ଜଣେ ଝିଅକୁ କମେଣ୍ଟ ମାରିଥିଲା। ଆକ୍ରମଣର ଶିକାର ହୋଇଥିବା ଦିଲୀପ ପଟ୍ଟନାୟକ ଓରଫ ସୋନୁ ସେହି ଝିଅର ସମ୍ପର୍କୀୟ ଭାଇ। ଭଉଣୀକୁ କାହିଁକି କମେଣ୍ଟ କଲୁ ବୋଲି କହି ହାଟପଦା ପଡ଼ାରେ ହିଁ ସେ ବିଚ ରାସ୍ତାରେ ଲୋକଙ୍କ ଆଗରେ ଚାପୁଡ଼ା ମାରିବା ସହ ବିଶାଲଙ୍କ ସହ ମାରପିଟ କରିଥିଲେ। ଏନେଇ ବିଶାଲ ଲୋକଙ୍କ ଆଗରେ ଆତ୍ମସମ୍ମାନ ହରାଇଥିବା ନେଇ ମନରେ ଆକ୍ରୋଶ ରଖିଥିଲା।

ଏହାପରେ ଗତ ୭ ତାରିଖରେ ଦିଲୀପଙ୍କୁ ରାସ୍ତାରୁ ହଟାଇବା ପାଇଁ ବିଶାଲ ତା' ସାଙ୍ଗ ସୋନୁକୁ କହିଥିଲା। ସୋନୁ, ରାଜା ସହ ଅନ୍ୟ ୪ ଜଣ ନାବାଳକ ଏକତ୍ର ହୋଇ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ। କେଉଁ ସମୟରେ ଦିଲୀପ କେଉଁ ସ୍ଥାନକୁ ଯାଉଛି, କେଉଁଠି ରହୁଛି ସେସବୁ ଉପରେ ଅଭିଯୁକ୍ତମାନେ ନଜର ରଖିଥିଲେ। ସୋନୁ ମହାଦେବ ମନ୍ଦିର ଛକକୁ ଆସିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ବିଶାଲ ଓ ତାଙ୍କ ସାଙ୍ଗ ତାଙ୍କୁ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ଏହି ସମୟରେ ଦିଲୀପକୁ ଖଣ୍ଡାରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ଦିଲୀପ ପ୍ରାଣ ବଞ୍ଚାଇବା ପାଇଁ ସହରର ମୁଖ୍ୟ ମାର୍କେଟ ଜଗନ୍ନାଥପଡା ପର୍ଯ୍ୟନ୍ତ ଦଉଡିଥିଲେ। ଏହାପରେ ମଧ୍ୟ ଅଭିଯୁକ୍ତମାନେ ତାଙ୍କ ପିଛା ଛାଡି ନଥିଲେ। ପରେ ଦିଲୀପ ଜୀବନ ବିକଳରେ ଏକ ସୁନାଗହଣା ଦୋକାନ ଭିତରକୁ ଯାଇ ଭିତରପଟୁ କବାଟ ଦେଇଦେଇଥିଲେ। ଏହାକୁ ନେଇ ନିକଟରେ ଥିବା ଗାଡି ସହ ଦୋକାନ କବାଟକୁ ହାଣୀ ଫେରାର ମାରିଥିଲେ ଅଭିଯୁକ୍ତମାନେ।




ତେବେ ଘଟଣାର ୧୦ ଦିନ ପରେ ଆଜି ୭ ଜଣଯାକ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ବଲାଙ୍ଗୀର ପୁଲିସ। ଆକ୍ରମଣରେ ବ୍ୟବହାର ହୋଇଥିବା ୪ଟି ଖଣ୍ଡା ମଧ୍ୟ ସେମାନଙ୍କଠାରୁ ଜବତ କରାଯାଇଛି। ଏଥିସହ ଦୁଇଟି ବାଇକ ଓ ଅଭିଯୁକ୍ତଙ୍କ ମୋବାଇଲକୁ ମଧ୍ୟ ପୁଲିସ୍ ଜବତ କରିଛି।

# ନାବାଳିକା ଗର୍ଭବତୀ, ଡିଏନ୍‌ଏ ପରୀକ୍ଷା ପାଇଁ ଗଲା ନମୁନା

ପାତ୍ରପୁର,୧୭।୫(ସଂଚାର ବ୍ୟୁରୋ): ଜରଡ଼ା ଥାନା ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଆଙ୍କୁଲି ପଞ୍ଚାୟତର ଜନୈକା ୧୫ ବର୍ଷୀୟା ନାବାଳିକା ଦୁଷ୍କର୍ମର ଶିକାର ହୋଇ ୮ ମାସର ଗର୍ଭବତୀ ହୋଇଛନ୍ତି। ପରିବାର ଲୋକଙ୍କ ତରଫରୁ ଏ ନେଇ ଜରଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏକ ଦୁଷ୍କର୍ମ ମାମଲା ରୁଜୁ ହୋଇ ଅଭିଯୁକ୍ତ ବେଲାଳସେନ ବିଷୋୟୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମଇନା କରାଯାଇଛି । ଅଭିଯୁକ୍ତର ଜାମିନ ଖାରଜ ପରେ ତାକୁ ଜେଲ ହାଜତ ପଠେଇ ଦିଆଯାଇଥିବାବେଳେ ପୀଡ଼ିତା ନାବାଳିକାକୁ ବ୍ରହ୍ମପୁରର ଏକ ବାଳାଶ୍ରମରେ ଅବସ୍ଥାପିତ କରାଯାଇଛି। ନାବାଳିକା ଜଣକ ୮ ମାସର ଗର୍ଭବତୀ ଥିବାରୁ ଡିଏନଏ ପାଇଁ ନମୂନା ପଠାଯାଇଛି । ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ଅଧିକାରୀ ସମୀର ଜୟସିଂଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଜରଡ଼ା ଥାନା ଆଙ୍କୁଲି ପଂଚାୟତର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଉକ୍ତ ପଂଚାୟତ ଅନ୍ତର୍ଗତ ଗଡ଼ଙ୍ଗ ଗ୍ରାମର ବେଲାଳସେନ ବିଷୋୟୀ ନାମକ ବ୍ୟକ୍ତି ବିଭିନ୍ନ ଉପାୟରେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଗର୍ଭବତୀ ଥିବା ଖବର ପ୍ରଘଟ ପରେ ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କ ଜରିଆରେ ଆଲୋଚନା ବି ହୋଇଥିଲା। ଅଭିଯୁକ୍ତ ସେଇଠି ସବୁ କଥାକୁ ଅମାନ୍ୟ କରିଥିଲା ଓ ବିଭିନ୍ନ ଧମକ ଚମକ ମଧ୍ୟ ଦେଇଥିଲା । ପୋଲିସ ଆଗରେ ନାବାଳିକା ଦେଇଥିବା ବୟାନ ଅନୁସାରେ ତା'ସହିତ ଅଭିଯୁକ୍ତ ୪ଥର ସମ୍ପର୍କ ରଖିଛି। ନାବାଳିକାର ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଜରଡ଼ା ଥାନାରେ ୧୨୮/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଗତ ୧୦ ତାରିଖରେ ଅଭିଯୋଗ ପରେ ମାମଲା ରୁଜୁ ହୋଇ ୧୧ ତାରିଖରେ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ୧୩ ତାରିଖ ଦିନ ଅଭିଯୁକ୍ତକୁ ଗିରଫ ପରେ ତା'ର ମଧ୍ୟ ଡାକ୍ତରୀ ମାଇନା କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ଖାରିଆଆଗୁଡା ଫାଣ୍ଡି ଅଧିକାରୀ ଏସଆଇ ସମୀର ଜୟସିଂ ସୂଚନା ଦେଇଛନ୍ତି।

## ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ, ଦେଢ଼ଶୂର ଗିରଫ

ପାଣିକୋଇଲି, ୧୭।୫ (ସଂଚାର ବ୍ୟୁରୋ) : ଯାଜପୁର ଜିଲା ପାଣିକୋଇଲି ଥାନା ଅଞ୍ଚଳରେ ଭାଇବୋହୂଙ୍କୁ ଦେଢ଼ଶୂର ବଳାତ୍କାର ଉଦ୍ୟମ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗରେ ଦେଢ଼ଶୂର ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ବିରୋଧ କରିବାରୁ ସେମାନଙ୍କ ମଧରେ ଠେଲପେଲା ହୋଇଥିଲା। ମହିଳାଙ୍କ ପାଟିଶୁଣି ଅନ୍ୟମାନେ ଆସିବାରୁ ଅଭିଯୁକ୍ତ ତାର ସଜାଡିବାକୁ ଆସିଥିବା କହି ସଫେଇ ଦେଇଥିଲା। ଏହାପରେ ଅଭିଯୁକ୍ତ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମହିଳା ନିଜକୁ ଅସୁରକ୍ଷିତ ମଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ।




## ଓଡ଼ିଶା ପାଇଁ ଗୌରବ ; କାନ୍ସରେ 'ବାଘୁଣୀ'

ଭୁବନେଶ୍ୱର, ୧୭।୫ (ସଂଚାର ବ୍ୟୁରୋ) : ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ 'କାନ୍ସ' ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣ ଆରମ୍ଭ ହୋଇଛି । ୧୨ ଦିନ ଧରି ଚାଲିଥିବା ଏହି ଫିଲ୍ମ ଫେଷ୍ଟିଭାଲ ମେ ୧୩ ତାରିଖରେ ଫ୍ରେଞ୍ଚ ରିଭେରାର କାନ୍ସରେ ଆରମ୍ଭ ହୋଇଥିଲା । ଏହି ଫେଷ୍ଟିଭାଲରେ ଦେଶ ବିଦେଶର ଅନେକ ଫିଲ୍ମ ପ୍ରିମିୟର ହେବା ସହ ଅନେକ ସେଲିବ୍ରିଟି ଏଠାରେ ପହଞ୍ଚି ନିଜର ଜଲୱା ଦେଖାଇଛନ୍ତି। ଏହାରି ମଧ୍ୟରେ ବର୍ତ୍ତମାନ ଓଡ଼ିଆ ଫିଲ୍ମ ମଧ୍ୟ କାନ୍ସରେ ସାମିଲ ହୋଇଛି । କାନ୍ସରେ ଓଡ଼ିଆ ଫିଲ୍ମ ଓଡ଼ିଆ ଫିଲ୍ମ 'ବାଘୁଣୀ-ଡ୍ୟାନ୍ସ ଲାଇକ ଏ ଟାଇଗର'ର ଘୋଷଣା ହୋଇଛି । ନିର୍ମାତା 'ବାଘୁଣୀ-ଡ୍ୟାନ୍ସ ଲାଇକ ଏ ଟାଇଗର' ମୋଶନ ପୋଷ୍ଟର ରିଲିଜ କରି ଏହି ଘୋଷଣା କରିଛନ୍ତି । ତେବେ ଏହା ପ୍ରଥମ ଓଡ଼ିଆ ଫିଚର ଫିଲ୍ମ ଭାବେ ଏଠାରେ ପୋଷ୍ଟର ରିଲିଜ ହୋଇଛି ।




ଜୟଦେବ ଭବନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମଦର' ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଅଛନ୍ତି ଅନୁଷ୍ଠାନର ସଭାପତି ଆୟକର ବିଭାଗର ପୂର୍ବତନ ପ୍ରଧାନ ଆୟୁକ୍ତ ଶରତ କୁମାର ଦାଶ, ସମ୍ପାଦିକା ସସ୍ମିତା ଦାସ, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଡଃ ଅଜୟ ସ୍ୱାଇଁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଶରତ ଚନ୍ଦ୍ର ଭଦ୍ର ଉପସ୍ଥିତ ଅଛନ୍ତି।

## ଜୁଲାଇ ୯କୁ ଘୁଞ୍ଚିଲା ଟ୍ରେଡ୍ ୟୁନିଅନ୍ ଧର୍ମଘଟ

ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଆସନ୍ତା ୨୦ ତାରିଖରେ ଦେଶର ପ୍ରମୁଖ ଟ୍ରେଡ୍ ୟୁନିଅନ୍ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲେ ହେଁ ଏହାକୁ ଏବେ ଆସନ୍ତା ଜୁଲାଇ ୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସମ୍ପ୍ରତି ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଯାଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ସମେତ ରାଜ୍ୟର ସବୁ ଜିଲ୍ଲା, ବ୍ଲକ ଓ ଶିଳ୍ପାଞ୍ଚଳରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ କୃଷକ ନୀତିକୁ ସମାଲୋଚନା କରାଯିବା ସହ ଏହାକୁ ପ୍ରତିବାଦ କରିବା ସକାଶେ ନିଷ୍ପତ୍ତି ହୋଇଛି। ବିଶେଷକରି ପହଲଗାମ ଆତଙ୍କୀ ହମ୍‌ଲାରେ ୨୬ ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିବାରୁ ଏପରି ଏକ ଦୁଃଖଦ ଘଟଣା ପରିପ୍ରେକ୍ଷୀରେ ଦେଶବ୍ୟାପୀ ଧର୍ମଘଟ ଆୟୋଜନ ସଠିକ୍ ନିଷ୍ପତ୍ତି ହେବନାହିଁ ବୋଲି ସଂଘ ସଦସ୍ୟମାନେ ମନସ୍ଥ କରିଛନ୍ତି। ତେବେ ସରକାର ମନମୁଖୀ ଭାବେ ଶ୍ରମିକ ଛଟେଇ କରିବା ସହ ମଜୁରୀ ବୃଦ୍ଧି ଉପରେ ଦୃଷ୍ଟି ଦେଉନଥିବାରୁ ରାଜଧାନୀ, ଜିଲ୍ଲା ଓ କର୍ମକ୍ଷେତ୍ରରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସକାଶେ ସିଆଇଟିୟୁ ନେତା ଦୁଷ୍ମନ୍ତ ଦାସଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ ସମୂହର ବୈଠକ ଆଇଏନ୍‌ଟିୟୁସି ମୁଖ୍ୟ କାର୍ଯ୍ୟାଳୟଠାରେ ନିଷ୍ପତ୍ତି ହୋଇଛି। ବୈଠକରେ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ମଦନ ମୋହନ ଧଳ, ଏଆଇଟିୟୁସି ନେତା ବିଜୟ ଜେନା, ଏଚଏମଏସ୍ ନେତା ବିଏନ୍ ମହାପାତ୍ର, ସିଆଇଟିୟୁ ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସି ନେତା ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁ ନେତା ମହେନ୍ଦ୍ର ପରିଡ଼ା ଓ ଟିୟୁସିସି ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ଧରାପଡ଼ିଲେ ଲାଞ୍ଚୁଆ ଜେଇ

● ବିଲ୍ ପାସ୍ କରାଇଦେବାକୁ ନେଉଥିଲେ ୧୦ ହଜାର



ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ)। ତାଙ୍କ ନାମ ହେଉଛି ଅଶୋକ କୁମାର ଦାସ। ଶ୍ରୀ ଦାସ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ୍‌ରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଆଜି ଜନୈକ ଠିକାଦାରଙ୍କଠାରୁ ଲାଞ୍ଚ ନେଉଥିଲେ। ଉକ୍ତ ଠିକାଦାରଙ୍କ ଏକ ବିଲ୍ ପାଇବାକୁ ବାକି ଥିବା ବେଳେ ସେ ବାରମ୍ବାର ଶ୍ରୀ ଦାସଙ୍କୁ ପାସ୍ କରାଇଦେବାକୁ ନିବେଦନ କରିଆସୁଥିଲେ। କିନ୍ତୁ ଶ୍ରୀ ଦାସ ଏଥିସକାଶେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏପରିକି ଲାଞ୍ଚ ନ ଦେଲେ ସେ ବିଲ୍ ପାସ୍ କରିବେ ନାହିଁ ବୋଲି ମଧ୍ୟ ଜେଇ ଜଣଙ୍କ ରୋକ୍‌ଠୋକ୍ ମନା କରିଦେଇଥିଲେ। ତେଣୁ ଶେଷରେ ବାଧ୍ୟ ହୋଇ ଠିକାଦାର ଜଣଙ୍କ ଏନେଇ ଭିଜିଲାନ୍ସରେ ଜଣାଇଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ପରାମର୍ଶ ଅନୁସାରେ, ଆଜି ଠିକାଦାର ସମ୍ପୃକ୍ତ ଜେଇଙ୍କୁ ଲାଞ୍ଚ ଟଙ୍କା ଦେଇଥିଲେ। କିନ୍ତୁ ପୂର୍ବରୁ ସେଠାରେ ମହଜୁଦ ଥିବା ଭିଜିଲାନ୍ସ କର୍ମଚାରୀମାନେ ଶ୍ରୀ ଦାସଙ୍କୁ ଧରିବା ସହ ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ମଧ୍ୟ ଜବତ କରିଛନ୍ତି। ଏଥିସହ ତାଙ୍କ ନାମରେ ଆହୁରି ଆୟ ବହିର୍ଭୂତ ସମ୍ପତ୍ତି ଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ମଧ୍ୟ ୪/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

## କଳାହାଣ୍ଡି ଜିଲ୍ଲାରେ ମହିଳା ନେତୃତ୍ୱାଧୀନ କ୍ଷୁଦ୍ର ଉଦ୍ୟୋଗକୁ ବେଦାନ୍ତର ପ୍ରୋତ୍ସାହନ




କଳାହାଣ୍ଡି,୧୭।୫(ସଂଚାର ବ୍ୟୁରୋ): ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ବ୍ୟବସାୟିକ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ, କଳାହାଣ୍ଡି ଜିଲ୍ଲାର ଗୁଣପୁର ଗ୍ରାମରେ ସକ୍ରିୟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତାର ହାତ ବଢ଼ାଇଛି। ଚପଲ ତିଆରି କରିବା, କାଗଜ ପ୍ଲେଟ୍ ଉତ୍ପାଦନ କରିବା, ଚାଉଳ ମିଲିଂ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଗ୍ରାମୀଣ ମହିଳାମାନଙ୍କ ପାଇଁ ରୋଜଗାରର ପନ୍ଥାକୁ ସୁଦୃଢ଼ କରିବା ସହିତ କ୍ଷୁଦ୍ର ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହି ଅଞ୍ଚଳର ମହିଳାମାନଙ୍କ ପାଇଁ ଦୀର୍ଘକାଳୀନ ଆର୍ଥିକ ସ୍ୱାଧୀନତାକୁ ସକ୍ଷମ କରିବା ପାଇଁ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି ବେଦାନ୍ତ ଆଲୁମିନିୟମ। କମ୍ପାନୀ ୩ଟି ଏସ୍‌ଏଚ୍‌ଜିର ୪୫ ଜଣ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଉପରେ ଏକ ବ୍ୟାପକ କର୍ମଶାଳା ଆୟୋଜନ କରିଥିଲା। ଏଥିରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ମାର୍କେଟିଂ ଓ ବିକ୍ରୟ ଦକ୍ଷତା ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମ ମହିଳାଙ୍କର ସ୍ୱପ୍ନ ସାକାର କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମା' ଲଙ୍କେଶ୍ୱରୀ ଏସ୍‌ଏଚ୍‌ଜି ସଚିବ କାଳେନ୍ଦିରୀ ଧଙ୍ଗଡା ମାଝୀ କହିଛନ୍ତି ଯେ ଏସ୍‌ଏଚ୍‌ଜିଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ଓ ଜୀବିକା ନିର୍ବାହରେ ସାହାଯ୍ୟ କରିବା ପାଇଁ ବେଦାନ୍ତର ଦୃଢ଼ ପ୍ରତିବଦ୍ଧ। ସେମାନଙ୍କ ସମର୍ଥନ ଆମକୁ କେବଳ ଆବଶ୍ୟକ ଉପକରଣ ଯୋଗାଇନାହିଁ, ବରଂ ସ୍ଥାୟୀ ବ୍ୟବସାୟ ଗଠନ ପାଇଁ ଦକ୍ଷତା ମଧ୍ୟ ପ୍ରଦାନ କରିଛି।

### ଷ୍ଟେସନ ଯିବା ବାଟରେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

## ମହାରାଷ୍ଟ୍ରରୁ ଅଭିଯୁକ୍ତ ଗିରଫ

ଅନୁଗୁଳ, ୧୭।୫ (ସଂଚାର ବ୍ୟୁରୋ) : ବହୁ ଚର୍ଚ୍ଚିତ ତାଳଚେର ଷ୍ଟେସନ ଯିବା ବାଟରେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା । ଅଭିଯୁକ୍ତ ବିଶୁ ଗୋଛୟତକୁ ଗିରଫ କଲା ପୁଲିସ । ମହାରାଷ୍ଟ୍ରର ଏକ ଫ୍ୟାକ୍ଟେରିରେ କାମ କରୁଥିବା ବେଳେ ଗିରଫ କଲା ପୁଲିସ । ନିଶାଗ୍ରସ୍ତ ଅବସ୍ଥାରେ ଯୁବତୀଙ୍କୁ ଦୁଷ୍କର୍ମ ପରେ ଯୁବତୀଙ୍କ ଚୁନରୀରେ ଚିପି ହତ୍ୟା କରିଥିଲା ଅଭିଯୁକ୍ତ । ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଅନୁଗୁଳ ଏସ ପି ରାହୁଲ ଜୈନ । ଅଭିଯୁକ୍ତକୁ ଫେରାର ହେବାରେ ସହଯୋଗ କରିଥିବା ୩ ଜଣ ମଧ୍ୟ ଗିରଫ । ତାକୁ ଧରିବାକୁ Cocaan ନାମକ ଅପରେସନ କରିଥିଲା ପୁଲିସ । ତିନୋଟି ଟିମ ଜରିଆରେ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା ପୁଲିସ ।

### ଖରାଛୁଟିରେ ମଜାମସ୍ତିରେ ଚାଲିଛି ପାଠପଢ଼ା

# ଯୋଡ଼ିହୋଇଛନ୍ତି ୧୧ ଲକ୍ଷ ଅଭିଭାବକ

ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଖରାଛୁଟିରେ ମଜାମସ୍ତିରେ ଘରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଅକ୍ଷର ଶିଖିବାଠୁ ଅଙ୍କ କଷା, ଅବା ବିଭିନ୍ନ ଉପକରଣ ମାଧ୍ୟମରେ ଶିକ୍ଷଣୀୟ ସାମଗ୍ରୀ ତିଆରି କରି ବିଷୟବସ୍ତୁକୁ

**ଭିଡିଓ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଛନ୍ତି ଛାତ୍ରଛାତ୍ରୀ**

ଜାଣୁଛନ୍ତି ଛାତ୍ରଛାତ୍ରୀ। ଭଳିକି ଭଳି ଶିକ୍ଷଣୀୟ ପଦ୍ଧତି ମାଧ୍ୟମରେ ବିଭିନ୍ନ ସହଜିଆ ପଦ୍ଧତିରେ ଶିକ୍ଷାଗ୍ରହଣ କରୁଛନ୍ତି । ଏମିତି ମଜାଳିଆ ଢ଼ଙ୍ଗରେ ସାରା ରାଜ୍ୟରେ ଖରାଛୁଟିରେ ଚାଲିଛି 'ଓଡ଼ିଶା ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ'। ରାଜ୍ୟର ସମସ୍ତ ବିଦ୍ୟାଳୟରେ ଖରାଛୁଟି ଚାଲିଛି। ଖରାଛୁଟିରେ ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନେ ଯେପରି ପାଠ ସହ ଯୋଡ଼ି ହୋଇ ରହିବେ, ସେହି ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି 'ଓଡ଼ିଶା ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ' । ଏଥିପାଇଁ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ତିଆରି ହୋଇଛି ହ୍ୱାଟ୍ସଆପ୍ ଗ୍ରୁପ୍। ଅଦ୍ୟାବଧି କାର୍ଯ୍ୟକ୍ରମ ଅଧିନରେ ରାଜ୍ୟରେ ୧ ଲକ୍ଷ ୭୦ ହଜାର ୯୩୨ଟି ହ୍ୱାଟ୍ସଆପ୍ ଗ୍ରୁପ୍ ତିଆରି ହୋଇଥିବା ବେଳେ ଏଥିରେ ପ୍ରାୟ ୧୧ ଲକ୍ଷ ୮ ହଜାର ୮୪୩ ଅଭିଭାବକ ଯୋଡ଼ି ହୋଇଛନ୍ତି। ଶିକ୍ଷକମାନେ ସମୟ ବ୍ୟବଧାନରେ ଶ୍ରେଣୀ ଅନୁସାରେ ବିଭିନ୍ନ ଭିଡିଓ ଓ ଶିକ୍ଷଣୀୟ ବିଷୟ ଗ୍ରୁପରେ ପଠାଉଥିବା ବେଳେ ଘରେ ଅଭିଭାବକମାନେ ଏସବୁକୁ ଆଧାର କରି ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି। ଛାତ୍ରଛାତ୍ରୀ ଯେଭଳି ଖରାଛୁଟିରେ ପାଠକୁ ସମ୍ପୂର୍ଣ୍ଣ ଭୁଲିନଯିବେ ଓ ମଜାଳିଆ ଢ଼ଙ୍ଗରେ ପାଠକୁ ଜାଣିବେ, ସେହି ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସପ୍ତାହକୁ ଦୁଇ ଥର ଏବଂ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସପ୍ତାହକୁ ୩ ଥର ଶିକ୍ଷଣୀୟ ବିଷୟ ସବୁ ପଠାଯାଉଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ଓଡ଼ିଆ, ଗଣିତ ଓ ପରିବେଶ ବିଜ୍ଞାନ ଉପରେ ବିଭିନ୍ନ ଭିଡିଓ ପଠାଯାଉଛି। ସେହିପରି ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ଓଡ଼ିଆ, ଗଣିତ, ପରିବେଶ ବିଜ୍ଞାନ ଓ ଇଂରାଜୀ ପାଠ ଭିଡିଓ ଦିଆଯାଉଛି । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ଓଡ଼ିଆ, ଗଣିତ, ପରିବେଶବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଇଂରାଜୀ ପାଠ ଭିଡିଓ ପଠାଯାଉଛି। ଏହାପରେ ଘରେ ଅଭିଭାବକମାନେ ଏହି ଭିଡ଼ିଓ କ୍ଲିପ୍ ଓ ବିଷୟବସ୍ତୁ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଉଛନ୍ତି। ସେମାନେ ଯାହା ବି ପଢୁଛନ୍ତି ଓ ଲେଖୁଛନ୍ତି ସେସବୁକୁ ଅଭିଭାବକମାନେ ଫଟୋ ଉଠାଇ ପୁଣିଥରେ ଗ୍ରୁପ୍‌ରେ ପଠାଉଛନ୍ତି। ଫଳରେ ପିଲାମାନେ କେତେଦୂର ଏସବୁକୁ ଜାଣିପାରିଲେ, ସେନେଇ ଶିକ୍ଷକମାନେ ସମୀକ୍ଷା କରିପାରୁଛନ୍ତି। ସ୍କୁଲରୁ ଖରାଛୁଟି ପାଇଁ ଦିଆଯାଇଥିବା ଘରପାଠ (ହୋମ୍‌ଟାସ୍କ)କୁ ମଧ୍ୟ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷକଙ୍କଠାରୁ ବୁଝି ପାରୁଛନ୍ତି।

## ଆଇନଜୀବୀ ମାନସ ମଲ୍ଲିକ ହେଲେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ



ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଭାରତୀୟ ଯୁବ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜ୍ଜୁନ ଖର୍ଗେଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେସି ଭେନୁଗୋପାଲ ଆଇନଜୀବୀ ଶ୍ରୀ ମଲ୍ଲିକଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶାରେ କଂଗ୍ରେସକୁ ମଜବୁତ କରିବା ଓ ଅନୁସୂଚିତ ଜାତି ବର୍ଗକୁ ପୁଣିଥରେ କଂଗ୍ରେସକୁ ଫେରାଇ ଆଣିବା ଦିଗରେ ଶ୍ରୀ ମଲ୍ଲିକ ଦକ୍ଷତାର ସହ କାମ କରିବେ ବୋଲି ଆଶା ରହିଛି। ଆଇନଜୀବୀ ଶ୍ରୀ ମଲ୍ଲିକ ଛାତ୍ର ଜୀବନରୁ କଂଗ୍ରେସରେ ସକ୍ରିୟ ରହିଆସିଛନ୍ତି। ପୂର୍ବରୁ ସେ ରାଜ୍ୟ କଂଗ୍ରେସର ଉପସଭାପତି, ଅଖିଳ ଭାରତୀୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଷ୍ଟ୍ରୀୟ ଆବାହାକ, ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ, ଯୁବ କଂଗ୍ରେସ ରାଜ୍ୟ ଉପସଭାପତି, ଆମ ଆଦ୍‌ମୀ କା ସିପାହୀର ରାଜ୍ୟ ସଂଯୋଜକ, କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ରାଜ୍ୟ ଯୁବ କଂଗ୍ରେସର ଏକମାତ୍ର କର୍ମକର୍ତ୍ତା ଭାବେ ଶ୍ରୀ ମଲ୍ଲିକ ଦେଶର ୧୨ଟି ବାହାର ରାଜ୍ୟରେ ମଧ୍ୟ ଦଳର ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ଉପରେ ଭରସା ପ୍ରକଟ କରିଥିବାରୁ ଶ୍ରୀ ମଲ୍ଲିକ ଦଳର ବରିଷ୍ଠ ନେତାମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରତି ମାସରେ ସରପଞ୍ଚଙ୍କୁ ଭେଟୁଛନ୍ତି ବିଡିଓ

ବ୍ରହ୍ମପୁର,୧୭।୫(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ବିଡିଓ ଅଚ୍ୟୁତାନନ୍ଦ ଯାନୀ ପ୍ରତି ଶନିବାର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଦିଗାମ୍ବର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ, ସେନେଇ ବିଡିଓ ବିଭିନ୍ନ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି। ପ୍ରତି ମାସରେ ବିଭିନ୍ନ ପଞ୍ଚାୟତ ସରପଞ୍ଚଙ୍କୁ ଭେଟି ସେମାନେ କ'ଣସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେସବୁ ସମ୍ପର୍କରେ ପଚାରି ବୁଝୁଥିବା ଜଣାପଡ଼ିଛି। ଏନେଇ ଶୁକ୍ରବାର ବିଡିଓ ମଲାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଗସ୍ତ କରି ସରପଞ୍ଚ ମମତା ବେହେରାଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ଓ ଆୟୁଷ୍ମାନ କାର୍ଡ ଯୋଜନା, ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି।

# ପାଣି ବିଲ୍, ଅନଲାଇନ୍ ପଇଠ ପାଇଁ ହଟହଟା

ଭୁବନେଶ୍ୱର,୧୭।୫: ନିଜ ନିଜର ପାଣି ବିଲ୍ ଅନ୍‌ଲାଇନ୍‌ରେ ପଇଠ ପାଇଁ ହିତାଧିକାରୀମାନେ ନୟାନ୍ତ ହେଉଛନ୍ତି। ଜଳଯୋଗାଣ କରୁଥିବା ୱାଟ୍‌କୋ ୱେବସାଇଟ୍‌ରେ ବିଲ୍ ପଇଠ ପାଇଁ ବ୍ୟବସ୍ଥା ନଥିବା ବେଳେ ଏଥିପାଇଁ ସୁଯୋଗ ବ୍ୟବସ୍ଥାରେ ପଇଠର ବି ସେଭଳି ସୁବିଧା ନାହିଁ।

ଜଳଯୋଗାଣ ବାବଦ ବିଲ୍ ପାଇବା ପରେ ହିତାଧିକାରୀମାନେ ଅନ୍‌ଲାଇନ୍‌ରେ ବିଲ୍ ପଇଠ କରିବାକୁ ଚାହୁଁଛନ୍ତି। ଏଥିପାଇଁ ପ୍ରଥମେ ସେମାନେ ୱାଟ୍‌କୋ ୱେବସାଇଟ୍‌କୁ ଯାଉଛନ୍ତି। ତେବେ ସେଠାରେ ବିଲ୍ ପଇଠ ପାଇଁ କୌଣସି ଲିଙ୍କ୍ ନାହିଁ। ୱାଟ୍‌କୋର ଦେୟମୁକ୍ତ ଟେଲିଫୋନ୍ ନମ୍ବରରେ ଫୋନ୍ କଲେ ଅପରପଟୁ 'ସୁଯୋଗ' ଜରିଆରେ ବିଲ୍ ପଇଠ ପାଇଁ କୁହାଯାଉଛି।

ଯେଉଁ ହିତାଧିକାରୀମାନେ ସୁଯୋଗ ୱେବସାଇଟ୍‌କୁ ଯାଉଛନ୍ତି, ସେଠାରେ ସହଜରେ ବିଲ୍ ପଇଠ ସଂକ୍ରାନ୍ତରେ ଜାଣିପାରୁନାହାନ୍ତି। ସୁଯୋଗର ଟୋଲ ଫ୍ରି ନମ୍ବରରେ ଫୋନ୍ କଲେ କୌଣସି ଉତ୍ତର ମଧ୍ୟ ମିଳୁନାହିଁ। ଗ୍ରାହକମାନଙ୍କ ପାଇଁ ୧୧ଟିକିଆ ଟୋଲ ଫ୍ରି ନମ୍ବର ବାଦ୍ ଅନ୍ୟ କୌଣସି ଟେଲିଫୋନ୍ ନମ୍ବର ନାହିଁ। ଏହି ୱେବସାଇଟ୍‌ରେ ହିତାଧିକାରୀମାନେ ପଞ୍ଜିକରଣ କଲେ ପାଣି ବିଲ୍ ପଇଠର ବ୍ୟବସ୍ଥା ରହିଛି। ତେବେ ଯେଉଁମାନେ ପଞ୍ଜିକରଣ କରୁଛନ୍ତି, ପରବର୍ତ୍ତୀ ସମୟରେ ବିଲ୍ ପଇଠ ପାଇଁ ସେମାନେ ଛାଏଁ ଛାଏଁ ଭୁବନେଶ୍ୱର ମି ୱେବସାଇଟ୍ ସହ ଯୋଡ଼ିହୋଇ ଯାଉଛନ୍ତି।




ସେଠାରେ ଥିବା ସ୍ୱେରେଜ ଓ ଜଳ କର ପଇଠ ସ୍ଥାନରେ କ୍ଲିକ୍ କରି ସହରର ନାମ, ଟେଲିଫୋନ୍ ନମ୍ବର, ଜଳ କରର କିସମ ଓ ଗ୍ରାହକ ନମ୍ବର ଦେଲେ ତାହା ସଠିକ୍ ନୁହେଁ ବୋଲି ଦର୍ଶାଯାଉଛି। ଏହାପରେ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ଫୋନ୍ କଲେ ହିତାଧିକାରୀଙ୍କୁ ନିକଟସ୍ଥ ଜଳଯୋଗାଣ ଦପ୍ତରକୁ ଯାଇ ବୁଝିବା ସହ ସେଠାରେ ଜଳକର ପଇଠ ପାଇଁ ପରାମର୍ଶ ଦିଆଯାଉଛି।

ଟେଲିଫୋନ୍ କମ୍ପାନୀ, ବିଦ୍ୟୁତ୍ ଯୋଗାଣ କମ୍ପାନୀମାନେ ଦେୟ ଆଦାୟ ପାଇଁ ସହଜ ବ୍ୟବସ୍ଥା କରିଥିଲେ ମଧ୍ୟ ୱାଟ୍‌କୋ କର୍ତ୍ତୃପକ୍ଷ ବର୍ତ୍ତମାନ ସୁଦ୍ଧା ତାହା କରିପାରୁନାହାନ୍ତି। ଆଜି ପର୍ଯ୍ୟନ୍ତ ୱାଟ୍‌କୋର ୱେବସାଇଟ୍‌ରେ ଜଳକର ଦେୟ ବାବଦ ଲିଙ୍କ୍‌ଟିଏ ବି ରହିପାରିନାହିଁ। ପୂର୍ବରୁ ନିଯୁକ୍ତ ହୋଇଥିବା ଜଳସାଥୀମାନେ ଘରକୁ ଘର ବୁଲି ନଗଦ ଓ ଡିଜିଟାଲ ବ୍ୟବସ୍ଥାରେ ଜଳକର ଆଦାୟ କରୁଥିଲେ। ତେବେ ଇତି ମଧ୍ୟରେ ଜଳସାଥୀମାନେ କାର୍ଯ୍ୟରୁ ଅନ୍ତର ହୋଇଗଲେଣି। ତେଣୁ ହିତାଧିକାରୀମାନେ ଘରେ ବସି ଅନଲାଇନ୍‌ରେ ବିଲ୍ ପଇଠ ପାଇଁ ଆଗ୍ରହୀ। ହେଲେ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ସେମାନଙ୍କୁ ନିକଟସ୍ଥ ଜଳଯୋଗାଣ କେନ୍ଦ୍ରକୁ ଦଉଡ଼ିବାକୁ ପଡୁଛି। ୱେବସାଇଟ୍ ନିର୍ମାଣ ଓ ରକ୍ଷଣାବେକ୍ଷଣ ବାବଦରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଜଳଯୋଗାଣ ସଂସ୍ଥାର ୱେବସାଇଟ୍‌ରେ ଜଳକର ଆଦାୟ ପାଇଁ ବ୍ୟବସ୍ଥା ନ ରହିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ରବିବାର ୧୮ ମେ ୨୦୨୫, ଭୁବନେଶ୍ୱର

Sunday 18 May 2025, Bhubaneswar

# ମୌଳିକ ଲକ୍ଷ୍ୟ ହାସଲ ବିଫଳ

ଗରିବଙ୍କ ପାଇଁ କେନ୍ଦ୍ର ସରକାର ମାଗଣା ଘର ଯୋଗାଇବାକୁ ଅନେକ ବର୍ଷ ତଳେ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଏହାର ନାମ ଥିଲା ଇନ୍ଦିରା ଆବାସ ଯୋଜନା। ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି। ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି। ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଏହାକୁ ନେଇ ରାଜ୍ୟରେ କ୍ଷମତାସୀନ ବିଜେଡି ଏବଂ କେନ୍ଦ୍ରରେ କ୍ଷମତାସୀନ ବିଜେପି ମଧ୍ୟରେ ନିୟମିତ କଳି ଲାଗୁଛି। ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ ଏଥିରେ ସାମିଲ ହେଉଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ।

ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ



ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢ଼ୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ ନୂଆ ଘର ଆବଶ୍ୟକ। ତଥାପି ସରକାର ଚାହିଁଲେ ଦୁଇ ତିନି ବର୍ଷ ଭିତରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାକୁ ସକ୍ଷମ ହୋଇପାରିବେ। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଘରକୁ ଘର, ଗାଁକୁ ଗାଁ ବୁଲି ସର୍ଭେ କରାଯିବା ଆବଶ୍ୟକ। କେବଳ ଗାଁ ନୁହେଁ, ସହରାଞ୍ଚଳରେ ମଧ ଏହାର ଆବଶ୍ୟକତା ରହିଛି। ପ୍ରଶାସନ ଯେଉଁଠି ଅନୁଭବ କରିବ ଯେ ଏଠାରେ ଗରିବଙ୍କୁ ପକ୍କା ଘର ଦିଆଯିବାର ଆବଶ୍ୟକତା ରହିଛି ସେଠାରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ। ପ୍ରଶାସନ ଦେଖୁଛି ବଣ୍ଡା ଘାଟିରେ ଆଦିବାସୀମାନେ କଚ୍ଚା ଘର ବା ଟାଇଲିଛପର ଘରେ ବିପଜ୍ଜନକ ଅବସ୍ଥାରେ ରହୁଛନ୍ତି। କିନ୍ତୁ ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି। ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଉଚିତ। ଯୋଜନାର କାର୍ଯ୍ୟକାରୀତା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ। ଯୋଜନାକୁ ଉପରଠାଉରିଆ ଭାବେ କାର୍ଯ୍ୟକାରୀ କରିବା ଟଙ୍କା ପାଣିରେ ପକାଇବା ସହ ସମାନ। ଏବେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଚାଲିଛି। ଓଡ଼ିଶାବାସୀ ବହୁ ଆସ୍ଥା ଏବଂ ବିଶ୍ୱାସର ସହିତ ବିଜେପିକୁ ପ୍ରଥମ ଥର ପାଇଁ କ୍ଷମତାସୀନ କରିଛନ୍ତି। ବିଜେପି ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଚାର କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସର ମୂଲ୍ୟ ଦେବାକୁ ଉଦ୍ୟମ କରିବା ଉଚିତ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି। ଏହାକୁ ଡବଲ ଇଞ୍ଜିନ ସରକାର ବୋଲି କୁହାଯାଉଛି। ଯଦି ଡବଲ ଇଞ୍ଜିନ ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣରେ ବିଫଳ ହୁଏ ତେବେ ଲୋକେ କାହାକୁ ବିଶ୍ୱାସ କରିବେ? ଲୋକଙ୍କ ଭରସାକୁ ମୋଦି ଓ ମୋହନ ସରକାର ଭାଙ୍ଗିବା ଅନୁଚିତ। ଓଡ଼ିଶାରେ ବହୁ ଗରିବ ଲୋକଙ୍କ ମୁଣ୍ଡରେ ଛାଥ ନାହିଁ। ସେମାନଙ୍କ କଥା ସରକାର ବୁଝିବା ଉଚିତ।

# ସାଧୁସନ୍ଥଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର



**ପୁଷ୍ପମିତ୍ର ମହାପାତ୍ର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରକୁ ଯୁଗ ଯୁଗ ଧରି ଅନେକ ସାଧୁ, ସନ୍ଥ, ଆଧ୍ୟାତ୍ମିକ ପରିବ୍ରାଜକ, ଭକ୍ତଙ୍କ ଆଗମନ ହୋଇଛି। ଭାରତର ପ୍ରମୁଖ ଚାରୋଟି ଧାମ ଭିତରୁ ଶ୍ରୀକ୍ଷେତ୍ର ବା ଜଗନ୍ନାଥ ଧାମ ଅନ୍ୟତମ। ଜଗନ୍ନାଥ ଧର୍ମ, ଚେତନା ଓ ଜାତୀୟ ଭାବନା ସହିତ ଉଦାରବାଦ ଅନେକ ସାଧୁସନ୍ଥଙ୍କୁ ପ୍ରଭାବିତ କରିଛି। ଓଡ଼ିଆଙ୍କ ନିତ୍ୟ ପାରାୟଣ ଗ୍ରନ୍ଥ ଶ୍ରୀମଦ ଭାଗବତରେ ସ୍ୱୟଂ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - "ଦେଖ ଏ ଯେତେ ନଦ ନଦୀ ପ୍ରବାହେ ମିଳନ୍ତି ଜଳଧି, ଲବଣ ଜଳେ ସେ ମିଶନ୍ତି ନିଜ ସ୍ୱଗୁଣ ପାସୋରନ୍ତି।' ଯଥାର୍ଥରେ ସାଗର ଅଭିମୁଖେ ଧାବମାନ ନଦୀମାନେ ଯେପରି ଅନନ୍ତ ସାଗରର ଲବଣାକ୍ତ ଜଳ ଭିତରେ ନିଜର ସତ୍ତା ହରାଇ ବସିଥାନ୍ତି ଠିକ ସେହିପରି ଭାରତର ଅନେକ ଧର୍ମୀୟ ଚେତନା ସେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ୍ୱବାଦ ହେଉ ବା ରାମାନୁଜଚାର୍ଯ୍ୟଙ୍କ ବିଶିଷ୍ଟାଦ୍ୱୈତ, ଶ୍ରୀ ଚୈତନ୍ୟଙ୍କ ଅଚିନ୍ତ୍ୟ ଭେଦଭାବ ହେଉ ବଲ୍ଲଭାଚାର୍ଯ୍ୟଙ୍କ ସୁଧାଦ୍ୱୈତ ସବୁର ମହାମିଳନ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ ଶ୍ରୀକ୍ଷେତ୍ର ଧାମରେ।

"ପୁନରପି ଜନମଂ ପୁନରପି ମରଣଂ, ପୁରପି ଜନନୀ ଜଠରେ ଶୟନ. ଇହ ସଂସାରେ ବହୁ ଦୁସ୍ତରେ, କୃପାୟପାରେ ବହୁ ଦୁସ୍ତରେ, ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ, ଭଜ ଗୋବିନ୍ଦଂ ମୂଢ଼ମତେ' - ଭାରତ ପ୍ରଖ୍ୟାତ ଓ ଆତ୍ମ ଅନୁଚିନ୍ତନର ସୁବିଖ୍ୟାତ ଗ୍ରନ୍ଥ ଭଜ ଗୋବିନ୍ଦମଂ ସ୍ରଷ୍ଟା ଆଦିଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିଲେ ସପ୍ତମ ଶତାବ୍ଦୀର ଶେଷ ଭାଗ ସମୟରେ। ଭାରତର ବଦ୍ରିନାଥ, ଦ୍ୱାରକାନାଥ ଓ ଶୃଙ୍ଗେରି ପରେ ତାଙ୍କର ପୁରୀ ଆଗମନ ହୋଇଥିଲା। ସେ ଶ୍ରୀଜଗନ୍ନାଥ ଓ ଗୀତାର ପୁରୁଷୋତ୍ତମଙ୍କ ଭିତରେ କୌଣସି ତାରତମ୍ୟ ନଥିଲା ବୋଲି ଅନୁଭବ କରିଥିଲେ। ତାଙ୍କରି ପ୍ରଚେଷ୍ଟାରେ ନିର୍ମାଣ ହୋଇଥିଲା ଶଙ୍କରାଚାର୍ଯ୍ୟ ପୀଠ। ସେହିପରି ମାଦଳା ପାଞ୍ଜିର ତଥ୍ୟ ଅନୁଯାୟୀ ୧୧୧୨ ମସିହାରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ବିଶିଷ୍ଟ ଦ୍ୱୈତବାଦର ଅନନ୍ୟ ପ୍ରଚାରକ ଶ୍ରୀରାମାନୁଜଚାର୍ଯ୍ୟ। ସତ୍ୱଲିପି ଓ ମାଦଳା ପାଞ୍ଜିର ତଥ୍ୟ ମୁତାବକ ତାଙ୍କ ପ୍ରଚେଷ୍ଟାରେ ଶ୍ରୀମନ୍ଦିର ପରିସରରେ ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ସହ ଏମାର ମଠର ସେ ଥିଲେ ନିର୍ମାତା। ତତ୍କାଳୀନ ରାଜା ଚୋଡ଼ଗଙ୍ଗ ଦେବ ତାଙ୍କ ଅନୁଗାମୀ ହୋଇଥିଲେ ଓ ରାମାନୁଜଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ ରୂପେ ଗାନ କରୁଥିଲେ। ସେହିପରି ଗୋବର୍ଦ୍ଧନ ପୀଠର ପ୍ରଥମ ଆଚାର୍ଯ୍ୟ ତଥା ଶଙ୍କରଙ୍କ ପ୍ରଥମ ଶିଷ୍ୟ ପଦ୍ମପାଦ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ମହାନ ରାଧାକୃଷ୍ଣ ଭକ୍ତିଧାରା ପ୍ରବାହର ଭାବଚେତକ ନିମ୍ବାର୍କାଚାର୍ଯ୍ୟ ପୁରୀକୁ ଆଗମନ କରି ମହାପ୍ରଭୁଙ୍କ କୃପାରେ ନିଜକୁ ନିମଜ୍ଜିତ କରିଥିଲେ। ବିଶ୍ୱାସ ରହିଛି ଯେ ତାଙ୍କ ପ୍ରଚେଷ୍ଟାରେ ରାଧାବଲ୍ଲଭ ମଠ ନିର୍ମାଣ ହୋଇଥିଲା। ଶୁଦ୍ଧ ଦ୍ୱୈତାଦ୍ୱୈତବାଦର ପ୍ରବକ୍ତା ମାଧବାଚାର୍ଯ୍ୟ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ପୁରୀକୁ ଆଗମନ କରିଥିଲେ। ସେ ନିଜେ ବଳଭଦ୍ର ଛତା ମଠ ପ୍ରତିଷ୍ଠା କରିବା ସହ ମହାପ୍ରଭୁଙ୍କ ଭାବରେ ଗଦ ଗଦ ହୋଇ "ଭକ୍ତିରତ୍ନାବଳୀ' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ। ବଙ୍ଗଳାର ଜଣେ ସିଦ୍ଧ ସାଧକ ମାଧବେନ୍ଦ୍ରପୁରୀ ବୃନ୍ଦାବନରେ କୃଷ୍ଣପ୍ରେମରେ ନିମଜ୍ଜିତ ଥିଲେ। ଏକଦା ମହାପ୍ରଭୁଙ୍କୁ ସ୍ୱପ୍ନରେ ପାଇ ପୁରୀକୁ ଆଗମନ କରିଥିଲେ। ତାଙ୍କ ଉଦ୍ୟମରେ ଗୌଡ଼ୀୟ ବୈଷ୍ଣବ ପୀଠ ରୂପେ ବେଶ ଖ୍ୟାତି ପାଇଥିବା ବଡ଼ ଛତା ମଠ ପ୍ରତିଷ୍ଠା ହୋଇଛି। ସିଦ୍ଧସାଧକ ବଲ୍ଲଭାଚାର୍ଯ୍ୟ ପୁରୀକୁ ଆଗମନ କରି ଗୋକୁଳ ମଠରେ ଅବସ୍ଥାନ କରୁଥିଲେ ଓ ପ୍ରତ୍ୟେହ ମହାପ୍ରଭୁଙ୍କ ନୀତିକାନ୍ତି ଦର୍ଶନ କରି ନିଜକୁ ଭାଗ୍ୟବାନ ମନେକରୁଥିଲେ।

"ଗୁରୁ ଓ ଗୋବିନ୍ଦ ଦୌ ଖଡ଼େ, କାକେ ଲାଗୁ ପାଏ, ବଲିହାରୀ ଗୁରୁ ଆପ୍‌ନେ, ଗୋବିନ୍ଦ ଦିୟା ବତାୟା' ଯାହାର ଭାବାର୍ଥ ହେଉଛି "ଗୁରୁ ଓ ଗୋବିନ୍ଦ ଅର୍ଥାତ୍ ଭଗବାନ ଉଭୟ ଦଣ୍ଡାୟମାନ। କାହାକୁ ଆମେ ପ୍ରଣାମ କରିବା? ଗୁରୁଙ୍କୁ ହିଁ ପ୍ରଥମେ ପ୍ରଣାମ କରିବା; କାରଣ ସିଏ ହିଁ ଗୋବିନ୍ଦଙ୍କୁ ଚିହ୍ନାଇ ଦିଅନ୍ତି।' ଏହି ନିର୍ଗୁଣ ପରମବ୍ରହ୍ମବାଦୀ ଚେତନାର ମହାନ ସନ୍ଥ କବୀରଙ୍କର ଆଗମନ ହୋଇଥିଲା ପୁରୀକୁ। ସେ କବୀରଚୌରା ମଠ ନିର୍ମାଣ କରିବା ସହ ନେମାଳରେ କବୀରଙ୍କ ଗାଦି ମଧ ରହିଛି। କବୀର ଥିଲେ



ନିର୍ଗୁଣ ପରମବ୍ରହ୍ମବାଦୀ ଓ ରାମୋପାସକ ଥିବାରୁ ତାଙ୍କର ଆଚରଣ ଥିଲା ପ୍ରେମମୟ, ଜାତି ଅଜାତି, ଛୁଆଁ-ଅଛୁଆଁ ଭେଦ ଭାବର ଉର୍ଦ୍ଧ୍ୱରେ। ସେ ଜଗନ୍ନାଥ ଧାମକୁ ନିଜ ସାଧନାର ପୀଠ ରୂପେ ବାଛି ନେଇଥିଲେ। ଆସାମର ସନ୍ଥକବି ଶଙ୍କରଦେବ ଶ୍ରୀକ୍ଷେତ୍ରରେ ପାଖାପାଖି ଚାରି ବର୍ଷ ଅବସ୍ଥାନ କରିଥିଲେ ଏବଂ ସବୁଠାରୁ ବଡ଼ କଥା ହେଉଛି ସେ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇପଡ଼ିଥିଲେ। ନାମ ସଂକୀର୍ତ୍ତନର ମୁଖ୍ୟ ପ୍ରବକ୍ତା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମହିମା ସମ୍ପର୍କରେ ଜାଣିବା ପରେ ସେ ପୁରୀକୁ ଆଗମନ କରିଥିଲେ। ଶ୍ରୀକ୍ଷେତ୍ରରେ ରାୟରାମାନନ୍ଦ ଓ ଓଡ଼ିଆ ଭାଗବତର ସ୍ରଷ୍ଟା ଜଗନ୍ନାଥ ଦାସ ତାଙ୍କ ପରମ ବନ୍ଧୁ ଥିଲେ। ଶ୍ରୀମନ୍ଦିରରେ ବଟ ଗଣେଶ ସମ୍ମୁଖରେ ଜଗନ୍ନାଥ ଦାସ ଭାଗବତ ପାଠ କରୁଥିବା ସମୟରେ ତାଙ୍କୁ ଦେଖି ଶ୍ରୀଚୈତନ୍ୟ ମୁଗ୍ଧ ହୋଇ ଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ବୋଲି ସମ୍ବୋଧନ କରିଥିଲେ। ମହାପ୍ରଭୁଙ୍କ ଲୀଳା ସଂକୀର୍ତ୍ତନର ସେ ଥିଲେ ଅନ୍ୟତମ ପ୍ରବକ୍ତା। ସନ୍ଥ ତୁଳସୀ ଦାସ ରାମଭକ୍ତ ହୋଇଥିଲେ ମଧ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ଓ ମାଦଳା ପାଞ୍ଜିର ତଥ୍ୟ ମୁତାବକ ଶ୍ରୀକ୍ଷେତ୍ରର ସନ୍ନିକଟ ମାଳତୀ ପାଟପୁର ଗ୍ରାମରେ ସେ ରାତ୍ରୀ ଯାପନ କରିଥିବା ସମୟରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ଶ୍ରୀଜଗନ୍ନାଥ ହିଁ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ସେ ଜାଣିବା ପରେ ଭାବତଲ୍ଲୀନ ହୋଇପଡ଼ିଥିଲେ। ଶ୍ରୀକ୍ଷେତ୍ରରେ ଚୈତନ୍ୟ ଦେବଙ୍କ ରହଣୀ ସମୟରେ ନାନକଙ୍କ ଆଗମନ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ କଲାପରେ ସେ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନରେ ନିୟମିତ ଯୋଗ ଦେଉଥିଲେ। ପିଲାଦିନୁ ଗଣେଶଙ୍କୁ ନିଜ ଆରାଧ ଭାବେ ଗ୍ରହଣ କରିଥିବା ମହାରାଷ୍ଟ୍ରର ବାସିନ୍ଦା ଭକ୍ତ ଗଣପତି ଭଟ୍ଟ ଧାନରେ ଶ୍ରୀଜଗନ୍ନାଥଙ୍କୁ ଗଣେଶ ଭାବେ ଅନୁଭବ କଲାପରେ ପୁରୀକୁ ଆଗମନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କଲାପରେ ତାଙ୍କ ନୟନ ଯୁଗଳରୁ ଧାର ଧାର ହୋଇ ଲୁହ ବୋହି ଯାଇଥିଲା ଏବଂ ସେ ରତ୍ନବେଦୀରେ ମହାପ୍ରଭୁଙ୍କ ବଦଳରେ ନିଜ ଆରାଧ ଗଣେଶଙ୍କ ଦର୍ଶନ କରିଥିଲେ। ବିଶ୍ୱାସ ରହିଛି ତାଙ୍କ ନିବେଦନ ମୁତାବକ ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଗଜାନନ ବେଶ ହୋଇଥାଏ।

ମୁମ୍ବାଇର ଜନୈକ ଅପାଠୋଇ ମହିଳା ଯିଏ ସଦା ବିଷ୍ଣୁଙ୍କ ନାମସ୍ମରଣରେ ନିମଜ୍ଜିତ ରୁହନ୍ତି ସେ ଦିନେ ସ୍ୱପ୍ନରେ ଦେଖିଥିଲେ ତାଙ୍କ ହୃଦେଶ୍ୱର ବିଷ୍ଣୁ ପୁରୀରେ ଶ୍ରୀଜଗନ୍ନାଥଙ୍କ ଭାବରେ ଅବସ୍ଥାନ କରୁଛନ୍ତି। ସେ ପୁରୀକୁ ଆଗମନ କରିଥିଲେ ଓ ଏହିଠାରେ ହିଁ ତାଙ୍କର ଶେଷ ଜୀବନ ବିତିଥିଲା। ସନ୍ଥ ତୁକାରାମ ମହାପ୍ରଭୁଙ୍କ ସମ୍ପର୍କରେ ଜାଣିବା ପରେ ପୁରୀକୁ ଆଗମନ କରିଥିଲେ ଓ ନିଜ ସଂକୀର୍ତ୍ତନ ମଣ୍ଡଳୀ ସହ ନିୟମିତ ଦେଉଳ ବେଢ଼ା ଭିତରେ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନରେ ନିଜକୁ ନିମଜ୍ଜିତ ରଖୁଥିଲେ। ମହାପ୍ରଭୁଙ୍କ ପ୍ରତି ତାଙ୍କର ଆବେଗଭରା ଭକ୍ତିକୁ ଦେଖି ସେ ତତ୍କାଳୀନ ସମୟରେ ଜଗନ୍ନାଥ ବଲ୍ଲଭ ମଠରେ ରହୁଥିବାରୁ ତାଙ୍କୁ ଏକ ସ୍ୱତନ୍ତ୍ର ମଠ ପ୍ରଦାନ କରିଥିଲେ। ଯାହା ତନ୍ତୀ ମଠ ଭାବେ ପ୍ରଖ୍ୟାତ। ୧୮୯୮ ମସିହାରେ ପ୍ରଭୁପାଦ ବିଜୟ କୃଷ୍ଣ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ସେ ଶ୍ରୀଜଗନ୍ନାଥଙ୍କ ସର୍ବଧର୍ମ ମତବାଦର ବିଶ୍ୱାସକୁ ଗ୍ରହଣ କରିବା ସହ ଏଠାରେ କିଛି ଦିନ ଅବସ୍ଥାନ କରିଥିଲେ। ଶ୍ରୀରାମକୃଷ୍ଣଙ୍କ ପତ୍ନୀ ଶାରଦା ଦେବୀ ୧୮୮୮ ଓ ୧୯୦୫ ଏହିପରି ଭାବେ ଦୁଇଥର ପୁରୀକୁ ଆଗମନ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ସେ ନିଜକୁ ଭାଗ୍ୟବାନ ମନେକରୁଥିଲେ।

ସତ୍ୱଲିପିର ତଥ୍ୟ ଅନୁଯାୟୀ ୧୯୨୧ ମସିହାରେ ଠାକୁର ନିଗମାନନ୍ଦ ସରସ୍ୱତୀ ପୁରୀକୁ ଆଗମନ କରିଥିଲେ। କେହି କେହି ମଧ ବିଶ୍ୱାସ କରନ୍ତି ଯେ ସେ ମହାପ୍ରଭୁଙ୍କ ଦର୍ଶନ ପାଇବା ପରେ ଅନେକ ସମୟ ଯାଏ ଧ୍ୟାନସ୍ଥ ହୋଇଯାଇଥିଲେ। ୧୯୩୪ ମସିହା ପବିତ୍ର ଝୁଲଣ ପୂର୍ଣ୍ଣିମା ଦିନ ସେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ। ବାଳକ ରାମଦାସ ନିଜ ଅନୁଗାମୀ ଓ ଭକ୍ତମାନଙ୍କ ସହ ବୃନ୍ଦାବନ, କାଶୀ, ରାମେଶ୍ୱର, ଚିତ୍ରକୂଟ, ମଥୁରା ପରି ଅନେକ ତୀର୍ଥକ୍ଷେତ୍ର ପରିଭ୍ରମଣ କରିବା ପରେ ପୁରୀକୁ ଆଗମନ କରିଥିଲେ। ସେ ମହାପ୍ରଭୁଙ୍କ ଦର୍ଶନ ପାଇବା ପରେ ଭାବତଲ୍ଲୀନ ହୋଇପଡ଼ିଥିଲେ। ପୁରୀକୁ ଯେତେ ସାଧୁସନ୍ଥ ଆସିଛନ୍ତି ସେମାନେ ନିଜ ଧର୍ମ, ମତବାଦ ଓ ସମ୍ପ୍ରଦାୟର ବାର୍ତ୍ତା ପ୍ରଚାର କରିବା ସହ ନିଜର ମଠ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ଶ୍ରୀ ଜଗନ୍ନାଥ ଚେତନା ସମସ୍ତ ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ସାମ୍ୟ ଓ ମୈତ୍ରୀର ଦେବତା ରୂପେ ଚିର ଉପାସିତ। ଅନେକ ସାଧୁସନ୍ଥ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ଚିନ୍ତା ଚେତନାରେ ନିଜକୁ ହଜାଇ ଦେଇଛନ୍ତି। ଏହି ଉପସ୍ଥାପନଟି ରଖିବାବେଳେ ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତାମତକୁ ଉଲ୍ଲେଖ କରୁଛୁ "ଜଗନ୍ନାଥ ଆପଣାର ବିପୁଳ ପ୍ରଭାବରେ ସକଳ ଧର୍ମ ମତବାଦକୁ ଓ ସମସ୍ତ ଆଚାର୍ଯ୍ୟଙ୍କୁ ନିଜର କରିନେଇ ଭାରତୀୟ ବୈଷ୍ଣବ ଧର୍ମ ଇତିହାସରେ ଆପଣାର ସୁବିପୁଳ ପ୍ରଭାବଶାଳୀ ଦୈବତ ମହିମାର ପରାକାଷ୍ଠା ପ୍ରଦର୍ଶନ କରି ସକଳ ଶ୍ରେଣୀର ହିନ୍ଦୁ ଜନତାକୁ ଆପଣାର କରି ନେଇଛନ୍ତି।'

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**
**ମୋବାଇଲ୍: ୯୪୩୭୨୨୫୬୮୯**

# ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ



**କିଶୋର କୁମାର ଜେନା**

ବ୍ରହ୍ମଚର୍ଯ୍ୟ ଗୋଟିଏ ଦିବ୍ୟଶବ୍ଦ। ଏଥିରେ ସମସ୍ତ ଯୋଗର ସାରତତ୍ତ୍ୱ ନିହିତ। ଯେଉଁ ଆଚାର ବଳରେ ବ୍ରହ୍ମପ୍ରାପ୍ତି କରିହୁଏ, ତାହା ବ୍ରହ୍ମଚର୍ଯ୍ୟ। ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ। ଏହାକୁ ହିଁ ଆତ୍ମସାକ୍ଷାତକାର ପଥରେ ଅଗ୍ରଗତି ବୋଲାଯାଏ। କାୟ, ମନ ଓ ବାକ୍ୟରେ ବିଶୁଦ୍ଧତା ରକ୍ଷା କରିବାର ନାମ ବ୍ରହ୍ମଚର୍ଯ୍ୟ। ବୀର୍ଯ୍ୟଧାରଣ ଓ ଜିତେନ୍ଦ୍ରିୟତାକୁ ବ୍ରହ୍ମଚର୍ଯ୍ୟ ବୋଲାଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି "ମନୁଷ୍ୟ କାମବାସନାରେ ଉତ୍ତେଜିତ ହୋଇଗଲେ, ପ୍ରାଣ ଚଞ୍ଚଳ ହୋଇଯାଏ। ପ୍ରାଣବାୟୁ ଆଭ୍ୟନ୍ତରୀଣ ବୀର୍ଯ୍ୟକୁ ଅସ୍ଥିର କରିଦିଏ ଓ ବୀର୍ଯ୍ୟ ବିଗଳିତ ହୋଇଯାଏ। ବ୍ରହ୍ମଚର୍ଯ୍ୟର ଅର୍ଥ ହେଲା ମନ, ବଚନ ଓ କର୍ତ୍ତବ୍ୟରେ ସର୍ବଦା ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା, ଯେମିତି ବ୍ରହ୍ମଚର୍ଯ୍ୟ ମହିମାର ଅନ୍ତ ନାହିଁ, ଠିକ୍ ସେମିତି ତ୍ୟାଗକ୍ଷେତ୍ରର ସୀମା ନାହିଁ । ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ କାମନା କରିବେ ସେ ବ୍ୟକ୍ତି ନିଜର ସକଳ ପ୍ରକାର ଦୋଷ ଦୁର୍ବଳତା ସମ୍ପର୍କରେ ଜାଗ୍ରତ ରହିବା ଦରକାର । ଯେତେଦିନ ପର୍ଯ୍ୟନ୍ତ ଚିନ୍ତା ମନର ପୂରା ଆୟତ୍ତକୁ ନ ଆସିଛି, ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଅସମ୍ଭବ । ଅଜ୍ଞାତରେ ବା ଅନିଚ୍ଛାରେ ଯେଉଁସବୁ ଚିନ୍ତା ମନରେ ସ୍ଥାନ ପାଏ ସେସବୁ ମନର ବିକାର । ଏ ପ୍ରକାର ଚିନ୍ତାକୁ ଆୟତ୍ତ କରିବା ଅର୍ଥ ନିଜ ମନକୁ ଆୟତ୍ତ କରିବା । ମନୁଷ୍ୟକୁ ଅସମ୍ଭବକୁ ସମ୍ଭବ କରିପାରେ, ମାତ୍ର ମନକୁ ଆୟତ୍ତ କରିବା ଅତି କଠିନ । ଏହାବୋଲି ନିରାଶ ହେବାର ନୁହେଁ ।'



ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ବାହ୍ୟିକ ସ୍ତରରେ ଯେଉଁସବୁ ଉଦ୍ୟମ କରାଯିବା କଥା ତନ୍ମଧ୍ୟରୁ ସଂଯମ ଅଭ୍ୟାସ ସହ ଉପବାସ ଅନ୍ୟତମ। ଏ ସମ୍ପର୍କରେ ମୋହନଦାସ କରମଚାନ୍ଦ ଗାନ୍ଧୀ ସ୍ୱୀୟ ଆତ୍ମକଥା "ସତ୍ୟର ପ୍ରୟୋଗ'ରେ ଲେଖିଛନ୍ତି - ଇନ୍ଦ୍ରିୟର ଶକ୍ତି ଏତେ ପ୍ରବଳ ଯେ ତାକୁ ଉପରୁ ତଳୁ, ଚାରିପଟୁ ବନ୍ଧନୀ ଭିତରେ ବନ୍ଦ ନକଲେ ଆୟତ୍ତ କରିବା ବଡ଼ କଠିନ। ଏପରି ଉପବାସରେ ଜିହ୍ୱା ଲାଳସା ବା ଇନ୍ଦ୍ରିୟ ପ୍ରବୃତ୍ତିର ଦମନ ହୁଏନାହିଁ। ଦେହ ସହ ମନର ସମ୍ପୃକ୍ତି ନ ହେଲେ ଉପବାସର କିଛି ଫଳ ନାହିଁ। ଯେଉଁ ପଦାର୍ଥ ନଖାଇବ ସେଥିପ୍ରତି ମନରେ ବିତୃଷ୍ଣା ଜାତ ହେବା ଦରକାର। ମନ ହିଁ ସକଳ ସାଧନାର ମୂଳ। ଅତଏବ ଉପବାସର ଫଳ ଲାଭ ପାଇଁ ସୀମା ଓ କ୍ଷେତ୍ର ଅଛି। ଉପବାସ କରି ମଧ ଲୋକେ ଇନ୍ଦ୍ରିୟ ଭୋଗରେ ଭାସିଯାଇ ପାରନ୍ତି। ମହାତ୍ମାଙ୍କ ମତରେ ବିନା ଉପବାସରେ, ବ୍ରତରେ ଇନ୍ଦ୍ରିୟ ତାଡ଼ନାରୁ ଏକାବେଳେକେ ରକ୍ଷା ପାଇବା ଅସମ୍ଭବ। ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଉପବାସ ନିହାତି ଆବଶ୍ୟକ। ଅନେକ ବ୍ରହ୍ମଚାରୀ ଏ ବ୍ରତ ପାଳନରେ ସଫଳ ହୋଇପାରନ୍ତି ନାହିଁ।

ସ୍ୱୟଂ ଭଗବାନ ଯେତେବେଳେ ହୃଦ କନ୍ଦରରେ ବିରାଜମାନ ସେତେବେଳେ ଏ ଅସ୍ଥିର ମନକୁ ଆୟତ୍ତ କରିବା ନିଶ୍ଚୟ ସମ୍ଭବ। ଏ ସାଧନା କଠିନ ହେଲେ ମଧ ଅସମ୍ଭବ ନୁହେଁ। ଏହା ତ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ, ତେଣୁ ଏଥିପାଇଁ କଠୋରତ୍ତମ ସାଧନା ଲୋଡ଼ା। ବ୍ରହ୍ମଚାରୀ ଓ ସାଧାରଣ ଲୋକର ଜୀବନ କ୍ରିୟା ମଧ୍ୟରେ ଯେ ସାମଞ୍ଜସ୍ୟ ତାହା କେବଳ ବାହ୍ୟ ସାମଞ୍ଜସ୍ୟ, ନିର୍ମଳ ଦିବାଲୋକ ପରି ଉଭୟଙ୍କ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ବାରିହୋଇ ପଡୁଥିବ। ଉଭୟେ ଆଖିରେ ଦେଖୁଛନ୍ତି, ବ୍ରହ୍ମଚାରୀ ତାଙ୍କ ଆଖିରେ ଭଗବାନଙ୍କ ଅପୂର୍ବ ସୃଷ୍ଟି, ଏହାର ମହତ୍ୱ ଦର୍ଶନ କରନ୍ତି। ସାଧାରଣ ଲୋକ ନିଜ ଆଖିରେ ବିଳାସ ସାମଗ୍ରୀ ଓ ବିଷୟ ଭୋଗ ଦେଖିଥାନ୍ତି। ଉଭୟେ କାନରେ ଶୁଣନ୍ତି। ଜଣେ ଭଗବତ୍ ଗୁଣାବଳୀ ଶୁଣନ୍ତି, ଅନ୍ୟ ଜଣେ ସଂସାରର ଇତର ଓ କୁତ୍ସିତ କଥାରେ କାନ ଦେଇଥାନ୍ତି। ଉଭୟେ ଖାଇଥାନ୍ତି। ଜଣେ ଶରୀର ରୂପୀ ତୀର୍ଥ ରକ୍ଷା ପାଇଁ ଖାଇଥାନ୍ତି ତ ଜଣେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଅଖାଦ୍ୟ ଖାଇ ଏହାକୁ ନାନା ରୋଗର ଆବାସସ୍ଥଳୀ କରି ଦୁର୍ଗନ୍ଧମୟ କରିଥାନ୍ତି। ବ୍ରହ୍ମଚର୍ଯ୍ୟର ସାଧନାରେ ଯେ ପ୍ରକାର ବିଶ୍ୱାସ ଲୋଡ଼ା, ଭଗବାନଙ୍କଠାରେ ସେହି ପରିମାଣରେ ବିଶ୍ୱାସ ଲୋଡ଼ା। ସୀମିତ ପ୍ରଚେଷ୍ଟା ବଳରେ ଆପଣ ବ୍ରହ୍ମଚର୍ଯ୍ୟ ପାଳନରେ ସମ୍ପୂର୍ଣ୍ଣ ସଫଳ ହୋଇପାରିବେ ନାହିଁ। ବଳବାନ ଶତ୍ରୁକୁ ବିନାଶ କରିବାକୁ ହେଲେ ଯେପରି ଏକ ମେସିନଗନର ଆବଶ୍ୟକ, କାମରୂପକ ବଳବାନ ଶତ୍ରୁକୁ ବିନାଶ କରିବା ନିମନ୍ତେ ସେହିପରି ଅବିରତ କଠିନ ଓ ସୁଦୃଢ଼ ସାଧନା ଏକାନ୍ତ ଆବଶ୍ୟକ। ବ୍ରହ୍ମଚର୍ଯ୍ୟ ରକ୍ଷାରେ ସାମାନ୍ୟ ସଫଳତା ପାଇଯାଇ ଗର୍ବ ବା ଆତ୍ମ ପ୍ରସାଦ ଲାଭ କରନ୍ତୁ ନାହିଁ କାରଣ ପରୀକ୍ଷାର ସମ୍ମୁଖୀନ ହେଲେ, ଆପଣ ନୈରାଶ୍ୟଜନକଭାବରେ ବିଫଳ ହୋଇଯିବେ। ନିଜର ତ୍ରୁଟି ବିଚ୍ୟୁତି ବିଷୟରେ ସର୍ବଦା ସଚେତ ରହିବାକୁ ପଡ଼ିବ ଏବଂ ସେ ସବୁକୁ ଦୂର କରିବା ନିମନ୍ତେ ସତତ ଯତ୍ନଶୀଳ ହେବାକୁ ପଡ଼ିବ। କଠିନତମ ପ୍ରଚେଷ୍ଟା କରିବାକୁ ପଡ଼ିବ ତେବେ ଯାଇ ଏହି ବ୍ରତରେ ଆପଣ ସନ୍ତୋଷଜନକ ଭାବରେ ସାଫଲ୍ୟ ମଣ୍ଡିତ ହୋଇପାରିବେ।

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭**

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ-ଲୋକନାଥ ଚୌଧୁରୀ

**ଅକ୍ଷୟ କୁମାର ରାଉତ**

ସମୟର ବିଚିତ୍ର ଖେଳ। ବିଚିତ୍ର ଏ ବିଶ୍ୱ। ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି। ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ। ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ। ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ। ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡ଼ି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ। ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ।

ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ। ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଲୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ। ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ। ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ। ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା। ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ। ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା। କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ। ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ। ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ। ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ। ୧୯୩୯ ମସିହାରେ ସେ ରେଭେନ୍‌ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ। କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ। ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ। ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ। ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ। ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ , ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର , ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ। ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା। ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା। ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ। ବି.ଏ. ପରିକ୍ଷା ଦେଇ ପାସ୍ କଲେ।

୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା। ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା। ସେ ଛାତ୍ର , କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ। ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ। ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟି ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ। ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା। ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ। ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ। ନିର୍ବାଚନ ଫଳ ପ୍ରକାଶ ପାଇଲା। ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ। ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ। ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି। ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି। ଫଳ ସ୍ୱରୁପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି। ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ କରୁଥିଲେ ସମସ୍ୟା ସମାଧାନ କରିବାକୁ। ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ। ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ। ଉପକୂଳ ବର୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ। ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁ ମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ, ବିଭୁପ୍ରସାଦ ତରାଇ, ଡଃ. କୁଳମଣି ସାମଲ। ମହାନ୍ ବିପ୍ଳବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା। ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ। ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ। ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ ସେ ସର୍ବଦା ଆମଭିତରେ ବଂଚିରହିବେ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର**
**ମୋବାଇଲ୍: ୯୯୩୭୬୯୧୪୭୫**

### ଆଇଏସଆଇଏସ ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲା

# ଇଣ୍ଡୋନେସିଆରୁ ଫେରୁଥିବା ୨ ସ୍ଲିପର ସେଲ୍ ଅପରେଟିଭ ଗିରଫ



**ନୂଆଦିଲ୍ଲୀ, ୧୭।୫:** ୨୦୨୩ ମସିହା ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜଡିତ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍ ଆଇଏସଆଇଏସ ସହିତ ଜଡିତ ଦୁଇ ପଳାତକ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ। ଏହି କାର୍ଯ୍ୟକର୍ତ୍ତାମାନେ ମହାରାଷ୍ଟ୍ରର ପୁଣେରେ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍ ଆଇଇଡି ତିଆରି ଏବଂ ପରୀକ୍ଷା କରିବାରେ ନିୟୋଜିତ ଏକ ସ୍ଲିପର୍ ସେଲ୍ ମଡ୍ୟୁଲର ଅଂଶ ଥିଲେ। ଏନଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅଭିଯୁକ୍ତ ଅବଦୁଲ୍ଲା ଫୈୟାଜ୍ ଶେଖ ଓରଫ ଡାଏପରୱାଲା ଏବଂ ତଲହା ଖାନଙ୍କୁ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ-୨ ରେ ଇମିଗ୍ରେସନ ବ୍ୟୁରୋ ଦ୍ୱାରା ଅଟକାଯାଇଥିଲା। ଏହି ଦୁଇଜଣ ଇଣ୍ଡୋନେସିଆର ଜାକର୍ତ୍ତାରେ ଲୁଚି ରହିଥିଲେ ଏବଂ ପହଞ୍ଚିବା ପରେ ଏଜେନ୍ସି ସେମାନଙ୍କୁ ହେପାଜତରେ ନେଇଥିଲା। ସେ କହିଛନ୍ତି ଯେ ଏହି ଦୁଇଜଣ ଦୁଇ ବର୍ଷରୁ ଅଧିକ ସମୟ ଧରି ପଳାତକ ଥିଲେ ଏବଂ ଏହି ମାମଲାରେ ଜଡିତ ଥିଲେ। କାରଣ ମୁମ୍ବାଇର ଏନଆଇଏ ସ୍ୱତନ୍ତ୍ର କୋର୍ଟ ଦ୍ୱାରା ସେମାନଙ୍କ ବିରୁଦ୍ଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଥିଲା ଏବଂ ସେମାନଙ୍କ ଗିରଫଦାରୀ ପାଇଁ ପ୍ରତ୍ୟେକଙ୍କୁ ୩ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାମଲା ଦଶ ଜଣଙ୍କ ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଭାରତ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସହିତ ଜଡିତ, ଯାହା ମଧ୍ୟରେ ସମ୍ପ୍ରତି ଗିରଫ ହୋଇଥିବା ଦୁଇଜଣ ମଧ୍ୟ ଅଛନ୍ତି। ସେମାନେ ହିଂସା ଏବଂ ଆତଙ୍କବାଦ ମାଧ୍ୟମରେ ଦେଶରେ ଇସଲାମିକ୍ ଶାସନ ପ୍ରତିଷ୍ଠା କରିବା ପାଇଁ ଆଇଏସଆଇଏସ ଏଜେଣ୍ଡାକୁ ଆଗକୁ ବଢ଼ାଇ ଭାରତ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରି ଭାରତର ଶାନ୍ତି ଏବଂ ସାମ୍ପ୍ରଦାୟିକ ସଦ୍ଭାବକୁ ନଷ୍ଟ କରିବା ପାଇଁ ଆତଙ୍କବାଦୀ କାର୍ଯ୍ୟ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଏହି ମାମଲାରେ ଏନଆଇଏ ପୂର୍ବରୁ ସମସ୍ତ ଦଶ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ, ବିସ୍ଫୋରକ ପଦାର୍ଥ ଆଇନ, ଅସ୍ତ୍ରଶସ୍ତ୍ର ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଏକ ଚାର୍ଜସିଟ୍ ଦାଖଲ କରିସାରିଛି। ଫୈୟାଜ ଶେଖ ଏବଂ ତଲହା ଖାନଙ୍କ ବ୍ୟତୀତ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଥିବା ଅନ୍ୟ ୮ଜଣ ଅଭିଯୁକ୍ତଙ୍କ ମଧ୍ୟରେ ମହମ୍ମଦ ଇମ୍ରାନ ଖାନ, ମହମ୍ମଦ ୟୁନୁସ ସାକି, ଅବଦୁଲ କାଦିର ପଠାନ, ସିମାବ ନାସିରୁଦ୍ଦିନ କାଜି, ଜୁଲଫିକର ଅଲି ବରୋଦାୱାଲା, ଶାମିଲ ନାଚାନ, ଆକିଫ ନାଚାନ ଏବଂ ଶାହନୱାଜ ଆଲମ ଅନ୍ତର୍ଭୁକ୍ତ।

## ଅଟ୍ଟାରୀ ସୀମା ଦେଇ ଆଫଗାନିସ୍ତାନରୁ ଭାରତକୁ ଆସିଲା ଶୁଖିଲା ଫଳ ଓ ଔଷଧ



**ଚଣ୍ଡିଗଡ଼, ୧୭।୫:** ଅଟ୍ଟାରୀ ସୀମା ଦେଇ ଆଫଗାନିସ୍ତାନରୁ ଭାରତକୁ ଆସିଲା ଶୁଖିଲା ଫଳ ଓ ଔଷଧ। ଅସ୍ତ୍ରବିରତି ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ହ୍ରାସ ପାଇବା ପରେ, ଭାରତ ଶୁକ୍ରବାର ଦିନ ଅଟ୍ଟାରିରେ ସମନ୍ୱିତ ଚେକ୍ ପୋଷ୍ଟ ଦେଇ ଆଫଗାନିସ୍ତାନରୁ ଶୁଖିଲା ଫଳ ଏବଂ ଔଷଧ ନେଇ ଆସିଥିବା ୧୬୨ଟି ଟ୍ରକକୁ ପ୍ରବେଶ ଅନୁମତି ଦେଇଛି। ଏପ୍ରିଲ ୨୨ ତାରିଖରୁ ଅଟ୍ଟାରୀ-ୱାଘା ସୀମା ବନ୍ଦ ହେବା ପରେ ଆଫଗାନିସ୍ତାନର କାନ୍ଦାହାରରୁ କୌଣସି ଶୁଖିଲା ଫଳ ନେଇ ଆସୁଥିବା ଟ୍ରକ୍ ଅଟ୍ଟାରୀକୁ ଆସିନଥିଲା। ଅଧିକାଂଶ ଶୁଖିଲା ଫଳ କାନ୍ଦାହାରରୁ ଆସେ, କିଛି ଜିନିଷ କାବୁଲରୁ ଆସେ। ଆଫଗାନ କର୍ତ୍ତୃପକ୍ଷଙ୍କ ଅନୁରୋଧ ପରେ ଭାରତ ସରକାର ଏହି ଅନୁମତି ପ୍ରଦାନ କରିଛନ୍ତି। କଷ୍ଟମ୍ସ ଡେପୁଟି କମିଶନର, ଆଇସିପି ଅଟ୍ଟାରୀଙ୍କ କାର୍ଯ୍ୟାଳୟ ସମ୍ପ୍ରତି ଲାହୋରର ୱାଘାସ୍ଥିତ ଲ୍ୟାଣ୍ଡ କଷ୍ଟମ୍ସ ଷ୍ଟେସନର ସହାୟକ ନିର୍ଦ୍ଦେଶକଙ୍କୁ ଏକ ଯୋଗାଯୋଗ ପଠାଇଛି, ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ ଆଫଗାନିସ୍ତାନ କର୍ତ୍ତୃପକ୍ଷ ୧୬୨ଟି ମାଲବାହୀ ଟ୍ରକର ସୁବିଧା ପାଇଁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଅଧିକାରୀ ଜଣକ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ସରକାର ୱାଘା-ଅଟ୍ଟାରୀ ସୀମା ଦେଇ ଟ୍ରକଗୁଡ଼ିକୁ ଭାରତରେ ପ୍ରବେଶ କରିବାକୁ ଆବଶ୍ୟକୀୟ ଅନୁମତି ଦେଇଛନ୍ତି ଏବଂ ଭାରତୀୟ କଷ୍ଟମ୍ସ ଏହି ଟ୍ରକଗୁଡ଼ିକରେ ମାଲ ପରିବହନକୁ ସହଜ କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଛି। ଫେଡେରେସନ ଅଫ୍ ଗ୍ରୋସରୀ ଆଣ୍ଡ ଡ୍ରାଏଫ୍ରୁଟ୍ କମର୍ସିଆଲ୍ ଆସୋସିଏସନର ଜାତୀୟ ସଭାପତି ଅନୀଲ ମେହରା କହିଛନ୍ତି ଯେ କେବଳ ଆଫଗାନିସ୍ତାନରୁ ଆସୁଥିବା ଟ୍ରକଗୁଡ଼ିକୁ ଭାରତରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି। ଗୁରୁବାର ଦିନ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କାମଚଳା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଥିଲେ। ତାଲିବାନ ପ୍ରଶାସନ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ପରେ ଏହି ଆଲୋଚନା ହୋଇଥିଲା।

## ଗାଜାରେ ଇସ୍ରାଏଲର ନରସଂହାର ଜାରି, ଏୟାର ଷ୍ଟ୍ରାଇକରେ ୧୪୬ ମୃତ

**ନୂଆଦିଲ୍ଲୀ, ୧୭।୫:** ଗାଜାରେ ଇସ୍ରାଏଲ ସେନାର ନରସଂହାର । ଏୟାର ଷ୍ଟ୍ରାଇକ୍ କରି ଘନଘନ ବୋମା ବର୍ଷା କରୁଛି ଆଇଡିଏଫ। ଗତ ୨୪ ଘଣ୍ଟାରେ ଇସ୍ରାଏଲର ହମଲାରେ ୧୪୬ଜଣ ପାଲେଷ୍ଟାଇନୀ ପ୍ରାଣ ହରାଇଛନ୍ତି । ସେହିପରି ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ରହିଛି । ଇସ୍ରାଏଲ ଡିଫେନ୍ସ ଫୋର୍ସ ଗାଜା ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା । କୁହାଯାଉଛି ମାର୍ଚ୍ଚ ମାସକୁ ଅସ୍ତ୍ରବିରତି ଶେଷ ହେବା ପରେ ଏହା ସବୁଠୁ ଘାତକ ଏୟାର ଷ୍ଟ୍ରାଇକ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଗସ୍ତ ସମାପ୍ତ ହେବାପରେ ଇସ୍ରାଏଲ ସେନା ଗାଜା ଉପରେ ଜୋରଦାର ପ୍ରହାର କରିଛି । ଉତ୍ତର ଗାଜା ସ୍ଥିତ ଇଣ୍ଡୋନେସିଆ ହସ୍ପିଟାଲର ନିର୍ଦ୍ଦେଶକ ଅଲ୍- ସୁଲ୍ଲାନଙ୍କ ଅନୁଯାୟୀ, ଗୁରୁବାର ମଧ୍ୟରାତ୍ରୀରେ ଏହି ଆକ୍ରମଣ କରିଛି ଇସ୍ରାଏଲ ଡିଫେନ୍ସ ଫୋର୍ସ । ଏହି ଏୟାର ଷ୍ଟ୍ରାଇକରେ ୫୬ଜଣ ପ୍ରାଣ ହରାଇଛନ୍ତି ।

## ହେଲି ଆମ୍ବୁଲାନ୍ସର ଜରୁରୀ ଅବତରଣ



**କେଦାରନାଥ, ୧୭।୫:** କେଦାରନାଥ ଧାମରେ ଏକ ହେଲି ଆମ୍ବୁଲାନ୍ସ ଜରୁରୀ ଅବତରଣ କରିଛି। ହେଲି ଆମ୍ବୁଲାନ୍ସଟି ଋଷିକେଶ ଏମ୍ସର ଥିଲା, ଯାହା ଋଷିକେଶରୁ କେଦାରନାଥ ଯାଉଥିଲା। ଏମ୍ସ ପିଆରଓ ସନ୍ଦୀପ କୁମାର ଏହା ନିଶ୍ଚିତ କରିଛନ୍ତି। ଶନିବାର ଦିନ କେଦାରନାଥ ହେଲିପ୍ୟାଡରୁ ମାତ୍ର ୨୦ ମିଟର ପୂର୍ବରୁ ଏମ୍ସର ହେଲିକପ୍ଟର ଜରୁରୀ ଅବତରଣ କରିଥିଲା। ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାର ପାଇଲଟ ସୁରକ୍ଷିତ ଅଛନ୍ତି। କୁହାଯାଉଛି ଯେ, ହେଲିକପ୍ଟରଟି ଜଣେ ରୋଗୀଙ୍କୁ ଆଣିବା ପାଇଁ ଋଷିକେଶରୁ କେଦାରନାଥ ଆସୁଥିଲା। ତେବେ ଜରୁରୀ ଅବତରଣ ବେଳେ ହେଲିକପ୍ଟରର ପଛ ଅଂଶ ଭାଙ୍ଗି ଯାଇଛି। ତେବେ କେହି ଆହତ ହୋଇନାହାନ୍ତି। ହେଲିକପ୍ଟରରେ କେବଳ ପାଇଲଟ ଥିଲେ। ୨୦୨୪ ଅକ୍ଟୋବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍ସର ହେଲି ଆମ୍ବୁଲାନ୍ସ ସେବା ସଞ୍ଜୀବନୀର ଶୁଭାରମ୍ଭ କରିଥିଲେ।

● ଦିଲ୍ଲୀରେ ଆପକୁ ବଡ଼ ଝଟକା

## ୧୫ କାଉନସିଲରଙ୍କ ଇସ୍ତଫା, ନୂଆ ଦଳ ଗଠନ କଲେ




**ନୂଆଦିଲ୍ଲୀ, ୧୭।୫ :** ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟ ପରେ ଆମ ଆଦମୀ ପାର୍ଟି (ଆପ)ର ସମସ୍ୟା ବଢ଼ିବାରେ ଲାଗିଛି । ସ୍ଥିତି ଏପରି ହୋଇଛି ଦିଲ୍ଲୀରେ ଦଳ ବିଭାଜିତ ହୋଇଯାଇଛି। ଦଳର ୧୫ ଜଣ କାଉନସିଲର ଇସ୍ତଫା ଦେଇଛନ୍ତି। ପୂର୍ବତନ ଗୃହ ନେତା ମୁକେଶ ଗୋୟଲ ଏକ ନୂତନ ଦଳ ଗଠନ କରିବାକୁ ଦାବି କରିଛନ୍ତି, ଯାହାର ନାମ ସେ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି ରଖିଛନ୍ତି। ସେ ଦାବି କରିଛନ୍ତି ଯେ ୧୫ ଜଣ କାଉନସିଲର ତାଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଏବଂ ବିଜେପିର କାଉନସିଲରମାନେ ମଧ୍ୟ ଆମ ସହିତ ଯୋଗ ଦେଇପାରିବେ। ମୁକେଶ ଗୋୟଲ କହିଛନ୍ତି, ଆପ ସମ୍ପୂର୍ଣ୍ଣ ବହୁମତ ସହିତ ଆସିଥିଲା, କିନ୍ତୁ ଦଳ କେବଳ ନିର୍ଦ୍ଦେଶ ଦେଉଥିଲା। କାହାରି କଥା ଶୁଣାଗଲା ନାହିଁ। କୌଣସି ବିକାଶ ହେଉନଥିଲା । କେବଳ ବିରୋଧୀ ଦଳକୁ ଦାୟୀ କରାଯାଇଥିଲା। ମୁଁ ୧୯୯୭ ମସିହାରୁ କାଉନସିଲର ଅଛି କିନ୍ତୁ ମୁଁ ଏପରି କେବେ ଦେଖିନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୌର ପରିଷଦର ସଦସ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ମିଳିବ ବୋଲି ପ୍ରଚାର କରାଯାଇଥିଲା, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଏହା ପାଇନାହାଁନ୍ତି। ଆଉ ଦୁଇ ବର୍ଷ ବାକି ଅଛି, ଆମର କାମ ସରିବ ନାହିଁ। ମୁଁ ଆପର ସଦସ୍ୟତାରୁ ଇସ୍ତଫା ଦେଇଛି। ଆମେ ଏକ ନୂତନ ଦଳ ଗଠନ କରିଛୁ ଏବଂ ବିଜେପି ଏବଂ କଂଗ୍ରେସର ଅନେକ କାଉନସିଲର ମଧ୍ୟ ଆମ ସହିତ ଯୋଗଦେବେ।

## ମୁମ୍ବାଇ ବିମାନବନ୍ଦର, ତାଜ ହୋଟେଲ ଉଡାଇବାକୁ ମିଛ ବୋମା ଧମକ



**ନୂଆଦିଲ୍ଲୀ, ୧୭।୫:** ଶୁକ୍ରବାର ମୁମ୍ବାଇ ପୁଲିସ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ପ୍ରତୀକାତ୍ମକ ତାଜମହଲ ପ୍ୟାଲେସ ହୋଟେଲରେ ବୋମା ବିସ୍ଫୋରଣ କରିବାକୁ ଧମକପୂର୍ଣ୍ଣ ଏକ ଇମେଲ୍ ପାଇଥିଲା, ଯେଉଁଥିରେ ଦାବି କରାଯାଇଛି ଯେ ସଂସଦ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ମୃତ୍ୟୁଦଣ୍ଡ ଅନ୍ୟାୟପୂର୍ଣ୍ଣ। ଜଣେ ଅଜଣା ବ୍ୟକ୍ତି ଦ୍ୱାରା ପଠାଯାଇଥିବା ଧମକ ଉଭୟ ସ୍ଥାନରେ ତୁରନ୍ତ ସୁରକ୍ଷା ଯାଞ୍ଚ କରିବାକୁ ବାଧ୍ୟ କରିଥିଲା। ଧମକ ପାଇବା ପରେ ପୁଲିସ ଦଳ, ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳ ସମଗ୍ର ପରିସରରେ ପୁଙ୍ଖାନୁପୁଙ୍ଖ ତଲାସୀ କରିଥିଲେ। ତଥାପି ଅପରେସନ ସମୟରେ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା କାର୍ଯ୍ୟକଳାପ ମିଳି ନଥିଲା। ତଦନ୍ତ ପରେ ବିମାନବନ୍ଦର ପୁଲିସ ଅଜ୍ଞାତ ପ୍ରେରକଙ୍କ ବିରୁଦ୍ଧରେ ଏକ ପ୍ରଥମ ସୂଚନା ରିପୋର୍ଟ ଏଫଆଇଆର ପଞ୍ଜିକୃତ କରିଛି। ପ୍ରାଥମିକ ତଦନ୍ତ ପରେ ପୁଲିସ ଇମେଲ୍‌କୁ ଏକ ମିଥ୍ୟା ଘୋଷଣା କରିଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ପରିସ୍ଥିତି ଉପରେ କଡ଼ା ନଜର ରଖିବା ଜାରି ରଖିଛନ୍ତି ଏବଂ ଇମେଲର ଉତ୍ପତ୍ତି ଖୋଜିବା ଓ ପ୍ରେରକଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି।

### ହିମାଚଳ ଚାଷୀଙ୍କ ଦାବି

# ତୁର୍କୀରୁ ସେଓ ଆମଦାନୀ ବନ୍ଦ କର

**ଚଣ୍ଡିଗଡ଼, ୧୭।୫:** ହିମାଚଳ ପ୍ରଦେଶର ସେଓ ଚାଷୀମାନେ ତୁର୍କୀରୁ ସେଓ ଆମଦାନୀ ବନ୍ଦ କରିବାକୁ ଦାବି କରିଛନ୍ତି। ଏହି ପାହାଡ଼ୀ ରାଜ୍ୟର ସେଓ ଅର୍ଥନୀତିରେ ପ୍ରାୟ ୫ ହଜାର କୋଟି ଟଙ୍କାର ଅବଦାନ ରଖେ। ସେମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ୱାଶିଂଟନ୍ ସେଓ ଉପରେ ଆମଦାନୀ ଶୁଳ୍କ ଆଉ ହ୍ରାସ କରାଯିବା ଉଚିତ୍ ନୁହେଁ। 'ଅପରେସନ୍ ସିନ୍ଦୂର' ପରେ ତୁର୍କୀ ପାକିସ୍ତାନକୁ ଖୋଲା ସମର୍ଥନ ଜଣାଇବା ପରେ ଭାରତୀୟମାନଙ୍କ ମଧ୍ୟରେ ଅସନ୍ତୋଷ ପରେ ଏହି ଦାବି ଆସିଛି। ହିମାଚଳ ପ୍ରଦେଶର ସଂଯୁକ୍ତ କିଷାନ ମଞ୍ଚ (ଏସକେଏମ) ସଂଯୋଜକ ହରିଶ ଚୌହାନ କହିଛନ୍ତି ଯେ ସେମାନେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମେ ୨୦ରେ ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲାଙ୍କୁ ଭେଟିବେ। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିବେ। ଯେଉଁଥିରେ ଦାବି ରହିଛି ଯେ କେନ୍ଦ୍ର ସରକାର ତୁର୍କୀ ସେଓ ଆମଦାନୀ ବନ୍ଦ କରିବା ଉଚିତ। ସେମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ଇରାନରୁ ସେଓ ଆମଦାନୀକୁ ଅନୁମତି ଦିଆଯିବ ନାହିଁ ଏବଂ ୱାଶିଂଟନ୍ ସେଓ ଉପରେ ଆମଦାନୀ ଶୁଳ୍କ ଆହୁରି ହ୍ରାସ କରାଯିବା ଉଚିତ୍ ନୁହେଁ। ବିଭିନ୍ନ ଦେଶରୁ ଆମଦାନୀ କରାଯାଉଥିବା ସେଓ ଉପରେ ସର୍ବନିମ୍ନ ଆମଦାନୀ ମୂଲ୍ୟ କିଲୋଗ୍ରାମ ପିଛା ୧୦୦ ଟଙ୍କା ହେବା ଉଚିତ୍। ଗତ ବର୍ଷ କେନ୍ଦ୍ର ସରକାର ବିଦେଶରୁ ଆମଦାନୀ ହେଉଥିବା ସେଓ ଉପରେ କିଲୋ ପ୍ରତି ଆଇଏମପି ୫୦ ଟଙ୍କା ଆଦାୟ କରିବାକୁ ଘୋଷଣା କରିଥିଲେ, କିନ୍ତୁ ତାହା କାର୍ଯ୍ୟକାରୀ ହୋଇନଥିଲା। ହିମାଚଳ ପ୍ରଦେଶର ସେଓ ଋତୁ ଜୁଲାଇ ମଧ୍ୟଭାଗରୁ ଆରମ୍ଭ ହେବ। ଆଶା କରାଯାଉଛି ଯେ ଏହି ବର୍ଷ ସେଓ ଫସଲ ପ୍ରାୟ ଗତ ବର୍ଷ (୨.୧୮ କୋଟି ବାକ୍ସ) ପରି ହେବ ବୋଲି ହରିଶ ଚୌହାନ କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ତୁର୍କୀ ଏବଂ ଇରାନରୁ ଆମଦାନୀ ହେଉଥିବା ସେଓ ଯୋଗୁଁ ସେଓ ଚାଷୀମାନେ ପ୍ରଭାବିତ ହେଉଛନ୍ତି। ତୁର୍କୀରୁ ଆସୁଥିବା ପ୍ରତି କିଲୋ ସେଓର ମୂଲ୍ୟ ୬୦ ରୁ ୬୫ ଟଙ୍କା ମଧ୍ୟରେ ଏବଂ ଇରାନରୁ ଆସୁଥିବା ସେଓର ମୂଲ୍ୟ ୩୮ ରୁ ୪୦ ଟଙ୍କା ମଧ୍ୟରେ ରହେ। ଯଦିଓ ଆମର (ହିମାଚଳ ପ୍ରଦେଶ) ଉତ୍ପାଦନ ଖର୍ଚ୍ଚ ପ୍ରାୟ ୪୦ଟଙ୍କା ପ୍ରତି କିଲୋଗ୍ରାମ ଏବଂ ଆମେ ଆମର ସର୍ବୋତ୍ତମ ସେଓ ଚାଲୁଥିବା ବଜାରରେ ପ୍ରାୟ ୫୦ରୁ ୬୦ ଟଙ୍କା ପ୍ରତି କିଲୋଗ୍ରାମ ମଧ୍ୟରେ ବିକ୍ରୟ କରୁ।

## ଯାତ୍ରୀବାହୀ ବସ୍ ଉପରେ ରୁଷର ଡ୍ରୋନ୍ ଆକ୍ରମଣ: ୯ ମୃତ

**ମସ୍କୋ, ୧୭।୫:** ୟୁକ୍ରେନ ଓ ରୁଷ ମଧ୍ୟରେ ଶାନ୍ତିବାର୍ତ୍ତା ମଧ୍ୟରେ ପୁଣି ରୁଷ ୟୁକ୍ରେନର କିଛି ସ୍ଥାନକୁ ଆକ୍ରମଣ କରିଛି । ରିପୋର୍ଟ ମୁତାବକ, ରୁଷ ସେନା ୟୁକ୍ରେନ ସୈନ୍ୟ ଶିବିରକୁ ଟାର୍ଗେଟ କରିଛି । ୟୁକ୍ରେନ ସେନା ଯେଉଁଠାରେ ସେନା ଅସ୍ତ୍ରଶସ୍ତ୍ର ରଖୁଥିଲା, ସେଠାରେ ଆକ୍ରମଣ ହୋଇଛି । ୟୁକ୍ରେନର ଏକ ଯାତ୍ରୀ ବସ ଉପରେ ରୁଷ ଡ୍ରୋନ ଆଟାକ୍ କରିଛି । ଏହି ଆଟାକରେ ଅତି କମରେ ୯ ଜଣ ମରିଛନ୍ତି । ୟୁକ୍ରେନ ପୋଲିସ କହିଛି, ଏଭଳି ଆକ୍ରମଣ କରି ସାଧାରଣ ନାଗରିକଙ୍କ ଜୀବନ ନେବା ଅପରାଧ । ୟୁକ୍ରେନର ସୁମି ସୈନା ଅସ୍ତ୍ରଶସ୍ତ୍ର କାରଖାନାର ମୁଖ୍ୟ କହିଛନ୍ତି, ରୁଷ ଆକ୍ରମଣ କରିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୟୁକ୍ରେନ ପୋଲିସ କ୍ଷତିଗ୍ରସ୍ତ ବସର ଫଟୋ ମଧ୍ୟ ସେୟାର କରିଛି। ବସର ଉପର ଭାଗ ଉଡିଯାଇଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଦିନ ତୁର୍କୀରେ ୟୁକ୍ରେନ ଏବଂ ରୁଷର ପ୍ରତିନିଧିମଣ୍ଡଳୀ ଶାନ୍ତିବାର୍ତ୍ତା ପାଇଁ ମିଟିଂ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ହେବା ପାଇଁ କୌଣସି ନିଷ୍କର୍ଷ ବାହାରିପାରିନଥିଲା। ୟୁକ୍ରେନ ଓ ରୁଷ ମଧ୍ୟରେ ୧୦୦୦ ବନ୍ଦୀକୁ ମୁକ୍ତ କରିବା ପାଇଁ ସହମତି ମଧ୍ୟ ହୋଇଥିଲା ।



● ସିନ୍ଧୁ ଚୁକ୍ତିନାମା ସ୍ଥଗିତ ପରେ

## ଚେନାବରେ ରଣବୀର କେନାଲର ସମ୍ପ୍ରସାରଣ ଯୋଜନା କରୁଛି କେନ୍ଦ୍ର



**ନୂଆଦିଲ୍ଲୀ, ୧୭।୫:** ପହଲଗାମ ଆକ୍ରମଣ ପରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପରେ ଭାରତକୁ ମିଳୁଥିବା ଜଳର ସର୍ବାଧିକ ବ୍ୟବହାର ପାଇଁ ସରକାର ଚେନାବ ନଦୀରେ ରଣବୀର କେନାଲର ଲମ୍ବ ବୃଦ୍ଧି କରିବା ଯୋଜନା ଉପରେ ବିଚାର କରୁଥିବା ଅଧିକାରୀମାନେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ଚେନାବରୁ ସୀମିତ ଜଳ ବ୍ୟବହାର କରିଆସୁଛି, ମୁଖ୍ୟତଃ ଜଳସେଚନ ପାଇଁ। କିନ୍ତୁ ବର୍ତ୍ତମାନ ଚୁକ୍ତିନାମାକୁ ସ୍ଥଗିତ ରଖିବା ଦ୍ୱାରା ଶକ୍ତି ଚାହିଦା ପୂରଣ କରିବା ପାଇଁ ବିଶେଷକରି ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଏହାର ବ୍ୟବହାରକୁ ବିସ୍ତାର କରିବାର ସୁଯୋଗ ରହିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଉ ଜଣେ ଅଧିକାରୀ କହିଛନ୍ତି ଯେ ଭାରତ ପୂର୍ବରୁ ପାକିସ୍ତାନ ଦ୍ୱାରା ବ୍ୟବହୃତ ନଦୀଗୁଡ଼ିକରେ ପ୍ରାୟ ୩ ହଜାର ମେଗାୱାଟର ଜଳବିଦ୍ୟୁତ କ୍ଷମତା ବୃଦ୍ଧି କରିବାକୁ ଯୋଜନା କରୁଛି ଏବଂ ଏହି ସମ୍ପର୍କରେ ଏକ ସମ୍ଭାବ୍ୟତା ଅଧ୍ୟୟନ ଯୋଜନା କରାଯାଇଛି। ପ୍ରମୁଖ ଯୋଜନା ମଧ୍ୟରୁ ଗୋଟିଏ ହେଉଛି ରଣବୀର କେନାଲର ଲମ୍ବ ୧୨୦ କିଲୋମିଟରକୁ ବୃଦ୍ଧି କରିବା, ଯେହେତୁ ଭିତ୍ତିଭୂମି ନିର୍ମାଣ ପାଇଁ ସମୟ ଆବଶ୍ୟକ, ସମସ୍ତ ଅଂଶୀଦାରଙ୍କୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରାଯାଇଛି। ଏହା ବ୍ୟତୀତ କାଠୁଆ, ରବି ଏବଂ ପରାଗୱାଲ କେନାଲରୁ ମଧ୍ୟ କାଦୁଅ ମୁକ୍ତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୯୬୦ ମସିହାରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ମଧ୍ୟସ୍ଥତା କରାଯାଇ ସିନ୍ଧୁ ଜଳ ଚୁକ୍ତି ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକର ବଣ୍ଟନ ଏବଂ ବ୍ୟବହାରକୁ ନିୟନ୍ତ୍ରଣ କରିଥିଲା।

## ଉତକ୍ଷେପଣ ପାଇଁ କାଉଣ୍ଟଡାଉନ୍ ଆରମ୍ଭ

### ପିଏସଏଲଭି-ସି୬୧ ମିଶନ



**ଶ୍ରୀହରିକୋଟା, ୧୭।୫:** ପିଏସଏଲଭି ରକେଟ୍ ମାଧ୍ୟମରେ ଏକ ପୃଥିବୀ ଇମେଜିଂ ସାଟେଲାଇଟ୍ ଉତକ୍ଷେପଣ ପାଇଁ ୨୨ ଘଣ୍ଟାର କାଉଣ୍ଟଡାଉନ୍ ଶନିବାର ଏଠାରେ ଆରମ୍ଭ ହୋଇଥିବା ଇସ୍ରୋ ସୂତ୍ରରୁ ଜଣାପଡ଼ିଛି। ପିଏସଏଲଭି-ସି୬୧ ପାଇଁ ଉତକ୍ଷେପଣ ଆସନ୍ତାକାଲି ଏହି ମହାକାଶ ବନ୍ଦରର ପ୍ରଥମ ଲଞ୍ଚ ପ୍ୟାଡରୁ ସକାଳ ୫.୫୯ ମିନିଟରେ କରାଯିବାର କାର୍ଯ୍ୟକ୍ରମ ରହିଛି। ଯାହା ବେଙ୍ଗାଲୁରୁ ମୁଖ୍ୟାଳୟ ଅନ୍ତରୀକ୍ଷ ଏଜେନ୍ସି ପାଇଁ ଏହା ୧୦୧ ତମ ମିଶନ ହେବ। ଆଜି ସକାଳ ୭.୫୯ ମିନିଟରେ କାଉଣ୍ଟଡାଉନ୍ ଆରମ୍ଭ ହୋଇଥିଲା। ମୋଟ ୨୨ ଘଣ୍ଟା କାଉଣ୍ଟଡାଉନ୍ ରହିବ। ପୋଲାର ସାଟେଲାଇଟ୍ ଲଞ୍ଚ ଯାନ ପିଏସଏଲଭି ଏହାର ୬୩ ତମ ମିଶନରେ ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଇଓଏସ-୦୯ ବହନ କରିବ, ଯାହା ସମସ୍ତ ପାଣିପାଗ ପରିସ୍ଥିତିରେ ପୃଥିବୀ ପୃଷ୍ଠର ଉଚ୍ଚ-ରିଜୋଲ୍ୟୁସନ୍ ପ୍ରତିଛବି ଉତ୍ କ୍ଷେପଣ କରିବାରେ ସକ୍ଷମ ହେବ। କୃଷି, ବନୀକରଣ ତଦାରଖ, ବିପର୍ଯ୍ୟୟ ପରିଚାଳନା, ସହରାଞ୍ଚଳ ଯୋଜନା ଏବଂ ଜାତୀୟ ସୁରକ୍ଷା ଭଳି ପ୍ରୟୋଗ ପାଇଁ ଉପଗ୍ରହ ଦ୍ୱାରା ଇମେଜିଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ୧,୬୯୬.୨୪ କିଲୋଗ୍ରାମ ଓଜନ ବିଶିଷ୍ଟ ଇଓଏସ-୦୯ ଉପଗ୍ରହ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହର ନକ୍ଷତ୍ରରେ ଯୋଗଦେବ, ଯାହାର ଲକ୍ଷ୍ୟ ଦେଶର ବିଶାଳ ଅଞ୍ଚଳରେ ବିସ୍ତାରିତ ବାସ୍ତବ-ସମୟ କଭରେଜର ଆବଶ୍ୟକତାକୁ ସମାଧାନ କରିବା। ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ-୦୯ ହେଉଛି ୨୦୨୨ ରେ ଲଞ୍ଚ ହୋଇଥିବା ଇଓଏସ-୦୪ର ଏକ ପୁନରାବୃତ୍ତି ଉପଗ୍ରହ। ଏହାକୁ କାର୍ଯ୍ୟକ୍ଷମ ପ୍ରୟୋଗରେ ନିୟୋଜିତ ଉପଭୋକ୍ତା ସମ୍ପ୍ରଦାୟ ପାଇଁ ଦୂର ସେନ୍ସିଂ ତଥ୍ୟ ସୁନିଶ୍ଚିତ କରିବା ଏବଂ ପର୍ଯ୍ୟବେକ୍ଷଣର ଫ୍ରିକ୍ୱେନ୍ସି ଉନ୍ନତ କରିବା ମିଶନ ଉଦ୍ଦେଶ୍ୟ ସହିତ ଡିଜାଇନ୍ କରାଯାଇଛି। ପିଏସଏଲଭି-ସି୬୧ ରକେଟ୍ ୧୭ ମିନିଟର ଯାତ୍ରା ପରେ ଇଓଏସ-୦୯ ଉପଗ୍ରହକୁ ସୂର୍ଯ୍ୟ ସିଙ୍କ୍ରୋନାସ୍ ପୋଲାର ଅର୍ବିଟ୍ରେ ସ୍ଥାପନ କରିବ ବୋଲି ଆଶା କରାଯାଉଛି। ଉପଗ୍ରହଟି ଇଚ୍ଛାକୃତ କକ୍ଷପଥରେ ପୃଥକ ହେବା ପରେ ବୈଜ୍ଞାନିକମାନେ ପରେ କକ୍ଷପଥର ଉଚ୍ଚତା ହ୍ରାସ କରିବା ପାଇଁ ଯାନରେ ଅର୍ବିଟ୍ ଚେଞ୍ଜ୍ ଥ୍ରଷ୍ଟର୍ସ ବ୍ୟବହାର କରିବେ।

# ଜଳସେଚନ ପାଇଁ ସିନ୍ଧୁ ନଦୀର ପାଣି ବ୍ୟବହାର କରାଯାଉ



କୃଷକ ସଂଗଠନର ଅନୁରୋଧ

**ନୂଆଦିଲ୍ଲୀ, ୧୭।୫:** କୃଷକ ସଂଗଠନ ଭାରତୀୟ କିଷାନ ୟୁନିଅନ (ଅଣରାଜନୈତିକ) କେନ୍ଦ୍ରୀୟ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଅନୁରୋଧ କରିଛି ଯେ ଆଞ୍ଚଳିକ ଜଳକଷ୍ଟ ଦୂର କରିବା ପାଇଁ ସିନ୍ଧୁ ନଦୀ ଅବବାହିକାର ପାଣିର ବ୍ୟବହାର ଉପରେ ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ପଶ୍ଚିମ ଉତ୍ତର ପ୍ରଦେଶର ଚାଷୀଙ୍କ ସହିତ ଆଲୋଚନା ଆରମ୍ଭ କରନ୍ତୁ। ଚୌହାନଙ୍କୁ ଲେଖିଥିବା ଚିଠିରେ ଭାରତୀୟ କିଷାନ ୟୁନିଅନ ବିକେୟୁ ପାକିସ୍ତାନ ସହିତ ଚୁକ୍ତିନାମା ସମ୍ପର୍କରେ ପୂର୍ବ ସରକାରଙ୍କ ଦ୍ୱାରା କରାଯାଇଥିବା ଭୁଲକୁ ସଂଶୋଧନ କରିବାକୁ ଆହ୍ୱାନ କରିଛି। ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ପୂର୍ବ ସରକାରଙ୍କ ତ୍ରୁଟି ସଂଶୋଧନ କରିବାର ସମୟ ଆସିଛି, ଯାହା ଭାରତୀୟ ଚାଷୀଙ୍କ ଅପେକ୍ଷା ପାକିସ୍ତାନକୁ ଫାଇଦା ଦେଇଥାଏ ବୋଲି ବିକେୟୁ (ଅଣରାଜନୈତିକ)ର ମୁଖପାତ୍ର ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି। ପୂର୍ବରୁ ଅନେକ ଚାଷୀ ନେତା ଚୁକ୍ତିନାମାକୁ ସ୍ଥଗିତ ରଖିବା କିମ୍ବା ଏହାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବା ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ଏବଂ ଏହାର ସର୍ତ୍ତାବଳୀର ସମୀକ୍ଷା ଦାବି କରିଥିଲେ। ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ୬୫ ବର୍ଷ ପୁରୁଣା ଚୁକ୍ତିନାମାକୁ ସ୍ଥଗିତ କରାଯାଇଥିଲା। ଏହି ଆକ୍ରମଣ ଭାରତକୁ ପାକିସ୍ତାନର ଗଭୀର ସୀମାରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରିବାକୁ ପ୍ରେରଣା ଦେଇଥିଲା। ମଲ୍ଲିକ ଦର୍ଶାଇଛନ୍ତି ଯେ ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ପଶ୍ଚିମ ଉତ୍ତର ପ୍ରଦେଶର ଚାଷୀମାନେ ପାଣିର ଅଭାବର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କ ଫସଲ ଉତ୍ପାଦନକୁ ପ୍ରଭାବିତ କରୁଛି। ଆମେ ଚୌହାନଙ୍କୁ ଏହି ରାଜ୍ୟଗୁଡ଼ିକର ଚାଷୀଙ୍କ ସହିତ ଆଲୋଚନା ଆରମ୍ଭ କରିବାକୁ ଅନୁରୋଧ କରୁଛୁ ଯେ ଭାରତୀୟ କୃଷିକୁ ଲାଭ ଦେବା ପାଇଁ ସିନ୍ଧୁ ନଦୀର ଜଳକୁ କିପରି ବ୍ୟବହାର କରାଯାଇପାରିବ। ସିନ୍ଧୁ ନଦୀ ଅବବାହିକାରୁ ଜଳ ଉପଲବ୍ଧତା ଏହି ରାଜ୍ୟଗୁଡ଼ିକର କୃଷି ଦୃଶ୍ୟପଟକୁ ପରିବର୍ତ୍ତନ କରିପାରିବ ବୋଲି ମଲ୍ଲିକ କହିଛନ୍ତି। ୧୯୬୦ ମସିହାରେ ସ୍ୱାକ୍ଷରିତ ଏହି ଚୁକ୍ତିନାମା ମୁଖ୍ୟତଃ ପାକିସ୍ତାନର ଲାଭ ପାଇଁ ଭାରତର ପଶ୍ଚିମ ନଦୀ ସିନ୍ଧୁ, ଝେଲମ୍ ଏବଂ ଚେନାବ୍ ବ୍ୟବହାରକୁ ସୀମିତ କରେ। ସେବେଠାରୁ, ପାକିସ୍ତାନ ବିଭିନ୍ନ ବାହାନାରେ ଏହି ନଦୀଗୁଡ଼ିକରେ ଜଳବିଦ୍ୟୁତ କେନ୍ଦ୍ର ନିର୍ମାଣ ପାଇଁ ଭାରତୀୟ ପ୍ରସ୍ତାବଗୁଡ଼ିକୁ ନିରନ୍ତର ଅଟକାଇ ରଖିଛି। ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଜଳ ଶକ୍ତି ମନ୍ତ୍ରଣାଳୟ କ୍ୟାବିନେଟରେ ଦାଖଲ ପାଇଁ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିଛି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଚେନାବ୍ ଉପରେ ସୱାଲକୋଟ ପର୍ଯ୍ୟାୟ-୨, କିର୍ଥାଇ ପର୍ଯ୍ୟାୟ-୨ ଏବଂ ଦୁଲହସ୍ତି ପର୍ଯ୍ୟାୟ-୨ ଅନ୍ତର୍ଭୁକ୍ତ।

## ଦୋହା ଡାଏମଣ୍ଡ ଲିଗ୍

# ଇତିହାସ ରଚିଲେ ନୀରଜ ଚୋପ୍ରା



## ୯୦ ମିଟର କ୍ଲବରେ ନୀରଜ

**ଦୋହା, ୧୭।୫:** ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଖେଳାଳି ନୀରଜ ଚୋପ୍ରା ଭାରତୀୟ ଜାଭେଲିନ ଥ୍ରୋରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ୯୦ ମିଟର ଥ୍ରୋ କ୍ଲବରେ ସାମିଲ ହୋଇଛନ୍ତି। ଆଜି ଦୋହା ଡାଏମଣ୍ଡ ଲିଗରେ ସିଜନ ଆରମ୍ଭ କରିଥିଲେ। ନିଜର ତୃତୀୟ ପ୍ରୟାସରେ ୯୦.୨୩ ମିଟର ଥ୍ରୋ କରିଥିଲେ। ଏହା ତାଙ୍କ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ତାଙ୍କ ଖେଳ ଜୀବନର ସବୁଠାରୁ ଶ୍ରେଷ୍ଠ ଥ୍ରୋ ଗୌରବ ଅର୍ଜନ କରିଥିଲେ। ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଶୁକ୍ରବାର ତାଙ୍କ ଖେଳ ଜୀବନର ସବୁଠାରୁ ଶ୍ରେଷ୍ଠ ଥ୍ରୋ ଗୌରବ ଅର୍ଜନ କରିଥିବା ବେଳେ ତାଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ନୀରଜଙ୍କ ପ୍ରଶଂସା କରି ଏହା ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଶୃଙ୍ଖଳତାର ଫଳ ବୋଲି କହିଛନ୍ତି। ଏକ ଏକ୍ସ ପୋଷ୍ଟ ଜରିଆରେ ମଧ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଞ୍ଚମ ଥ୍ରୋ ପର୍ଯ୍ୟନ୍ତ ନୀରଜ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଦାବିଦାର ରହିଥିଲେ। ମାତ୍ର ଜର୍ମାନୀର ଜୁଲିଆନ ୱେବର ଷଷ୍ଠ ପ୍ରୟାସରେ ୯୧.୦୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ହାସଲ କରିଥିଲେ। ନୀରଜ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଏବଂ ଜର୍ମାନୀର ଆଣ୍ଡରସନ ପିଟର୍ସ (୮୫.୬୪ ମିଟର) ବ୍ରୋଞ୍ଜ ପଦକ ଜିତିଥିଲେ। ଫାଇନାଲ ତାଲିକାରେ ଥିବା ଦ୍ୱିତୀୟ ଭାରତୀୟ କିଶୋର କୁମାର ଜେନା ଦ୍ୱିତୀୟ ଥ୍ରୋରେ ସିଜନରେ (୭୮.୬୦ ମିଟର) ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଅଷ୍ଟମ ସ୍ଥାନରେ ରହିଥିଲେ। ମୋଟ୍ ୧୧ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ସାମିଲ ରହିଥିଲେ।

**ଫୋନ କରି ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ**

ତେବେ ଇତିହାସରେ ସେ ୨୫ତମ ଖେଳାଳି ଭାବେ ୯୦+ ମିଟର୍ ସଫଳତା ଅର୍ଜନ କରିଛନ୍ତି। ଏସିଆରେ କିନ୍ତୁ ପାକିସ୍ତାନର ଅର୍ସଦ ନଦୀମ (୯୨.୯୭ ମିଟର୍) ଏବଂ ଚାଇନିଜ୍ ତାଇପେର ଚାଓ ଟାଇସୁନ୍ ଚେଙ୍ଗ୍ (୯୧.୩୬) ଙ୍କ ପରେ ତୃତୀୟ ହୋଇଛନ୍ତି। ଶୁକ୍ରବାର ନୀରଜ ପ୍ରଥମ ଥ୍ରୋରେ ୮୮.୩୪ ମିଟର୍ ଫିଙ୍ଗିବା ପରେ ଦ୍ୱିତୀୟଟିରେ ବିଫଳ ହୋଇଥିଲେ। ତୃତୀୟରେ କିନ୍ତୁ ୯୦.୨୩ ମିଟର୍ ଫିଙ୍ଗି ଇତିହାସ ରଚିଥିଲେ।

ସୂଚନାଯୋଗ୍ୟ, ୨୦୨୦ ଅଲିମ୍ପିକ୍ସରେ ନୀରଜ ୮୭.୫୮ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ। କିନ୍ତୁ ୨୦୨୪ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ବଜାୟ ରଖିବାରେ ବିଫଳ ହୋଇଥିଲେ। ପାକିସ୍ତାନର ଅର୍ଶଦ ନଦୀମଙ୍କ ସହ ତାଙ୍କର ଟକ୍କର ହୋଇଥିଲା।




## ୱାଙ୍ଖେଡ଼େରେ ରୋହିତ ଶର୍ମା ଷ୍ଟାଣ୍ଡ୍

**ମୁମ୍ବାଇ, ୧୭।୫:** ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଥିବା ହିଟ୍ ମ୍ୟାନ୍ ରୋହିତ ଶର୍ମାଙ୍କ ସମ୍ମାନରେ ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ) ଗୁରୁବାର ୱାଙ୍ଖେଡ଼େ ଷ୍ଟାଡିୟମରେ ରୋହିତ ଶର୍ମା ଷ୍ଟାଣ୍ଡ୍‌କୁ ଉଦ୍‌ଘାଟନ କରିଛି। ଦିଭେଚା ପାଭିଲିୟନ୍ ଲେଭଲ୍ ୩ ଏବେ ରୋହିତ ଶର୍ମା ଷ୍ଟାଣ୍ଡ୍ ଭାବେ ପରିଚିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ରୋହିତଙ୍କ ପରିବାର ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ, ଏନ୍‌ସିପି-ଏସ୍‌ସିପି ମୁଖ୍ୟ ଶରଦ ପାୱାର ଏବଂ ଏମ୍‌ସିଏର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରୋହିତ ଶର୍ମା ଷ୍ଟାଣ୍ଡ୍ ସହ ଶରଦ ପାୱାର ଷ୍ଟାଣ୍ଡ, ଅଜିତ ୱାଦେକର ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିଲା।

ଏଥିସହ ଏମ୍‌ସିଏର ପୂର୍ବତନ ସଭାପତି ଅମୋଲ କାଲେଙ୍କ ନାଁରେ ଏମ୍‌ସିଏ କାର୍ଯ୍ୟାଳୟ ଲାଉଞ୍ଜ ନାମିତ ହୋଇଛି। ପୂର୍ବରୁ ୱାଙ୍ଖେଡ଼େରେ କିଂବଦନ୍ତି ସଚିନ ତେନ୍ଦୁଲକର, ସୁନିଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର ଓ ବିଜୟ ମର୍ଚ୍ଚାଣ୍ଟଙ୍କ ନାମରେ ଷ୍ଟାଣ୍ଡ୍ ଥିଲା। ଚଳିତ ମାସ ୨୧ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବ। ରୋହିତ ଏହି ଦିନ ପ୍ରଥମ ଥର ତାଙ୍କ ନାଁରେ ହୋଇଥିବା ଷ୍ଟାଣ୍ଡ୍ ସମ୍ମୁଖରେ ଖେଳିବେ। ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ରିଲାଏନ୍ସ ଫାଉଣ୍ଡେସନ୍‌ର ମୁଖ୍ୟ ନୀତା ଅମ୍ବାନି କହିଛନ୍ତି 'ତୁମେ ମୁମ୍ବାଇର ଓ ଦେଶର ଅସଲ କିଂବଦନ୍ତି'।

## ତିରୁପତିଙ୍କ ଶରଣରେ ଶିଳ୍ପପତି ସଞ୍ଜୀବ ଗୋଏଙ୍କା

### ଦାନ କଲେ ୩ କୋଟି ୬୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର

**ନୂଆଦିଲ୍ଲୀ, ୧୭।୫:** ତିରୁପତିଙ୍କ ଶରଣରେ ବିଶିଷ୍ଟ ଶିଳ୍ପପତି ସଞ୍ଜୀବ ଗୋଏଙ୍କା। ତିରୁମାଳା ତିରୁପତିଙ୍କୁ ଦର୍ଶନ କରିବା ସହିତ ମନ୍ଦିରକୁ ୫ କେଜିରୁ ଅଧିକ ସୁନା ଅଳଙ୍କାର ଦାନ କରିଛନ୍ତି। କୋଲକାତାର ବିଶିଷ୍ଟ ଶିଳ୍ପପତି ତଥା ଆଇପିଏଲ୍ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଫ୍ରାଞ୍ଚାଇଜ ମାଲିକ ସଞ୍ଜୀବ ଗୋଏଙ୍କା। ଭଗବାନ୍ ଭେଙ୍କଟେଶ୍ୱରଙ୍କୁ ହୀରା ଖଚିତ ସ୍ୱର୍ଣ୍ଣ ନିର୍ମିତ କଟି ଓ ବରଦା ହସ୍ତ ଦାନ କରିଛନ୍ତି । ଯାହାର ମୂଲ୍ୟ ପ୍ରାୟ ୩ କୋଟି ୬୩ ଲକ୍ଷ ଟଙ୍କା ହେବ। ପରିବାର ସହ ପ୍ରଥମେ ଭଗବାନ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିଥିଲେ ସଞ୍ଜୀବ ଗୋଏଙ୍କା। ମନ୍ଦିର ଚତୁଃପାର୍ଶ୍ୱ ବୁଲିବା ସହ ତିରୁପତିଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ମନ୍ଦିର ଭିତର ରଙ୍ଗନାୟକୁଲା ମଣ୍ଡପମରେ ଆନୁଷ୍ଠାନିକ ଭାବେ ଟିଟିଡି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କେୟା ଚୌଧୁରୀ ଓ ପଜୂକଙ୍କୁ ସୁନା ଅଳଙ୍କାର ଦାନ କରିଥିଲେ। ସୁନାର ଓଜନ ପ୍ରାୟ ୫ କେଜି ୨୬୭ କିଲୋଗ୍ରାମ ହେବ। ସ୍ୱତନ୍ତ୍ର ପୂଜାରେ ଏହି ସମସ୍ତ ଅଳଙ୍କାରରେ ସଜେଇ ହେବେ ଭଗବାନ ତିରୁପତି।



ସୂଚନାଯୋଗ୍ୟ, ଚଳିତ ଆଇପିଏଲ୍ ସିଜନ ୧୮ରେ ସଞ୍ଜୀବ ଗୋଏଙ୍କାଙ୍କ ଦଳ ଲକ୍ଷ୍ନୌ ସୁପରଜାଏଣ୍ଟସ ୧୧ଟା ମ୍ୟାଚ ଖେଳି ୫ଟି ଜିତିଛି। ୬ଟିରେ ପରାସ୍ତ ହୋଇଛି। ପଏଣ୍ଟ ଟେବୁଲ ସପ୍ତମ ସ୍ଥାନରେ ରହିଛି ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ସୁପରଜାଏଣ୍ଟସ। ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା ଲକ୍ଷ୍ନୌ। ଅକ୍ସନରେ ସବୁଠୁ ଦାମୀ ଖେଳାଳି ଥିଲେ। ହେଲେ ତାଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଖାଲି ସେତିକି ନୁହେଁ କ୍ୟାପ୍ଟେନ୍ସିଂରେ ବି ବିଫଳ ହୋଇଛନ୍ତି ପନ୍ତ।

## ପାକିସ୍ତାନ ଟିମ୍‌ରେ ବଡ଼ ଭୂକମ୍ପ

**ନୂଆଦିଲ୍ଲୀ, ୧୭।୫:** ପାକିସ୍ତାନ ଟିମ୍‌ରେ ବିଶୃଙ୍ଖଳା ଥମିବାର ନାଁ ନେଉନାହିଁ। ଦଳର ଅଧିନାୟକ ଶାନ ମାସୁଦଙ୍କ ପଦ ବିପଦରେ ଅଛି। ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମାସୁଦଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇପାରେ ଏବଂ ତାଙ୍କ ସ୍ଥାନରେ ସୌଦ ଶକିଲଙ୍କୁ ଟେଷ୍ଟ ଅଧିନାୟକ କରାଯାଇପାରେ। ନିକଟରେ ପାକିସ୍ତାନ ମାଇକ ହେସନଙ୍କୁ ତାଙ୍କ ଦଳରେ ସାମିଲ କରିଛି ଯିଏ ଦିନିକିଆ ଏବଂ ଟି-୨୦ ଦଳର ମୁଖ୍ୟ ପ୍ରଶିକ୍ଷକ ହୋଇଛନ୍ତି। ଏବେ ଟେଷ୍ଟ କ୍ରିକେଟରେ ମଧ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି। ଟେଷ୍ଟ ଅଧିନାୟକ ଭାବରେ ମାସୁଦଙ୍କ ରେକର୍ଡ ମଧ ବହୁତ ଖରାପ। ସେ ୧୨ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନର ଅଧିନାୟକତ୍ୱ କରିଛନ୍ତି ଏବଂ ସେଥିମଧ୍ୟରୁ ୯ଟିରେ ପରାସ୍ତ ହୋଇଛନ୍ତି। ଏହି ସମୟରେ ପାକିସ୍ତାନ କେବଳ ୩ ମ୍ୟାଚ୍ ଜିତିଛି। ହଁ, ଏହା କେବଳ ଟେଷ୍ଟ ଅଧିନାୟକ ପରିବର୍ତ୍ତନ କରିବାର କଥା ନୁହେଁ, ପାକିସ୍ତାନକୁ ଜଣେ ନୂତନ ଟେଷ୍ଟ ମୁଖ୍ୟ ପ୍ରଶିକ୍ଷକ ମଧ



ମିଳିବ। ମିସବା-ଉଲ-ହକ ପୁଣି ଥରେ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ହୋଇପାରନ୍ତି ବୋଲି ରିପୋର୍ଟ ଆସିଛି। ମିସବା-ଉଲ-ହକଙ୍କ ଅଧିନାୟକତ୍ୱରେ ପାକିସ୍ତାନ ବିଶ୍ୱର ନମ୍ବର ୧ ଟେଷ୍ଟ ଦଳ ହୋଇଥିଲା ଏବଂ ଏବେ ଜଣେ ପରାମର୍ଶଦାତା ଭାବରେ ତାଙ୍କଠାରୁ ସମାନ ଆଶା କରାଯାଉଛି।

ସାଉଦ ଶକିଲଙ୍କୁ ପାକିସ୍ତାନର ଟେଷ୍ଟ ସ୍ପେଶାଲିଷ୍ଟ ବ୍ୟାଟସମ୍ୟାନ ଭାବରେ ଜଣାଶୁଣା। ଏହି ବାମହାତୀ ବ୍ୟାଟସମ୍ୟାନଙ୍କ ବୟସ ମାତ୍ର ୨୯ ବର୍ଷ। ସେ ୧୯ଟି ଟେଷ୍ଟ ମ୍ୟାଚ ଖେଳି ୫୦ ରୁ ଅଧିକ ହାରରେ ୧୬୫୮ ରନ କରିଛନ୍ତି, ଯେଉଁଥିରେ ୪ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସୌଦ ଶକିଲ ପ୍ରଥମ ଶ୍ରେଣୀ କ୍ରିକେଟରେ ୮୭ ମ୍ୟାଚ ଖେଳି ୨୨ ଶତକ ମାରିଛନ୍ତି ଯେଉଁଥିରେ ତାଙ୍କ ବ୍ୟାଟ ୬୫୩୨ ରନ କରିଛି। ସୌଦ ଶକିଲଙ୍କ ପ୍ରଦର୍ଶନ ଏବଂ ତାଙ୍କର ଶାନ୍ତ ବ୍ୟକ୍ତିତ୍ୱ ଦେଖି, ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କୁ ନୂତନ ଟେଷ୍ଟ ଅଧିନାୟକ କରିପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଶି କହୁଛି...

ଦ୍ୱିତୀୟ କ୍ଷମତା କେନ୍ଦ୍ର ହିଁ ନବୀନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।

ଏବେ ବି ସେଇ ନ୍ୟାୟରେ ଚାଲିଛି ଦଳ। ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ବିଜେଡି ଯେତିକି ଆକ୍ରମଣାତ୍ମକ ହେବା କଥା ତାହା ହେଉନି। କେଉଁଠି ନାଁ କେଉଁଠି ବିଜେପି ସହ ବିଜେଡି ସାଲିସ କରୁଥିବା ସାଧାରଣରେ ବି ଚର୍ଚ୍ଚା ହେଲାଣି। ସରକାର ବିରୋଧରେ ଅଧିକ ସ୍ୱର ଉଠାଇଲେ ଦଳର ବହୁ ନେତା ବନ୍ଧା ହୋଇଯିବାର ଭୟ ମଧ୍ୟ ରହିଛି। ତେଣୁ ନେତାମାନେ ବି ନିଜ ନିଜ ସୁରକ୍ଷା ଖୋଜି ବିଜେପିର କେନ୍ଦ୍ରୀୟ ନେତାଙ୍କ ସହ ଭିତିରି ସମ୍ପର୍କରେ ରହୁଛନ୍ତି। ଏଭଳି ସ୍ଥିତିରେ ରାଶି ଫଳ ଅନୁଯାୟୀ ନବୀନଙ୍କ ମାନ ସମ୍ମାନ ବଢ଼ିବ ନା ବିଜେଡି ନିଜ ଅସ୍ତିତ୍ୱ ହରାଇବ, ତାହା ଦେଖିବାର କଥା।

### ବିଶ୍ୱ...

ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଉରି, ପୁଲୱାମା ଏବଂ ସମ୍ପ୍ରତି ପହଲଗାମ ଆତଙ୍କୀଙ୍କ କଠୋରତା ଦେଖିଛି। କିନ୍ତୁ ପ୍ରତ୍ୟେକ ଥର ଭାରତ ଦ୍ୱିଗୁଣ ଶକ୍ତି ସହ ଜବାବ ଦେଇଛି, ଯାହାର ସବୁଠୁ ବଡ଼ ପ୍ରମାଣ ୨୦୧୯ର ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏବର 'ଅପରେସନ୍ ସିନ୍ଦୂର'। ସଦ୍ୟ ପଦକ୍ଷେପରେ ପାକିସ୍ତାନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ଭାବୁଥିଲା ଭାରତକୁ ଆତଙ୍କୀଙ୍କ କୁରୂପ ଦେଖାଇ ଭୟଭୀତ କରିଦେବ ବୋଲି। କିନ୍ତୁ ଭାରତର ତିନି ସେନାର ଶକ୍ତିକୁ ବୋଧହୁଏ ପାକିସ୍ତାନ ଠଉରାଇପାରିନଥିଲା। ଯେତେବେଳେ ଭାରତୀୟ ସେନା ଗତ ୬ ତାରିଖ ବିଳମ୍ବିତ ରାତିରେ ଜୈଶ୍-ଏ-ମହମ୍ମଦ ଓ ଲସ୍କର୍-ଏ-ତୋଇବା ପରି ଦୁଇଟି ପ୍ରମୁଖ ଆତଙ୍କୀ ସଙ୍ଗଠନର ମୁଖ୍ୟାଳୟ ଉଡ଼ାଇଦେଲେ ଆଉ ମାସୁଦ୍ ଆଝାର ପରି ଅନ୍ତର୍ଜାତୀୟ ଆତଙ୍କୀର ପରିବାର ନିପାତ କଲେ, ସେତେବେଳେ ପାକିସ୍ତାନ ଭାରତର ଅସଲ ଦମ୍ ପରଖିପାରିଲା। ଏପରିକି ପାକିସ୍ତାନର ପରମାଣୁ ଅସ୍ତ୍ର ଧମକାଣକୁ ବି ଆମ ସେନା ଖାତିର୍ କରିନଥିଲେ। କେବଳ ପାକିସ୍ତାନ ନୁହେଁ ସମଗ୍ର ବିଶ୍ୱ ଭାରତୀୟ ସେନାର ଅସଲ ବଳ ପରଖିପାରିଛି ବୋଲି ଶାହ କହିଛନ୍ତି।

ସେହିପରି ସୀମା ପାରରୁ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ଶାହ ଦାବି କରିଥିଲେ ଯେ ଭାରତର ବାୟୁ ପ୍ରତିରକ୍ଷା ଦୃଢ଼ ରହିଛି। ୮ ତାରିଖରେ ପାକିସ୍ତାନ କଚ୍ଛରୁ କାଶ୍ମୀର ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଗୋଟିଏ ବି କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ୍ ଭାରତୀୟ ମାଟିରେ ଆଘାତ କରିନଥିଲା, ଆମର ପ୍ରତିରକ୍ଷା ମୋଦି ଜୀଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ ଦୃଢ଼ ଥିଲା ବୋଲି ସେ କହିଥିଲେ। ଭାରତ ତା ପରଦିନ ୧୫ଟି ପାକିସ୍ତାନୀ ବାୟୁସେନା ବେସକୁ ଧ୍ୱଂସ କରିଥିଲା। ୯ ତାରିଖରେ ଆମେ ସାଧାରଣ ଲୋକଙ୍କୁ କ୍ଷତି ନକରି ବିଭିନ୍ନ ଘାଟିରେ ସେମାନଙ୍କର ବାୟୁସେନା ଆକ୍ରମଣ କ୍ଷମତାକୁ ନିଷ୍କ୍ରିୟ କରିଥିଲୁ। ଆମର ସଶସ୍ତ୍ର ବାହିନୀ ପ୍ରମାଣ କରିଛି ଯେ ଆମର କ୍ଷେପଣାସ୍ତ୍ର ପ୍ରଣାଳୀ ଅଟଳ। ଶାହ ଦାବି କରିଥିଲେ ଯେ ଏହା ଏକ ଐତିହାସିକ ମୁହୂର୍ତ୍ତ। ଆମର ସେନା, ନୌସେନା ଏବଂ ବାୟୁସେନା କେବଳ ଉତ୍ତର ଦେଇ ନଥିଲେ, ସେମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ବିଶ୍ୱ ଆମ ବାହିନୀର ଶକ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂକଳ୍ପକୁ ଦେଖୁଛି ବୋଲି ଶାହ ଶେଷରେ କହିଥିଲେ। ଆଜି ସେ ଭାଭୋଲ ଓ ପେଥାପୁରରେ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗାନ୍ଧିନଗରରେ ଏକ ଅଣ୍ଡରପାସ୍ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ସେ ଏକ ହ୍ରଦ ଏବଂ ନାଗରିକ ପ୍ରକଳ୍ପ ଉଦଘାଟନ କରିବା ପରେ କୋଲାଭଡ଼ା ଗ୍ରାମବାସୀଙ୍କୁ ସମ୍ବୋଧିତ କରିଥିଲେ।

### ଦେଶଦ୍ରୋହ...

ହୋଇଛି। ସେହିପରି ସୋସିଆଲ ମିଡିଆରେ ପାକିସ୍ତାନର ଏକ ସକାରାତ୍ମକ ପ୍ରତିଛବି ପ୍ରଦାନ କରିବା ପାଇଁ ମଧ୍ୟ ସେ ଉଦ୍ୟମ କରିଥିଲେ। ତଦନ୍ତ କରୁଥିବା ଅଧିକାରୀମାନେ କହିଛନ୍ତି ଯେ ଜ୍ୟୋତି ଜଣେ ପିଆଇଓଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ। ଏପରିକି ସେ ତାଙ୍କ ସହ ଇଣ୍ଡୋନେସିଆର ବାଲି ଦ୍ୱୀପକୁ ମଧ୍ୟ ଯାତ୍ରା କରିଥିଲେ। ଜ୍ୟୋତିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୧୫୨ ଓ ସରକାରୀ ଗୁପ୍ତ ଆଇନ ୧୯୨୩ର ଧାରା ୩, ୪ ଏବଂ ୫ ଅନୁଯାୟୀ ମାମଲା ଦାଏର୍ ହୋଇଛି। ଏକ ଲିଖିତ ସ୍ୱୀକାରୋକ୍ତି ଗ୍ରହଣ କରାଯାଇଛି ଏବଂ ମାମଲାଟି ହିସାରର ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ଜ୍ୟୋତି ବ୍ୟତୀତ ଆଉ ଜଣେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ୩୨ ବର୍ଷୀୟା ଗୁଜାଲା। ପଞ୍ଜାବର ମାଲେରକୋଟଲାରେ ବସବାସ କରୁଥିବା ଗୁଜାଲା ଜଣେ ବିଧବା। ସେ ଗତ ଫେବ୍ରୁଆରୀ ୨୭ ତାରିଖରେ ଭିସା ପାଇଁ ଆବେଦନ କରିବା ସକାଶେ ନୂଆଦିଲ୍ଲୀର ପାକିସ୍ତାନ ହାଇକମିଶନ୍‌ରେ ପହଞ୍ଚିଥିଲେ। ସେଠାରେ ସେ ଦାନିଶଙ୍କୁ ଭେଟିଥିବା ବେଳେ ପରେ ତାଙ୍କ ସହ ନିୟମିତ କଥାବାର୍ତ୍ତା କରୁଥିଲେ। ବିବାହ କରିବାର ପ୍ରଲୋଭନ ଦେଇ ଦାନିଶ୍ ଗୁଜାଲାଙ୍କ ଭରସା ଜିତିଥିଲେ। ପରେ ଦାନିଶ ତାଙ୍କୁ ମାର୍ଚ୍ଚ ୭ ଓ ୨୩ରେ ୩୦ ହଜାର ଟଙ୍କା ୟୁପିଆଇ ମାଧ୍ୟମରେ ପଠାଇଥିଲେ। ଦାନିଶ୍ ହ୍ୱାଟ୍ସଆପ୍ ପରିବର୍ତ୍ତେ ସେମାନେ ଟେଲିଗ୍ରାମ୍‌ରେ ଚାଟ୍ କରୁଥିଲେ। ଏହା ଅଧିକ ନିରାପଦ ବୋଲି ଦାନିଶ୍ କହିଥିଲେ। ପରବର୍ତ୍ତୀ ସମୟରେ ଦାନିଶ୍‌ଙ୍କ ପରାମର୍ଶ କ୍ରମେ ଗୁଜାଲା ୧୦ ହଜାର ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ପଠାଇଥିଲେ। ଗୁଜାଲା ଗତ ଏପ୍ରିଲ ୨୩ରେ ତାଙ୍କ ବନ୍ଧୁ ତଥା ମାଲେରକୋଟଲାର ଆଉ ଜଣେ ବିଧବା ବାନୁ ନସରିନାଙ୍କ ସହ ପାକିସ୍ତାନ ହାଇକମିଶନ୍‌କୁ ଫେରିଥିଲେ। ଦାନିଶ ପୁଣି ସେମାନଙ୍କୁ ବେଶ୍ ସହଜରେ ଭିସା ଯୋଗାଇ ଦେଇଥିଲେ।

ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ମାଲେରକୋଟଲାର ୟାମିନ ମହମ୍ମଦ। ସେ ଦାନିଶଙ୍କଠାରୁ ଆର୍ଥିକ କାରବାର ଓ ଭିସା ସମ୍ବନ୍ଧୀୟ କାର୍ଯ୍ୟରେ ସହଯୋଗ ନେଇଥିଲେ। ହରିୟାଣାର କୈଥଲର ଦେବିନ୍ଦର ସିଂହ ଢିଲୋଁ ନାମକ ଜଣେ ଶିଖ ଛାତ୍ର ପଟିଆଲା କ୍ୟାଣ୍ଟନମେଣ୍ଟର ଭିଡିଓ ପଠାଇଥିଲେ। ଏଥିସହ ପାକିସ୍ତାନ ଗୁଇନ୍ଦା ସଂସ୍ଥାର ନିର୍ଦ୍ଦେଶ କ୍ରମେ ହରିୟାଣାର ନୁହ ନିବାସୀ ଅରମାନ ଭାରତୀୟ ସିମ୍ କାର୍ଡ ଯୋଗାଇବା ସହ ପାଣ୍ଠି ପଠାଉଥିଲେ। ଏହାଛଡ଼ା ସେ ପାକିସ୍ତାନୀ ଗୁଇନ୍ଦାଙ୍କ ପରାମର୍ଶ କ୍ରମେ ପ୍ରତିରକ୍ଷା ପ୍ରଦର୍ଶନୀ-୨୦୨୫କୁ ମଧ୍ୟ ବୁଲିବାକୁ ଯାଇଥିଲେ।

### ମହାପ୍ରସାଦକୁ...

କିପରି ମହାପ୍ରଭୁଙ୍କ ଅବଢ଼ାକୁ ଡାଇନିଂରେ ଖାଇବାର ଧୃଷ୍ଟତା ଦେଖାଇଲେଏ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଭାଇରାଲ୍ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ପୁରୀର ଏକ ତାରକା ହୋଟେଲ ଡାଇନିଂରେ କିଛି ପର୍ଯ୍ୟଟକ ବସି ମହାପ୍ରସାଦ ସେବନ କରୁଛନ୍ତି। କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ ମହାପ୍ରଭୁଙ୍କ ମହାପ୍ରସାଦ ଦୁର୍ମୂଲ୍ୟ ହୋଇଥିବା ବେଳେ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି ମତ ପ୍ରକାଶ ପାଉଛି। ସେହିପରି ଜଣେ ବ୍ରାହ୍ମଣ ମଧ୍ୟ ମହାପ୍ରସାଦ ପରଷୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳେ, ମହାପ୍ରସାଦ ସେବନରେ ସେତିକି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଜଣେ ଓଡ଼ିଆ ଓ ବ୍ରାହ୍ମଣ ମହାପ୍ରସାଦକୁ ଏପରି ଅସମ୍ମାନ କରୁଥିବା ଘଟଣା ଭକ୍ତମାନଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ସେବାୟତ ମହଲରେ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। ଅଧିକନ୍ତୁ ଉକ୍ତ ଭିଡିଓରେ କେତେକ ବ୍ୟକ୍ତି ଡାଇନିଂରେ ମହାପ୍ରସାଦ ଖାଆନ୍ତି ନାହିଁ ବୋଲି ବୁଝାଇବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ମହାପ୍ରସାଦ ସେବନ କରୁଥିବା ଲୋକମାନେ ସେମାନଙ୍କ ପରାମର୍ଶକୁ ବେଖାତିର୍ କରିଥିଲେ ଓ ସେମାନେ ଏହା ଜାଣି ନଥିବା ମଧ୍ୟ କହିଥିଲେ। ତେବେ ଓଡ଼ିଆ ହୋଇ ମହାପ୍ରଭୁଙ୍କ ମହାପ୍ରସାଦ ତଳେ ବସି ଖାଇବା ବିଧେୟ ବୋଲି ଜାଣିନଥିବା କହିବାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବରଂ ଏହା କେବଳ ଦୋଷ କରିଥିବା ଲୋକଙ୍କ ଦୋଷ ଛଡ଼ାଇବା ପାଇଁ ଏକ ହୀନ ଉଦ୍ୟମ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦକୁ ଏପରି ଅସମ୍ମାନ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେବାୟତ ମହଲରେ ମତ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଏପରି ଏକ ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ପକ୍ଷରୁ ଭକ୍ତ ଓ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥିବା ମହାପ୍ରସାଦର ପବିତ୍ରତା ବଜାୟ ରଖିବା ସକାଶେ ପ୍ରଶାସନ ପକ୍ଷରୁ କୁହାଯାଇଛି।

ମନ୍ଦିର ପ୍ରଶାସନ ପକ୍ଷରୁ ସୋସିଆଲ୍ ମିଡିଆ 'ଏକ୍ସ'ରେ କରାଯାଇଥିବା ନିବେଦନ ଅନୁସାରେ ମହାପ୍ରସାଦର ଅତ୍ୟନ୍ତ ଧାର୍ମିକ ମହତ୍ତ୍ୱ ଅଛି ଓ ଏହାକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ବ୍ୟବହାର କରାଯିବା ଉଚିତ। ପାରମ୍ପରିକ ଭାବେ ଭକ୍ତମାନେ ଭୂମି ଉପରେ ବସି ମହାପ୍ରସାଦ ସେବନ କରିଥାନ୍ତି। ଏହାକୁ ଏକ ପବିତ୍ର କାର୍ଯ୍ୟ ବୋଲି ଭକ୍ତମାନେ ବିବେଚନା କରନ୍ତି। ଏହାକୁ ଡାଇନିଂ ଟେବୁଲ୍‌ରେ ଖାଇବା, ବିଶେଷକରି ଜୋତା ପିନ୍ଧି ଖାଇବା, ଦିବ୍ୟ ନୈବେଦ୍ୟ ପ୍ରତି ଅସମ୍ମାନଜନକ ବୋଲି ବିବେଚନା କରାଯାଏ। କାରଣ ମହାପ୍ରସାଦ ସାଧାରଣ ଖାଦ୍ୟ ନୁହେଁ, ଏହା ଆଶୀର୍ବାଦପ୍ରାପ୍ତ ଓ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ କୃପା ବହନ କରେ ବୋଲି ସୋସିଆଲ୍ ମିଡିଆରେ ମନ୍ଦିର ପ୍ରଶାସନ ପକ୍ଷରୁ ଉଲ୍ଲେଖ କରାଯାଇଛି।

ସେହିପରି ମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେ ସମସ୍ତଙ୍କ ପରମ୍ପରାକୁ ସମ୍ମାନ କରିବାକୁ ଏବଂ ନିର୍ଦ୍ଧାରିତ ପଦ୍ଧତିରେ ଏହାକୁ ସେବନ କରିବାକୁ ଅନୁରୋଧ କରୁଛୁ। ଏହା ସାଧାରଣତଃ ଏକ ସ୍ୱଚ୍ଛ ଓ ସମ୍ମାନଜନକ ପରିବେଶରେ ତଳେ ବସି ସେବନ କରାଯାଏ ବୋଲି ସେ କହିଛନ୍ତି। ପ୍ରଶାସନ ପୁରୀର ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନକୁ ସେମାନଙ୍କର ପୃଷ୍ଠପୋଷକମାନଙ୍କୁ ମହାପ୍ରସାଦ ଗ୍ରହଣ ଏବଂ ଗ୍ରହଣ କରିବାର ସଠିକ୍ ଉପାୟ ବିଷୟରେ ଶିକ୍ଷା ଦେବାକୁ ମଧ୍ୟ ନିବେଦନ କରିଛି। ସେମାନେ ସାଧାରଣ ଜନତାଙ୍କୁ ଏହି ପ୍ରଥା ପ୍ରତି ସଚେତନ ରହିବା ଏବଂ ପବିତ୍ର ଅର୍ପଣର ପବିତ୍ରତା ବଜାୟ ରଖିବାକୁ ମଧ୍ୟ ନିବେଦନ କରାଯାଇଛି।

### କଂଗ୍ରେସକୁ...

ଚିରଞ୍ଜୀବ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି। ସେହିଭଳି ବିଜେଡିରେ କୋଣଠେସା ହୋଇଥିବା ଭୂପିନ୍ଦର ବି କଂଗ୍ରେସକୁ ଆସିବା ନେଇ ଚର୍ଚ୍ଚା ଚାଲିଛି। କାରଣ କଂଗ୍ରେସ ସରକାରରେ ଏକଦା ବରିଷ୍ଠ ମନ୍ତ୍ରୀ ଥିବା ଭୂପିନ୍ଦର କଂଗ୍ରେସ ବିଧାୟକ ଦଳ ନେତା ବି ଥିଲେ। ହେଲେ ଏହି ବରିଷ୍ଠ ନେତା ବିଜେଡିରେ ଏବେ ଏକପ୍ରକାର ଅଲୋଡ଼ା। ସେହିଭଳି କେନ୍ଦ୍ରାପଡ଼ା ରାଜନୀତିର ଯୁବନେତା ଅଂଶୁମାନ ବି ଘରବାହୁଡ଼ା କରିପାରନ୍ତି ବୋଲି କୁହାଯାଉଛି। ଅଂଶୁମାନ ଥିଲେ କଂଗ୍ରେସର ବିଧାୟକ। ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁତ୍ର ଭାବେ କେନ୍ଦ୍ରାପଡ଼ାରେ ଅଂଶୁମାନଙ୍କର ବେଶ୍ ପ୍ରଭାବ ରହିଛି। ତେବେ ନିର୍ବାଚନ ପୂର୍ବରୁ ଅଂଶୁମାନ ବିଜେଡିକୁ ଆସି ଲୋକସଭା ପ୍ରାର୍ଥୀ ହୋଇଥିଲେ ବି ହାରିଯାଇଥିଲେ। ସେହିଭଳି ଅବସ୍ଥା ପ୍ରଦୀପ ମାଝୀଙ୍କର ବି। ନବରଙ୍ଗପୁର ରାଜନୀତିରେ ତାଙ୍କୁ ଟକ୍କର ଦେଉଛନ୍ତି ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ରମେଶ ମାଝୀ। ନିକଟରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ପ୍ରଦୀପ ବି କଂଗ୍ରେସକୁ ଆସିବା ନେଇ ଇଶାରା ଦେଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଏମାନଙ୍କ ବାଦ୍ ନିକଟରେ ସାଂସଦ ମୁନ୍ନା ଖାଁ ବିଜେଡିରେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାରୁ ସେ ମଧ୍ୟ କଂଗ୍ରେସକୁ ଆସିବା ନେଇ ଆଲୋଚନା ହେଉଛି। ମୁନ୍ନା ହେଉଛନ୍ତି ପୂର୍ବତନ କଂଗ୍ରେସ ଭେଟେରାନ ହବିବୁଲ୍ଲା ଖାଁଙ୍କ ସମ୍ପର୍କୀୟ। ତେଣୁ ବିଜେଡି ଛାଡ଼ିଲେ ସେ କଂଗ୍ରେସକୁ ନିଶ୍ଚିତ ଆସିବେ ବୋଲି କୁହାଯାଉଛି। ଏଥିସହ ବିଜେଡିରେ ଅଣନିଃଶ୍ୱାସୀ ହୋଇପଡୁଥିବା ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ପ୍ରଫୁଲ ମଲ୍ଲିକ, ପ୍ରଫୁଲ୍ଲ ସାମଲଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ କଂଗ୍ରେସମୁହାଁ ବୋଲି ଆଲୋଚନା ଜୋର ଧରିଛି। ଇତିମଧ୍ୟରେ ଭୂପିନ୍ଦର ଓ ଶଶୀଭୂଷଣ ବିଜେଡି ନେତୃତ୍ୱ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ବେଳେ ଅନେକ ବରିଷ୍ଠ ଏମାନଙ୍କ ପଛରେ ରହିଥିବା କୁହାଯାଉଛି। କଂଗ୍ରେସ ପଟକୁ ଅଧିକ ନେତା ଢଳିବା ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଏହାକୁ ସୁଯୋଗ ଭାବି ପ୍ରଦେଶ କଂଗ୍ରେସ ସଭାପତି ଏବେ ସେମାନଙ୍କୁ ଆପଣେଇ ନେବା ପାଇଁ ଚାହିଁ ବସିଛନ୍ତି। ପୁରୁଣା କଂଗ୍ରେସିଆମାନେ ଫେରିଲେ ଦଳ ମଜବୁତ ହେବ ବୋଲି ଭକ୍ତ ବିଚାରୁଛନ୍ତି।

### ଆତଙ୍କୀବିରୋଧୀ...

'ଅପରେସନ୍ ସିନ୍ଦୂର'ରେ ପ୍ରମାଣିତ କରି ଦେଖାଇଛନ୍ତି। 'ଅପରେସନ୍ ସିନ୍ଦୂର' ଆଜି ସାରା ଦେଶକୁ ଆତଙ୍କବାଦ ବିରୋଧୀ ବାର୍ତ୍ତା ଦେଇଛି। ଏହା ମାଧ୍ୟମରେ ସାରା ବିଶ୍ୱକୁ ଭାରତ ଶିଖାଇ ଦେଇଛି ଯେ ଆତଙ୍କବାଦ ଗତିବିଧି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ମଧ୍ୟ ଆମେ ଆପଣେଇପାରୁ। ଆଜି ଦେଶର ସମସ୍ତ ରାଜନୈତିକ ଦଳ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଏକଜୁଟ୍ ହୋଇଛନ୍ତି। ଶତ୍ରୁର ପ୍ରତିଟି ଆହ୍ୱାନର ଉଚିତ ଜବାବ ଦେବା ପାଇଁ ଆମ ସେନାବାହିନୀ ସର୍ବଦା ପ୍ରସ୍ତୁତ ରହିଛି। ତ୍ରିରଙ୍ଗା ଯାତ୍ରା ଆମ ସମସ୍ତଙ୍କୁ ଦେଶପ୍ରେମରେ ବାନ୍ଧି ରଖିବାକୁ ଉଦ୍‌ବୁଦ୍ଧ କରିଛି । ଆମେ ସମସ୍ତେ ଏକାଠି ହୋଇ ମିଳିମିଶି କାମ କଲେ ଜୀବନର ସମସ୍ତ କଠିନ ପରିସ୍ଥିତିକୁ ଦୂର କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂହ, ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ନିରୁପମା ସାହୁ, ସ୍ଥାନୀୟ ସରପଞ୍ଚ କ୍ଷୀରୋଦ ପ୍ରଧାନ, ସମାଜସେବୀ ତଥା ରାଜନେତା ଜଗନ୍ନାଥ ପ୍ରଧାନ, ସମାଜସେବୀ ଦିଲ୍ଲୀପ ମହାନ୍ତିଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗଦେଇଥିଲେ।

### ଏବେ...

କାନିମୋଝି, ଏନସିପିର ସୁପ୍ରିୟା ସୁଲେ, ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ମଧ୍ୟ ବିଦେଶ ଗସ୍ତରେ ଯିବେ। ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଆରବ, କୁଏତ, ବାହରିନ ଓ ଆଲଜେରିଆ, ରବିଶଙ୍କରଙ୍କ ପ୍ରସାଦ ନେତୃତ୍ୱରେ ଟିମ ୟୁକେ, ଫ୍ରାନ୍ସ, ଜର୍ମାନୀ, ୟୁରୋପ ଓ ଡେନମାର୍କ, ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଟିମ ଇଣ୍ଡୋନେସିଆ, ମାଲେସିଆ, ସାଉଥ କୋରିଆ, ଜାପାନ ଓ ସିଙ୍ଗାପୋର, ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଟିମ ୟୁଏଇ, ଲିବେରିଆ, କଙ୍ଗୋ, ସିଆରା, ଲିଓନ, ଶଶୀ ଥରୁରଙ୍କ ନେତୃତ୍ୱରେ ଟିମ ୟୁଏସ, ପାନାମା, ଗୁଆନା, ବ୍ରାଜିଲ, କଲୋମ୍ବିଆ, କାନିମୋଝୀଙ୍କ ନେତୃତ୍ୱରେ ସ୍ପେନ, ଗ୍ରୀସ, ସ୍ଲୋଭେନିଆ, ଲାଟଭିଆ ଓ ଋଷିଆ ଏବଂ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ଟିମ ଇଜିପ୍ଟ, କତାର, ଇଥୋପିଆ ଓ ସାଉଥ ଆଫ୍ରିକା ଗସ୍ତ କରିବେ।

### ଦାଦନ...

ଚାଲିଗଲେ। ସେ ଚେନ୍ନାଇ ଯିବା ପରେ ପରିବାର ଲୋକ ବୋହୂକୁ ନିର୍ଯାତନା ଦେଲେ ଆଉ ସେ ତା' ବାପା ଘରକୁ ଚାଲିଗଲା। ସେପଟେ ଟ୍ରାଭେଲ୍ ବ୍ଲଗର ଲବ ଟିକେ ଭାଇରାଲ ହେବାରୁ ଆରମ୍ଭ ହୋଇଗଲା ଲଭ ଆଫେୟାର୍ସ। କିଛି ଦିନ ପୂର୍ବେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବାହା ହୋଇଥିବାର ଭିଡିଓ ଛାଡିଥିଲେ। ତା'ପରେ ବେଙ୍ଗାଲୁରୁରେ ତାଙ୍କ ଜାଲରେ ପଡ଼ିଥିଲେ ପ୍ରେମିକା ସୋଲମୀ। ନୂଆ ନୂଆ ଯୁବତୀଙ୍କ ଆଗରେ ଅବିବାହିତ ଥିବାର ନାଟକ ବି କରୁଥିଲେ। ଝିଅଙ୍କୁ ଭିଡିଓ କଲରେ ନଗ୍ନ ହେବାକୁ ବାଧ୍ୟ କରୁଥିଲେ ସେ। ସୋଲମୀ ମଧ୍ୟ ଏହି ଜାଲରେ ପଡିଥିଲେ। ସୋସିଆଲ ମିଡିଆରେ ଲବ ଯେତିକି ଫେମସ ହେଉଥିଲେ ତାଙ୍କର ରସିକିଆ ମିଜାଜ ସେତିକି ତେଜୀୟାନ୍ ହେଉଥିଲା। ସୋଲମୀଙ୍କ ଆତ୍ମହତ୍ୟା ପରେ ଲବଙ୍କ ପ୍ରକୃତ ଚରିତ୍ର ଏବେ ପଦାକୁ ଆସୁଛି। ତାଙ୍କ ନାଁରେ ବେଙ୍ଗାଲୁରୁରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଲବ ଏବେ ଫେରାର ଅଛି। ପରିବାର ଲୋକେ ବି କିଛି ଜାଣିନାହାଁନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଲବ ନିଜ ସୋସିଆଲ ମିଡିଆରେ ସଫେଇ ଦେବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି ଯେ ସତ ଖୁବଶୀଘ୍ର ପଦାକୁ ଆସିବ। କିନ୍ତୁ ସେ ସମୟକୁ ଅପେକ୍ଷା କରିଛନ୍ତି। ଏବେ ସ୍ପଷ୍ଟୀକରଣ ଦେବାର ସମୟ ଆସିନାହିଁ ବୋଲି ସେ କହିଛନ୍ତି।

### ସରକାରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ମଦ ଦୋକାନୀ

# ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଛି ଦୋକାନ



**ନାଉଗାଁ, ୧୭।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ନାଉଗାଁ ବଜାର ଓ ବ୍ଲକଛକ (ଓଡପଏଙ୍ଗା) ଠାରେ ରହିଛି ଦୁଇଟି ସରକାରୀ ସିକୃତୀପ୍ରାପ୍ତ ମଦ ଦୋକାନ। ଏହି ଦୁଇଟି ଦୋକାନ ବାଲିଭଉଁରୀ-ଶିଖରଘାଟ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଉକ୍ତ ଦୋକାନ

## ଅବକାରୀ ବିଭାଗ ନିରବଦ୍ରଷ୍ଟା

ଖୁଲମଖୁଲା ଭାବେ ସରାକରୀ ନିୟମକୁ ଉଲଘଂନ କରୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି।

ମଦ ଦୋକାନ ସମ୍ମୁଖରେ ପ୍ରଦର୍ଶିତ ସୂଚନା ଫଳକ ତଥ୍ୟ ଅନୁସାରେ ପ୍ରତ୍ୟେହ ସକାଳ ୧୦ ଟାରୁ ରାତ୍ର ୧୦.୩୦ ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହିବ। ଏହି ସମୟରେ ମଦ ଦୋକାନୀ ଠିପି ବନ୍ଦ ମଦ ବିକ୍ରି କରି ପାରିବେ। କିନ୍ତୁ ଉକ୍ତ ବ୍ଲକର ଥିବା ଦୁଇଟି ଯାକ ମଦ ଦୋକାନ ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲା ଯାଉଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲା ରହୁଥିବାରୁ ଦୋକାନ ସମ୍ମୁଖରେ ମଦ୍ୟପମାନେ ଭିଡ ଜମାଉଛନ୍ତି। ମଦ ଦୋକାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।

ଏହି ଦୁଇଟି ଦୋକାନ ବ୍ଲକର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବେଳେ ପ୍ରଶାସନର ନଜର ନ ପଡ଼ିବା ପ୍ରଶାସନର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ସୃଷ୍ଟି ହେଉଛି। ସେହିପରି ମଦ ଦୋକାନ ନିକଟରେ ମଦ ପିଇବାର ନିୟମ ନଥିବା ବେଳେ ମଦ୍ୟପମାନେ ମଦ ଦୋକାନରୁ ମଦ କ୍ରୟ କରି ଦୋକାନ ଚତୁଃପାର୍ଶ୍ୱରେ ବସି ମଦ୍ୟପାନ କରୁଛନ୍ତି। ପ୍ରତ୍ୟେକ ସମୟରେ ମଦ ଦୋକାନରୁ ମଦ ବିକ୍ରି ହେଉଥିବା ବେଳେ ଯୁବ ନିଶାଡିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅପରପକ୍ଷେ ନିଶାଡିମାନେ ନିଶାସକ୍ତ ଅବସ୍ଥାରେ ରାସ୍ତାଘାଟରେ ମଧ ପଡୁଥବାର ଦେଖିବାକୁ ମିଳୁଛି।

ମଦ ଦୋକାନ ବିଦ୍ୟାଳୟ ନିକଟରୁ ଅଳ୍ପ ଦୂରରେ ରହିଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ପ୍ରଭାବିତ ହେଉଥିବା ଏବଂ ଉକ୍ତ ଦୋକାନକୁ ସ୍ଥାନାନ୍ତର ପାଇଁ ମେ ୧୩ ତାରିଖରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଲୋକ ମହାନ୍ତି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲା ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କୁ ପଚାରିବାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲା ଯାଉଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



### ଜାଲ ପ୍ରମାଣପତ୍ରରେ ଚାକିରି ପ୍ରସଙ୍ଗ

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନକଲି ଶିକ୍ଷକ ଛାନିଆ

**କାକଟପୁର/ଅସ୍ତରଙ୍ଗ, ୧୭।୫ (ସଂଚାର ବ୍ୟୁରୋ):** ବିଭିନ୍ନ ପ୍ରକାର ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକତା ଚାକିରି କରିଥିବା ମାଳ ମାଳ ଶିକ୍ଷକ, ଶିକ୍ଷୟତ୍ରୀ ଏବେ ଲୁକ୍କାୟିତ ଅବସ୍ଥାରେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ରହିଛନ୍ତି। ଏ ନେଇ ଓଡ଼ିଶା ହାଇକୋର୍ଟରେ ମାମଲା ଦାଏର ହୋଇଥିବା ବେଳେ ମେ ମାସ ୧୪ ତାରିଖରେ ଜାଲିଆତି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ମାସ ୯ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ସେହି ସମୟ ମଧରେ ଜାଲିଆତି ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ନିଆଯାଇଛି ସେ ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ରହିଛି।

ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିକ୍ଷା ବିଭାଗରେ ବିଭିନ୍ନ ଉପାୟରେ ଜାଲିଆତି କରି ଏଯାବତ ବହୁ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜାଲିଆତି ଶିକ୍ଷକ, ଶିକ୍ଷୟତ୍ରୀଙ୍କ ତାଲିକା ଶିକ୍ଷା ବିଭାଗ ପାଖରେ ନାହିଁ। ଆଦୌ ପରୀକ୍ଷା ନ ଦେଇ ରାଜ୍ୟ ଏବଂ ରାଜ୍ୟ ବାହାରରୁ ବିଇଡି ସାର୍ଟିଫିକେଟ ଟଙ୍କା ଦେଇ କିଣିବା, ସମାନ ଶିକ୍ଷାବର୍ଷରେ ଏକା ଥରକେ ଯୁକ୍ତ ଦୁଇ ଏବଂ ପୁରୀର ସଂସ୍କୃତ କଲେଜରେ ପରୀକ୍ଷା ଦେଇ ପ୍ରମାଣପତ୍ର ହାତେଇବା, ଯୁକ୍ତ ଦୁଇ, ଗ୍ରାଜୁଏସନପାସ ପରେ ପୁନର୍ବାର ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇ ପୁଣି ଯୁକ୍ତ ଦୁଇ ପାସ କରି ଅଧିକା ନମ୍ବର ରଖିବା ପରେ ସିଟି ପରୀକ୍ଷା ଦେବା, ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ପାଇଁ ଚାକିରି କରିବା ସହ ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନ ନେଇ ନିୟମିତ ଭାବେ ଉଚ୍ଚ ଶିକ୍ଷାର ପରୀକ୍ଷା ଦେବା, କେତେକ ଗଣ ଶିକ୍ଷକ ଡିଇପି ସିଟି ପରୀକ୍ଷାରେ ଫେଲ ହେବା ପରେ ପାସ ସାର୍ଟିଫିକେଟ କିଣିବା, ଆଦୌ ପାଠ ନ ପଢାଇ ଜାଲ ଅଭିଜ୍ଞତା ପ୍ରମାଣପତ୍ର ହାତେଇ ବିଇଡି କରିବା, ଗ୍ରାଜୁଏସନ ଶେଷ ପରେ ଦୁଇ ବର୍ଷର ଅଭିଜ୍ଞତା ପ୍ରମାଣପତ୍ର ଦେବାର ନିୟମ ରହିଥିଲେ ବି ଚଞ୍ଚକତା କରି ଅଭିଜ୍ଞତା ସାର୍ଟିଫିକେଟ ନେବା, ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବା ଆଦି ବିଭିନ୍ନ ଉପାୟରେ ଜାଲିଆତି କରି ମାଳ ମାଳ ଶିକ୍ଷକ, ଶିକ୍ଷୟତ୍ରୀ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି।

ବିଭିନ୍ନ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜାଲିଆତି ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରିବା ପାଇଁ ଆଦେଶ ଆସିଥିଲେ ବି ଉଚ୍ଚ ସ୍ତରୀୟ ଅଫିସର ଯାଞ୍ଚ କରିବାକୁ ଆସୁନଥିବାରୁ ବିଭିନ୍ନ ଗଳାବାଟ ଦେଇ ଜାଲିଆତି ଶିକ୍ଷକ, ଶିକ୍ଷୟିତ୍ରୀମାନେ ଖସିଯାଉଛନ୍ତି। ସ୍ଥାନୀୟ ଅଂଚଳରେ ଦାବୀ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଆସି ଶିକ୍ଷକ, ଶିକ୍ଷୟତ୍ରୀଙ୍କର ସାର୍ଟିଫିକେଟ ଯାଞ୍ଚ ସହ ଯେଉଁ ମାନେ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ହାତେଇଛନ୍ତି ସତ୍ୟାସତ୍ୟ ଯାଞ୍ଚ କରାଯାଉ।

## ପଶୁ ସମ୍ପଦ କାର୍ଯ୍ୟାଳୟରେ ୱାଟକୋର ଅନାଧିକାର ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ପାଇଁ ମସୁଧା



▶ ୱାଟକୋ କର୍ତ୍ତୃପକ୍ଷଙ୍କ ନାମରେ ଥାନାରେ ଅଭିଯୋଗ
▶ ତଦନ୍ତ ଆରମ୍ଭ କଲା ପୁଲିସ

**କୋଣାର୍କ, ୧୭।୫ (ସଂଚାର ବ୍ୟୁରୋ):** କୋଣାର୍କ ଏନଏସି ଅଧିନସ୍ଥ ୫ନଂ ୱାର୍ଡ ଡାଳିମ୍ବଗୋରଡି ଗ୍ରାମ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଥିବା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅଗୋଚରରେ ଅନାଧିକାର ଭାବେ କୋଣାର୍କ ୱାଟକୋ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ପରିଚାଳକ ବେଆଇନ ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ମସୁଧା କରିବା ଘଟଣାରେ ଗତ ୧୪ ତାରିଖରେ କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ଗ୍ରାମର ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା ସହିତ କୋଣାର୍କ ତଥା ଆଖପାଖ ଅଞ୍ଚଳର ଗୋସମ୍ପଦ ମାନଙ୍କର ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଭାବରେ ସେବା ପ୍ରଦାନ କରି ଆସୁଛି। ଦୀର୍ଘ ଦିନ ଧରି ଏହି ସ୍ଥାନରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା ବେଳେ ୱାଟକୋ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ପରିଚାଳକଙ୍କ ବେପରୁଆ ଓ ଦିଶାହୀନ ନୀତି ୱାଟକୋ କର୍ତ୍ତୃପକ୍ଷଙ୍କୁ ବଦନାମର ଦ୍ୱାରଦେଶରେ ଛିଡା କରିଦେଇଛି ବୋଲି ଜନସାଧାରଣଙ୍କ ମଧରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କୁହନ୍ତି କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୋଣାର୍କ ୱାଟକୋ ସେକ୍ସନ ପକ୍ଷରୁ ବେଆଇନ ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ଘଟଣାରେ ପଶୁ ସମ୍ପଦ ବିଭାଗର ରିପୋର୍ଟକୁ ଭିତ୍ତିକରି ତଦନ୍ତ କରାଯାଇ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## ପୂର୍ବ ଶତ୍ରୁତା ଓ ବଲ ଖେଳକୁ କେନ୍ଦ୍ର କରି ଦୁଇ ପରିବାର ମଧରେ ଗଣ୍ଡଗୋଳ

● ଥାନାରେ ପୃଥକ ଭାବେ ଲିଖିତ ଅଭିଯୋଗ

**ନାଉଗାଁ, ୧୭।୫ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ପଞ୍ଚାୟତର ଡାହାଣିଖିଆ (ଗାରୋଇ) ଗ୍ରାମରେ ପୂର୍ବ ଶତୃତା ଓ ବଲ ଖେଳକୁ ନେଇ ଦୁଇ ପରିବାର ମଧରେ ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁଇ ଅଭିଯୋଗକାରୀ ମଧରେ ଜଣେ ପପୁରଞ୍ଜନ ମଲ୍ଲିକ ହୋଇଥିବା ବେଳେ ଅନ୍ୟ ଜଣେ ହେଉଛନ୍ତି ଲକ୍ଷ୍ମୀପ୍ରିୟା ପରିଡ଼ା। ପପୁରଞ୍ଜନ ହେଉଛନ୍ତି କୋରୁଅ ପଞ୍ଚାୟତର ସମିତି ସଭ୍ୟ ହୋଇଥିବା ବେଳେ ଜଣେ ଦଳିତ ଶ୍ରେଣୀର ଅଟନ୍ତି। ପପୁରଞ୍ଜନଙ୍କ ଅଭିଯୋଗ ମୁତାବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆମ ଘର ନିକଟରେ ଥିବା କାହ୍ନୁ ଚରଣ ପରିଡ଼ା, ରୁଦ୍ର ପରିଡ଼ା, ମାମୁନି ପରିଡ଼ା ଆଦି ମୋତେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏପରିକି ମୋତେ ଜାତିଆଣ ଆକ୍ଷେପ କରିବା ସହିତ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଥିବା ବେଳେ ମୋର ଖୁଡି କଳ୍ପନା ଓ ଭଉଣୀ ମନୋରମା ପହଞ୍ଚି ମୋତେ ଉଦ୍ଧାର କରିଥିଲେ। ଉଦ୍ଧାର କରିବା ସମୟରେ ସେମାନେ ମୋତେ ଛାଡି ମୋର ଖୁଡି ଓ ଭଉଣୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ଲକ୍ଷ୍ମୀପ୍ରିୟା ପରିଡ଼ା ଓ ମାମିନା ପରିଡ଼ାଙ୍କ ଅଭିଯୋଗ ମୁତାବକ ପପୁରଞ୍ଜନ ଜଣେ ଜନପ୍ରତିନିଧି ଅଟନ୍ତି। ସେ ଦଳିତ ପରିବାରର ହୋଇଥିବାରୁ ଆମକୁ ସର୍ବଦା ଭୟ ଦେଖାଇଥାନ୍ତି। ଏପରିକି ଖରାଦିନେ କୌଣସି ଫସଲ ନ ଥାଇ ଯଦି ଗୋରୁ, ଛେଳି ଫିଟିଲେ ତେବେ ଆମକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରନ୍ତି। ଉକ୍ତ ଦିନ ପିଲାମାନେ ବଲ ଖେଳୁଥିବା ସମୟରେ ତାଙ୍କ ବାଡିରେ ବଲ ପଡ଼ି ଯିବାରୁ ସେ ଆମକୁ ମରଣାତ୍ମକ ଆକ୍ରମଣ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ଅପେରସନ ସିନ୍ଦୂରର ସଫଳତା ପରେ ତ୍ରିରଙ୍ଗା ଶୋଭାଯାତ୍ରା




**ଡେରାବିଶ, ୧୭।୫ (ସଂଚାର ବ୍ୟୁରୋ):** ଭାରତୀୟ ଯବାନଙ୍କ ପରାକ୍ରମକୁ ସମ୍ମାନ ଜଣାଇ, ରାଷ୍ଟ୍ରୀୟ ଏକତା ନାରାରେ ପାଟକୁରା ନିର୍ବାଚନ ମଣ୍ଡଳୀର, କୁରୁଜଙ୍ଗା ପଞ୍ଚାୟତର କୁରୁଜଙ୍ଗା ଛକରୁ ଆମ୍ବୁରା ଦେଇ ଶଙ୍କରପୁର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ବିଜୟ ଜେନାଙ୍କ ନେତୃତ୍ୱରେ ମଣ୍ଡଳ ସାଧାରଣ ସମ୍ପାଦକ ଖଗେଶ୍ୱର ସେଠିଙ୍କ ସଂଯୋଜନାରେ ହୋଇଥିଲା। ଏଥିରେ ପାଟକୁରା ନେତା ତଥା ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଣ୍ଡଳ ଉପ-ସଭାପତି ତୁଷାର ଘୋଷ,ସମ୍ପାଦକ ସଞ୍ଜୟ ଦାସ, ଅଜୟ ସାହୁ ,ଚନ୍ଦ୍ରଭାନୁ ସେଠି, ନହଙ୍ଗ ପଞ୍ଚାୟତ ପ୍ରମୁଖ ବିଷ୍ଣୁପ୍ରିୟା ପଣ, ଏବଂ ଅନେକ ଯୁବ ବର୍ଗ ଯୋଗ ଦେଇ ଭାରତ ମାତାକି ଜୟ ସ୍ଲୋଗାନ ଦେଇଥିଲେ ।

# ବିଶ୍ୱ ପାଳିଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ

**ଭୁବନେଶ୍ୱର, ୧୭।୫ (ସଂଚାର ବ୍ୟୁରୋ):** ସମଗ୍ର ବିଶ୍ୱରେ ଆଜି ପାଳିତ ହୋଇଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ । ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି । ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓଡ଼ିଶାର ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଉର୍ଦ୍ଧ୍ୱ ବ୍ଲକ୍, ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଥିଲା ।



ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ ତାରିଖଠାରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି । ଜାତି, ଧର୍ମ, ବୟସ, ଲିଙ୍ଗ, ଜନ୍ମସ୍ଥାନ ନିର୍ବିଶେଷରେ ଏହି ଦିନଟି ସମସ୍ତଙ୍କ ପାଇଁ ଆଶା, ଖୁସି ଓ ମାନବିକତାର ଦିବସ ରୂପେ ପ୍ରତୀଭାତ ହୋଇଛି ।

ମେ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ 'ଆର୍ଟ ଅଫ୍ ଗିଭିଂ'ର ଅନୁଗାମୀମାନେ ସେମାନଙ୍କ ପଡ଼ୋଶୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ 'ଆର୍ଟ ଅଫ୍ ଗିଭିଂ' ର ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ 'ଆର୍ଟ ଅଫ୍ ଗିଭିଂ'ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

## ୫ ଲକ୍ଷ ଟଙ୍କାର ତମ୍ବାତାର ଜବତ, ଜଣେ ଗିରଫ



**ବାଲିଅନ୍ତା, ୧୭।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଭୋର ସମୟରେ ରଥିଜେମା ନୂଆସାହିରେ ଏକ ଘରେ ଚଢ଼ଉ କରି ବିପୁଳ ପରିମାଣର ତମ୍ବା କେବୁଲ ଜବତ କରିଛି। ଜବତ କେବୁଲର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏହାସହିତ ପୁଲିସ ତମ୍ବାତାର ଚୋରି ମାମଲାରେ ନୂଆସାହି ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ସନ୍ତୋଷ ସାହୁ (୨୨) କୁ ଗିରଫ କରିଛି। ତେବେ କୋର୍ଟରେ ସନ୍ତୋଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଚଢ଼ଉ ସମୟରେ ଘଟଣାସସ୍ଥଳରୁ ଅନ୍ୟ ଦୁଇ ଆସାମୀ ଦୌଡ଼ି ଫେରାର ହୋଇଯାଇଛନ୍ତି। ଆଜି ସକାଳେ ଏହି ଘରୁ ପ୍ରଚୁର ପରିମାଣର କେବୁଲ ନଦୀପଠାକୁ ପୋଡ଼ା ହେବାକୁ ଯାଉଥିବା ନେଇ ପୁଲିସକୁ ଖବର ମିଳିଥିଲା।

### ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

# ମାୟାଧରଙ୍କ ନିଆରା ପ୍ରୟାସ, ଘରେ କରିଛନ୍ତି ମିନି ସଂଗ୍ରହାଳୟ



**କାକଟପୁର/ଅସ୍ତରଙ୍ଗ, ୧୭।୫ (ସଂଚାର ବ୍ୟୁରୋ):** ଆଜି ଆନ୍ତଜାତୀୟ ସଂଗ୍ରହାଳୟ ଦିବସ। ବ୍ୟସ୍ତ ବହୁଳ ଜୀବନ ଭିତରେ ଟିକିଏ ଅବସର ପାଇଲେ ଲୋକମାନେ ଚିତ୍ତବିନୋଦନ ପାଇଁ ବିଭିନ୍ନ ପନ୍ଥା ଆପଣାଉଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ପଂଚାୟତ ବେଗୁନିଆବସ୍ତ ଗ୍ରାମର ମାୟାଧର ସ୍ୱାଇଁଙ୍କ ନିଶା କିନ୍ତୁ ନିଆରା। ବିଭିନ୍ନ ପୁରୁଣା ଜିନିଷ ସଂଗ୍ରହ କରିବା ତାଙ୍କର ନିଶା। ନିଜ କାମରୁ ଟିକେ ଫୁରସତ ପାଇଲେ ସେ ବିଭିନ୍ନ ପ୍ରକାର ପୁରୁଣା ଜିନିଷ ସଂଗ୍ରହରେ ଲାଗି ପଡନ୍ତି। ନିଜ ଘରେ ସେ ଏକ ସଂଗ୍ରହାଳୟ ତିଆରି କରିଛନ୍ତି। ଏହାର ନାମ ରଖିଛନ୍ତି "ମୋ ସଂଗ୍ରହାଳୟ। ଏଥିରେ ବିଭିନ୍ନ ଦେଶର ଡାକ ଟିକେଟ ଠୁ ଆରମ୍ଭ କରି ବୈଦେଶିକ ମୁଦ୍ରା ସହ ରହିଛି ଆହୁରି ଅନେକ କିଛି।

ବଡ଼ କଥା ହେଉଛି ମାୟାଧର ସ୍ୱାଇଁଙ୍କ ସଂଗ୍ରହାଳୟ ପ୍ରତି ସପ୍ତାହର ରବିବାରରେ ଖୋଲା ରହେ। ଆଖପାଖ ଅଂଚଳର ଛାତ୍ରଛାତ୍ରୀ ମାୟାଧରଙ୍କ ଘରକୁ ଆସି ଏ ସବୁ ଦେଖିକି ଯାଆନ୍ତି। ମାୟାଧରଙ୍କ ସଂଗ୍ରହାଳୟ ଦେଖି କୁନି କୁନି ପିଲା ଓ ଅଭିଭାବକ ପ୍ରଶଂସା କରନ୍ତି। ମାୟାଧର ସ୍ୱାଇଁ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ ପିଲାଦିନରୁ ପୁରୁଣା ଜିନିଷ ସଂଗ୍ରହ କରିବା ହେଉଛି ତାଙ୍କର ଏକ ନିଆରା ନିଶା। ସେ ସ୍ୱାଧୀନତା ପୂର୍ବ ଓ ପରର ୪ଶହରୁ ଉର୍ଦ୍ଧ ଦେଶୀୟ ଓ ବିଦେଶୀ ମୁଦ୍ରା ସଂଗ୍ରହ କରି ରଖିଛନ୍ତି। ଯେଉଁଥିରେ ମହାପୁରୁଷଙ୍କ ଛବି ରହିଛି। ବିଭିନ୍ନ ରାଜ୍ୟରୁ ସଂଗ୍ରହ କରିଥିବା ପୁରୁଣା ଦିଆସିଲି ଖୋଳ ଏଠାରେ ରହିଛି। ଯେଉଁଥିରେ ବିଭିନ୍ନ ପୁରୁଣା ସିନେ ତାରକାଙ୍କ ଛବି ରହିଛି, ଯାହା ବର୍ତ୍ତମାନ ଦେଖିବାକୁ ମିଳୁନି। ସେହିଭଳି ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାର, କାଠ ତିଆରି ସାମଗ୍ରୀ, ୧୫ଶହରୁ ଉର୍ଦ୍ଧ ପୁସ୍ତକ, ଶହେରୁ ଅଧିକ ଡାକ ଟିକେଟ, ପୁରୁଣା ଟେଲିଫୋନ, ମୋବାଇଲ ଷ୍ଟାଣ୍ଡ, ପିତଳ ଷ୍ଟୋଭ ମଧ ରହିଛି ଏଠାରେ। ଆଗାମୀ ଦିନରେ ସେ ଏହାକୁ ଆହୁରି ବଡ଼ ଧରଣର ସଂଗ୍ରହାଳୟ କରିବା ପାଇଁ ଯୋଜନା କରିଛନ୍ତି। ତାଙ୍କର ଏଭଳି ନିଆରା ଅନ୍ଦାଜକୁ ସ୍ଥାନୀୟ ଲୋକେ ଖୁବ ପ୍ରଶଂସା କରୁଛନ୍ତି।

## ବିନା ଅନୁମତିରେ ଚାଲିଛି ଡ୍ରାମା ଟୁର୍ଣ୍ଣାମେଣ୍ଟ ଉତ୍ସବ

**କୁଜଙ୍ଗ, ୧୭।୫ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ଅନ୍ତର୍ଗତ ଅଗପାଳ ପଞ୍ଚାୟତରେ ଚାଲିଛି ଡ୍ରାମା ଟୁର୍ଣ୍ଣାମେଣ୍ଟ ଉତ୍ସବ। ଏହି ଉତ୍ସବ ପାଇଁ ସରକାରୀସ୍ତରରୁ ଆସିନି ଅନୁମତି। ଏହି ଉତ୍ସବକୁ ବିଦ୍ୟୁତ୍ ବେଆଇନ୍ ଭାବେ ସଂଯୋଗ ହୋଇଥିବା ବେଳେ ଅଗ୍ନିଶମ ବିଭାଗରୁ ନିଆଯାଇନି ଅନୁମତି। ଏକଥା ଖୋଦ୍ ଅଗ୍ନିଶମ ବିଭାଗ ଅଧିକାରୀ କାର୍ତ୍ତିକ କୁମାର ବିଶ୍ୱାଳ କହିଛନ୍ତି। ଯେକୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଯାତ୍ରା, ଡ୍ରାମା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ ତେବେ ସେନେଇ ସରକାରୀ ସ୍ତରରେ ଅନୁମତି ନିଆଯାଏ। ଆୟୋଜକ ପକ୍ଷରୁ ଅନୁମତି ପାଇଁ ପ୍ରଥମ ପର୍ଯ୍ୟାୟରେ ତହସିଲ, ପୁଲିସ, ଅଗ୍ନିଶମ, ବିଦ୍ୟୁତ୍ ଓ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଆବେଦନ କରାଯାଏ। ପରେ ଆବେଦନ ଅନୁଯାୟୀ ସରକାରୀ ନୀତିନିୟମରେ ସର୍ତ୍ତମୂଳକ ରଖି ଆୟୋଜକଙ୍କୁ ଅନୁମତି ପ୍ରଶାସନ ପକ୍ଷରୁ ଦିଆଯାଏ। ତେବେ ଏହି ସର୍ତ୍ତମୂଳକ ଅନୁମତି ଯୋଉ ଆୟୋଜକ କମିଟି ଖିଲାପ କରନ୍ତି ତାଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଏ। ତେବେ ଏହି ପରିପ୍ରେକ୍ଷୀରେ ଅଗପାଳ ପଞ୍ଚାୟତଠାରେ ଅନୁଷ୍ଠିତ ହେଉଥିବା ଡ୍ରାମା ଟୁର୍ଣ୍ଣାମେଣ୍ଟ ଉତ୍ସବ ଚାଲିଥିବା ବେଳେ ଆୟୋଜକମାନେ ପ୍ରଶାସନ ନିକଟରୁ କୌଣସି ଅନୁମତି ନେଇନାହାନ୍ତି। ଏହି ଉତ୍ସବରେ ବହୁ ଜନସମାଗମ ହେଉଥିବା ସମୟରେ ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ସାଧାରଣରେ ଆଲୋଚନା ହେଉଛି।

# ରାସ୍ତା ସାରା କାଦୁଅ ପଚପଚ, ଲୋକେ ହନ୍ତସନ୍ତ

**ରାସ୍ତାରେ ଲହଡି ମାରୁଛି ଦୂଷିତ ପାଣି**
**ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ**





**ନବରଙ୍ଗପୁର/ଝରିଗାଁ, ୧୭।୫ (ସଂଚାର ବ୍ୟୁରୋ):** ଯୁଆଡେ ଦେଖିଲେ କାଦୁଅ ପଚପଚ। ଏଭଳି କି ବର୍ଷା, ଖରା, ଶୀତ ବାରମାସ ରାସ୍ତା କାଦୁଅ ପଚ ପଚ ସହ ପାଣି ଜମି ରହିଥାଏ। ଏମିତି ଏହି କାଦୁଅ ପଚପଚ ରାସ୍ତା ଦେଇ ସାହି ବାସିନ୍ଦା ନୀତିଦିନ ଯାତାୟାତ କରୁଛନ୍ତି। ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏକ ପ୍ରକାର ଏଠି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ଦୃଶ୍ୟଟି ହେଉଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ୬ନମ୍ବର ୱାର୍ଡ ପାଣିନଳା ସାହିର।

ଏଠି ବର୍ଷାକ ବାରମାସ ରାସ୍ତା ଉପରେ କାଦୁଅ ସହ ପାଣି ଏମିତି ଲହଡ଼ି ମାରୁଥାଏ। ଏହି କାଦୁଅ ରାସ୍ତା ଦେଇ ପାଣିନଳା ସାହିରେ ରହୁଥିବା ସମସ୍ତ ଲୋକଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ ଓ ଅଙ୍ଗନବାଡି ଛୁଆମାନେ ମଧ ଏହି ଦୂଷିତ ପାଣି ଉପରେ ଚାଲି ଚାଲି ଯାଇଥାନ୍ତି । ଏମିତି କି ଅନେକ ସମୟରେ ଏହି ରାସ୍ତା ଦେଇ ସ୍କୁଲ ଏବଂ ଅଙ୍ଗନବାଡ଼ି ଛୁଆମାନେ ଯିବା ଆସିବା କରିବା ସମୟରେ ଏହି କାଦୁଅ ଉପରେ ଖସି ପଡିଯାଉଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଅନ୍ୟପଟେ ରାସ୍ତାରେ ପାଣି ଜମିବା କାରଣରୁ ସାହିରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଛି । ମଶା, ମାଛି ପଦୁର୍ଭାବ ବଢୁଛି ଯାଦ୍ୱାରା ଲୋକେ ମେଲେରିଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଠି ଯଦି କାହାର ଦେହ ଅସୁସ୍ଥତା ହୁଏ କିମ୍ବା କୌଣସି ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବାକୁ ହେଲେ ସାହି ଭିତରକୁ ଆମ୍ବୁଲାନ୍ସ ଆସିପାରେ ନାହିଁ, ରୋଗୀଙ୍କୁ ଲୋକେ ଟେକି ଟେକି ନେଇଥାନ୍ତି । ଏହି ୬ନମ୍ବର ୱାର୍ଡ ପାଣିନଳା ସାହିରେ ପ୍ରାୟ ୨ ହଜାରରୁ ଅଧିକ ଲୋକେ ବସବାସ କରୁଥିବା ବେଳେ ଏହି ପାଣିନଳା ସାଇ ଝରିଗାଁ ସଦର ତଳ ଭାଗରେ ରହିଛି। ଝରିଗାଁ ସହର ଅଧିକାଂଶ ଦୂଷିତ ପାଣି ଏବଂ ବର୍ଷା ପାଣି ଏହି ସାହି ଦେଇ ଯାଇଥାଏ।

ତେବେ ଏହାକୁ ଦୃଷ୍ଟିରେ ରଖି ଦୀର୍ଘ ବର୍ଷ ତଳେ ପ୍ରଶାସନ ତରଫରୁ ପ୍ରାୟ ୭ଶହ ମିଟରର ଏକ ଡ୍ରେନ ତିଆରି କରାଯାଇଥିଲା। କିନ୍ତୁ ଦୀର୍ଘ ଦିନ ଧରି ଡ୍ରେନକୁ ସଫା କରାନଯିବା ଯୋଗୁଁ ଧୀରେ ଧୀରେ ଏହା ପୋତି ହେବା ସହ ଡ୍ରେନ ଉପରେ ତିଆରି ହୋଇଥିବା କଂକ୍ରିଟ ରାସ୍ତାର ଅନେକ ସ୍ଥାନ ଭୁଶୁଡି ପଡିଛି। ଫଳରେ ଏବେ ରାସ୍ତା ଉପରେ ଦୂଷିତ ପାଣି ଯିବା ସହ ରାସ୍ତା କାଦୁଅ ପଚ ପଚ ରହୁଛି। ଯାହା ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ମୁସ୍କିଲ ହୋଇପଡୁଛି।

ଏହି ସମସ୍ୟାକୁ ନେଇ ସାହିବାସୀ ଅନେକ ଥର ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରେଇଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି । ଯଦି ପ୍ରଶାସନ ପକ୍ଷରୁ ବର୍ଷା ଋତୁ ଆରମ୍ଭ ପୂର୍ବରୁ ଡ୍ରେନେଜ ବ୍ୟବସ୍ଥା ସହ ରାସ୍ତା ତିଆରି ନ କରାଯାଏ ତା ହେଲେ ବର୍ଷା ଋତୁରେ ସାହି ବାସିନ୍ଦାଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯିବ।




## ପାକିସ୍ତାନକୁ ସମର୍ଥନ କରିବାରୁ ତୁର୍କୀକୁ ପଡିଲା ମହଙ୍ଗା

# ତୁର୍କୀ ପୋଷାକ ବ୍ରାଣ୍ଡ ବିକ୍ରି ବନ୍ଦ କରିଛି ମିନ୍ତ୍ରା ଓ ରିଲାଏନ୍ସ

**ନୂଆଦିଲ୍ଲୀ,୧୭ା୫:** ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ସମୟରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିବା ନେଇ ବଢୁଛି ବିବାଦ । ଏହାରି ମଧ୍ୟରେ ମିନ୍ତ୍ରା ଓ ରିଲାଏନ୍ସର ମାଲିକାନାରେ ଥିବା ଜିଓ ନିଜ ପୋର୍ଟାଲରୁ ତୁର୍କୀ ପୋଷାକ ବ୍ରାଣ୍ଡ ବିକ୍ରି ବନ୍ଦ କରିଦେଇଛନ୍ତି। ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ, ମିନ୍ତ୍ରା ସମସ୍ତ ତୁର୍କୀ ବ୍ରାଣ୍ଡର ବିକ୍ରୟକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି, ଯେଉଁଥିରେ ଇଣ୍ଟରନେଟ୍ ଜାଏଣ୍ଟ ଆଲିବାବାର ମାଲିକାନା ଟ୍ରେଣ୍ଡୟୋଲ୍ ମଧ୍ୟ ଅନ୍ତର୍ଭୁକ୍ତ। ଯାହାର ଭାରତରେ ଏହାର ସ୍ୱତନ୍ତ୍ର ବଜାର ଅଧିକାର ଅଛି। ସେହିପରି ରିଲାଏନ୍ସ



ଏହାର ଅନଲାଇନ୍ ପ୍ଲାଟଫର୍ମ ଆଜିଓରେ ବିକ୍ରି ହୋଇଥିବା କଟନ୍, ଏଲ୍‌ସି ୱାକି ଏବଂ ମାଭି ଭଳି ତୁର୍କୀ ପୋଷାକ ବ୍ରାଣ୍ଡର ପୋର୍ଟଫୋଲିଓକୁ ମଧ୍ୟ ବାତିଲ କରିଛି।

ତେବେ ଗତ ସପ୍ତାହାନ୍ତରେ ଉତ୍ତେଜନା ବୃଦ୍ଧି ପାଇବା ପରେ ମିନ୍ତ୍ରାରୁ ତୁର୍କୀ ବ୍ରାଣ୍ଡଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଇଥିଲା।ତୁର୍କୀର ସର୍ବବୃହତ ଇ-କମର୍ସ ଫାର୍ମ ଟ୍ରେଣ୍ଡୟୋଲ୍, ମିନ୍ତ୍ରାରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ସର୍ବାଧିକ ବିକ୍ରି ହେଉଥିବା ଆନ୍ତର୍ଜାତୀୟ ମହିଳା ପାଶ୍ଚାତ୍ୟ ପୋଷାକ ବ୍ରାଣ୍ଡ ମଧ୍ୟରୁ ଗୋଟିଏ। ତଥାପି, ମିନ୍ତ୍ରା ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଦେଇନାହାଁ।" ଅନ୍ୟପକ୍ଷରେ, ରିଲାଏନ୍ସ ରିଟେଲ୍ କହିଛି ଯେ, ଏହା ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି। ରିଲାଏନ୍ସର ମୁଖପାତ୍ର କହିଛନ୍ତି ଯେ, ଆମେ ତୁର୍କୀରେ ଆମର କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ କରିଦେଇଛୁ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପାଞ୍ଚ ବର୍ଷ ପୂର୍ବେ ତୁର୍କୀର କପଡ଼ା କମ୍ପାନୀ କିଭାଙ୍କ ଟେକ୍ସଟାଇଲ୍ ସହିତ ଏକ ସ୍ଥାୟୀ ପୋଷାକ ବ୍ରାଣ୍ଡ ତିଆରି ଏବଂ ବିକ୍ରୟ କରିବା ପାଇଁ ସହଭାଗୀ ହୋଇଥିଲା।ହେଲେ ସହଭାଗୀତା ବହୁ ପୂର୍ବରୁ ଶେଷ ହୋଇସାରିଛି।

## ବାଂଲାଦେଶରେ ସଙ୍କଟ

# ଅଣ୍ଡା ଚିକେନ ଅପେକ୍ଷା ମହଙ୍ଗା

**ଢାକା, ୧୭ା୫:** ଚିକେନ ମହଙ୍ଗା ହେବ ନା ଅଣ୍ଡା ? ସରଳ ଉତ୍ତର ହେଉଛି ଚିକେନ! କିନ୍ତୁ ବର୍ତ୍ତମାନ ବାଂଲାଦେଶରେ ସବୁକିଛି ଓଲଟପାଲଟ ହେବାରେ ଲାଗିଛି। ଦେଶରେ ଅଣ୍ଡାର ମୂଲ୍ୟ ଆକାଶଛୁଆଁ ହୋଇଛି। ତେବେ ଚିକେନ ଦର ଅପକ୍ଷାକୃତ କମ୍ ରହିଛି। ଢାକାର ପ୍ରମୁଖ ପନିପରିବା ବଜାର ରାମପୁରା, ମାଲିବାଗ, ଖିଲଗାଓଁ ତାଲତାଲା ଏବଂ ସେଜୁନବାଗିଚାରେ ପରିସ୍ଥିତି କିଛିଟା ଭିନ୍ନ ଦେଖାଯାଉଛି।

ଗୋଟିଏ ସପ୍ତାହ ମଧ୍ୟରେ ଅଣ୍ଡାର ମୂଲ୍ୟ ପ୍ରତି ଡଜନରେ ୧୦ ଟଙ୍କା ବୃଦ୍ଧି ପାଇଛି, ଯେତେବେଳେ ବ୍ରଏଲର ଚିକେନର ମୂଲ୍ୟ ୧୦ ରୁ ୨୦ ଟଙ୍କା ହ୍ରାସ ପାଇଛି। ସେହି ସମୟରେ, ପନିପରିବା ଦର ଏବେ ବି ଅଧିକ ଅଛି, କେବଳ କିଛି ପନିପରିବା ଦର କମ୍ ରହିଛି। ଅଣ୍ଡା, ଯାହାକୁ ଏକ ଶସ୍ତା ପ୍ରୋଟିନ୍ ଭାବ ଦେଶରେ ବିବେଚନା କରାଯାଉଥିଲା, ଏବେ ସାଧାରଣ ଲୋକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ବଡ଼ ବଜାରରେ ଅଣ୍ଡା ପ୍ରତି ଡଜନ ୧୪୦ ଟଙ୍କା ଏବଂ ସ୍ଥାନୀୟ ଅଞ୍ଚଳରେ ୧୪୫ ଟଙ୍କାରେ ବିକ୍ରି ହେଉଛି, ଯେତେବେଳେ ଗୋଟିଏ ସପ୍ତାହ ପୂର୍ବେ ଏହି ମୂଲ୍ୟ ୧୩୦-୧୩୫ ଟଙ୍କା ଥିଲା।

ମାଲିବାଗ ବଜାରର ଅଣ୍ଡା ହୋଲସେଲଙ୍କ ଅନୁସାରେ ଚାଷୀମାନେ ବହୁତ ମାସ ଧରି କ୍ଷତି ସହୁଛନ୍ତି। ଏଥର ଯଦି ମୂଲ୍ୟ ଟିକେ ବୃଦ୍ଧି ପାଇଛି, ତେବେ ଏହା ସେମାନଙ୍କ ପାଇଁ ଜରୁରୀ ଥିଲା। ଅନେକ



ଫାର୍ମ ବନ୍ଦ ହୋଇ ଯାଇଛି। ସାଧାରଣତଃ ବର୍ଷା ଋତୁରେ ଅଣ୍ଡାର ମୂଲ୍ୟ ବୃଦ୍ଧି ପାଏ, କିନ୍ତୁ ଏଥର ମୂଲ୍ୟ ବହୁତ ଦିନ ଧରି କମ୍ ରହିଥିଲା। ଅଣ୍ଡା ମହଙ୍ଗା ହୋଇଥିବାବେଳେ, ଚିକେନର ମୂଲ୍ୟ ହ୍ରାସ ପାଇଛି। ବ୍ରଏଲର ଚିକେନ ଏବେ କିଲୋ ପ୍ରତି ୧୬୦ ଟଙ୍କାରୁ ୧୮୦ ଟଙ୍କାରେ ବିକ୍ରି ହେଉଛି, ଯାହା ଗତ ସପ୍ତାହ ତୁଳନାରେ ୧୦-୨୦ ଟଙ୍କା କମ୍। ପନିପରିବା ବଜାରର ଅବସ୍ଥା ଏବେ ବି ଖରାପ ରହିଛି। କିଛି ଗ୍ରୀଷ୍ମକାଳୀନ ପନିପରିବା ପୋଟଳ, ଛଚିନ୍ଦ୍ରା କିଲୋ ପ୍ରତି ୪୦-୬୦ ଟଙ୍କାରେ ବିକ୍ରି ହେଉଛି। ଯେତେବେଳେ ଟମାଟ କିଲୋ ପ୍ରତି ୫୦-୬୦ ଟଙ୍କା ରହିଛି। ଲୋକେ କହିଛନ୍ତି ଯେ, ଗ୍ରୀଷ୍ମକାଳୀନ ପନିପରିବାର ଯୋଗାଣ ବୃଦ୍ଧି ପାଇଛି, ତେଣୁ ଦର ଟିକିଏ ହ୍ରାସ ପାଇଛି। କିନ୍ତୁ ଯଦି ବର୍ଷା ହୁଏ ତେବେ ଦର ବଢ଼ିବାର ଆଶଙ୍କା ରହିଛି।




## ‘ଏକ୍ସ’ରେ ପୁଣି ଥରେ ନିଜର ନାମ ଓ ପ୍ରୋଫାଇଲ୍ ଫଟୋ ବଦଳାଇଲେ ମସ୍କ

**ନୂଆଦିଲ୍ଲୀ, ୧୭ା୫:** ଟେସ୍‌ଲା ସିଇଓ ତଥା ‘ଏକ୍ସ’ର ମାଲିକ ଏଲୋନ୍ ମସ୍କ ପୁଣି ଥରେ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରେ ନିଜର ନାମ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ତାଙ୍କ ‘ଏକ୍ସ’ ଆକାଉଣ୍ଟର ନାମ ‘ଗୋର୍କଲନ୍ ରଷ୍ଟ’କୁ ପରିବର୍ତ୍ତନ କରିଥିବା ବେଳେ ଏବେ ସେଇ ନାମକୁ ବି ବଦଳାଇ ଦେଇଛନ୍ତି। ଏବେ ‘ଏକ୍ସ’ରେ ମସ୍କ ତାଙ୍କ ନାମ ରଖିଛନ୍ତି ‘କେକିୟସ୍ ମାକ୍ସିମସ୍’।

ନାମ ସହିତ ସେ ନିଜର ପ୍ରୋଫାଇଲ୍ ଫଟୋ ବି ବଦଳାଇଛନ୍ତି। ତେବେ ତାଙ୍କ ନାମ ଓ ପ୍ରୋଫାଇଲ୍ ଫଟୋକୁ ନେଇ ସେ କୌଣସି ବର୍ଣ୍ଣନା କରିନାହାନ୍ତି। ମସ୍କଙ୍କ ନାମ ପରିବର୍ତ୍ତନ କ୍ରିପ୍ଟୋକରେନ୍ସି ଜଗତରେ ହଇଚଇ ସୃଷ୍ଟି କରିଛି। କାରଣ କେକିୟସ୍ ମାକ୍ସିମସ୍ ମିମ୍ କଏନ୍‌ର ମୂଲ୍ୟ ଆକାଶଛୁଆଁ ହୋଇଥିଲା। ବିନାନ୍ସ ଅନୁଯାୟୀ, ବିଲିୟନେୟାର ତାଙ୍କ ‘ଏକ୍ସ’ର ନାମ ବଦଳାଇବା ପରେ ମିମ୍ କଏନ୍‌ର ମୂଲ୍ୟ ପ୍ରାୟ ୧୧୯ % ବୃଦ୍ଧି ପାଇଛି। ମସ୍କ ଏଥରକୁ ମିଶାଇ ଦ୍ୱିତୀୟ ଥର ପାଇଁ ତାଙ୍କ ପ୍ରୋଫାଇଲ୍‌ର ନାମ ବଦଳାଇଛନ୍ତି। ଗତ ବର୍ଷ ଡିସେମ୍ବରରେ ସେ ଶେଷ ଥର ପାଇଁ ତାଙ୍କ ନାମ ପରିବର୍ତ୍ତନ କରିଥିଲେ। ସେତେବେଳେ ସେ ତାଙ୍କର ପ୍ରୋଫାଇଲ୍ ଫଟୋକୁ ପ୍ରସିଦ୍ଧ 'ପେପେ ଦି ଫ୍ରଗ୍' ମେମ୍ ସହିତ ବଦଳାଇ ଦେଇଥିଲେ। ଏଥିରେ 'ପେପେ ଦି ଫ୍ରଗ୍' ସୁନା କବଚ ପିନ୍ଧିଥିବା ଏବଂ ଏକ ଭିଡିଓ ଗେମ୍ କଣ୍ଟ୍ରୋଲର୍ ଧରିଥିବା ଦେଖାଯାଇଥିଲା।

# ଛଟେଇ ଟ୍ରେଣ୍ଡରେ ପୁଣି ଟେକ୍ କମ୍ପାନୀ

## ସବୁଠୁ ଆଗରେ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ, ୧୭ା୫:** ଟେକ୍ ଇଣ୍ଡଷ୍ଟ୍ରିରେ ପୁଣି ଦେଖାଦେଇଛି ଛଟେଇ ଟ୍ରେଣ୍ଡ୍। ମାଇକ୍ରୋସଫ୍ଟ, ଆମାଜନ ଏବଂ ଗୁଗଲ ଭଳି ବଡ଼ ବଡ଼ ଟେକ୍ କମ୍ପାନିରେ ଦେଖିବାକୁ ମିଳିଛି ଛଟେଇ। ବିଶ୍ୱ ବଜାରରେ ଉପୁଜିଥିବା ଆର୍ଥିକ ଅସ୍ଥିରତା, ରାଜସ୍ୱରେ ହ୍ରାସ ଏବଂ ଅଫିସ୍ କାମରେ AIର ବ୍ୟବହାର କାରଣରୁ କମ୍ପାନିମାନେ ଏହି ଛଟେଇ କରୁଛନ୍ତି। ଖାଲି ସେତିକି ନୁହେଁ କମ୍ପାନିମାନେ କାର୍ଯ୍ୟାଧାରାକୁ ଆହୁରି ସରଳ ସହ ଖର୍ଚ୍ଚ କମ୍ କରିବା ପାଇଁ ମଧ୍ୟ ଏଭଳି ପଦକ୍ଷେପ ନେଉଥିବା କହିଛନ୍ତି।

ରିପୋର୍ଟ ଅନୁସାରେ ୨୦୨୫ରେ ଏପର୍ଯ୍ୟନ୍ତ ୧୩୦ କମ୍ପାନିରେ କାମ କରୁଥିବା ୬୧ ହଜାର ୨୨୦ କର୍ମଚାରୀଙ୍କ ଛଟେଇ ହେଲାଣି। ଯେଉଁଥିରେ ସବୁଠୁ ଅଧିକ ଛଟେଇ ହୋଇଛି ମାଇକ୍ରୋସଫ୍ଟରେ। କମ୍ପାନି ମେ ୧୩ରେ ପ୍ରାୟ ୬ ହଜାର କର୍ମଚାରୀଙ୍କ ଛଟେଇ କରିବା ନେଇ ଘୋଷଣା କରିଛି। ଯାହା କମ୍ପାନିରେ କାମ କରୁଥିବା ୨,୨୮,୦୦୦ ଓ୍ୱାର୍କଫୋର୍ସର ୩ ପ୍ରତିଶତ। ଏହା ଦ୍ୱାରା ସର୍ବାଧିକ ଓ୍ୱାସିଂଟନର କର୍ମଚାରୀ ପ୍ରଭାବିତ ହୋଇଛନ୍ତି।କମ୍ପାନିର ବିବୃତ୍ତି ଅନୁସାରେ ଏହି ଛଟେଇ, କମ୍ପାନିର ପରିଚାଳନାକୁ ଆହୁରି ସରଳ କରିବା ସହ ଅଣ ଟେକ୍‌ନିକାଲ କର୍ମଚାରୀଙ୍କ ପାଇଁ ଇଞ୍ଜିନିୟରଙ୍କ ଅନୁପାତ ବଢ଼ାଇବା ପାଇଁ କରାଯାଇଛି। ମାଇକ୍ରୋସଫ୍ଟ ପରେ ୨୦୨୫ରେ ଅଧିକ କର୍ମଚାରୀଙ୍କୁ ଛଟେଇ କରିଥିବା କମ୍ପାନି ମଧ୍ୟରେ ରହିଛି ଗୁଗଲ। କମ୍ପାନି ଏହାର ସେଲ୍ସ ଏବଂ ପାର୍ଟନରସିପ୍ ଟିମ୍‌ରୁ ପ୍ରାୟ ୨୦୦ କର୍ମଚାରୀଙ୍କୁ ବିଦା କରୁଛି। ସେହିଭଳି ଆମାଜନ ଏହାର ୧୦୦ କର୍ମଚାରୀଙ୍କୁ ଛଟେଇ କରୁଛି।କମ୍ପାନି ଏହି ଛଟେଇ ଏକୋ ସ୍ପିକର୍ସ, ଆଲେକ୍ସା, କିଣ୍ଡଲ ଏବଂ ଜୁକ୍ସ ସେଲଫ୍ ଡ୍ରାଇଭିଂ ୟୁନିଟରୁ କରୁଛି। ସେପଟେ ସାଇବର ସିକ୍ୟୁରିଟି କମ୍ପାନି କ୍ରାଉଡଷ୍ଟ୍ରାଇକ୍ ମଧ୍ୟ ଏହାର ଓ୍ୱାର୍କଫୋର୍ସରୁ ୫ ପ୍ରତିଶତ କମାଇବା ନେଇ ଘୋଷଣା କରିଛି।






# ସେଲେରିଓ, ଏସ୍-ପ୍ରେସୋ ଏବଂ ସିଆଜ କାର୍‌ର ବିକ୍ରୟକୁ ନେଇ ଚିନ୍ତାରେ ମାରୁତି ସୁଜୁକି

**ନୂଆଦିଲ୍ଲୀ, ୧୭ା୫:** ମାରୁତି ସୁଜୁକି କାରଗୁଡ଼ିକର ବିକ୍ରି ସବୁବେଳେ ଭଲ ରହିଥାଏ । କିନ୍ତୁ ଗତ କିଛି ମାସ ମଧ୍ୟରେ କମ୍ପାନୀର କିଛି କାରର ବିକ୍ରୟ ହ୍ରାସ ପାଇଛି। ଯେଉଁ କାରଗୁଡ଼ିକ ବହୁତ ଧୁମ୍‌ଧାମ୍‌ରେ ଲଞ୍ଚ ହୋଇଥିଲା, ସେଗୁଡ଼ିକର ବିକ୍ରୟରେ ତୀବ୍ର ହ୍ରାସ ଘଟିଛି। ଗତ ମାସରେ, ମାରୁତି ସୁଜୁକିର ସେଲେରିଓ, ଏସ୍-ପ୍ରେସୋ ଏବଂ ସିଆଜର ବିକ୍ରିରେ ୭୧% ପର୍ଯ୍ୟନ୍ତ ବଡ଼ ହ୍ରାସ ଦେଖାଯାଇଥିଲା।

ଯଦି ଆପଣ ମଧ୍ୟ ଏହି କାରଗୁଡ଼ିକୁ କିଣିବା ପାଇଁ ଭାବୁଛନ୍ତି, ତେବେ ଆସନ୍ତୁ ଜାଣିବା କେଉଁ କାରର ବିକ୍ରି କେତେ ହ୍ରାସ ପାଇଛି ଏବଂ ଏହା ପଛରେ କ'ଣ କାରଣ ଅଛି। ମାରୁତି ସୁଜୁକି ଏସ୍-ପ୍ରେସୋର କେବଳ ୭୨୬ ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ କମ୍ପାନୀ ଏହି କାରର ମୋଟ ୨୪୭୬ ୟୁନିଟ୍ ବିକ୍ରି କରିଥିଲା। ଏବେ ଏଥର କମ୍ପାନୀ ୧୭୫୦ ୟୁନିଟ୍ କମ୍ ବିକ୍ରି କରିପାରିଛି, ଯାହା ଫଳରେ ବିକ୍ରୟରେ ୭୦.୬୮% କ୍ଷତି ହୋଇଛି। ଏହା ବ୍ୟତୀତ, ମାରୁତିର ସେଡାନ୍ ସିଆଜ୍‌ର ବିକ୍ରୟ ମଧ୍ୟ ବହୁତ ନିରାଶ କରିଥିଲା। ଗତ ମାସରେ କମ୍ପାନୀ ଏହି କାରର ମୋଟ ୩୨୧ ୟୁନିଟ୍ ବିକ୍ରି କରିଥିଲା। ଯେତେବେଳେ ଗତ ବର୍ଷ ସମାନ ସମୟରେ କମ୍ପାନୀ ୮୬୭ ୟୁନିଟ୍ ବିକ୍ରି କରିଥିଲା, ଯାହା ଯୋଗୁଁ ଏଥର କମ୍ପାନୀ ୫୬% କମ୍ ୟୁନିଟ୍ ବିକ୍ରି କରିପାରିଛି। ଏହା ବ୍ୟତୀତ ଗତ ମାସରେ ସେଲେରିଓର ୧୪୭୪ ୟୁନିଟ୍ ବିକ୍ରି ହୋଇଥିଲା। ଯେତେବେଳେ ଗତ ବର୍ଷ ଏପ୍ରିଲ ମାସରେ କମ୍ପାନୀ ଏହି କାରର ୩୨୨୦ ୟୁନିଟ୍ ବିକ୍ରି କରିଥିଲା। ଏପରି ପରିସ୍ଥିତିରେ, ଏଥର ଏହି କାରର ୧୭୪୬ ୟୁନିଟ୍ କମ୍ ବିକ୍ରି ହୋଇଛି ଏବଂ ବିକ୍ରୟରେ ୫୪% ହ୍ରାସ ଘଟିଛି।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ମୂଲ୍ୟରେ ନିରନ୍ତର ବୃଦ୍ଧି ଯୋଗୁଁ ଗ୍ରାହକମାନେ ଏହି କାରଗୁଡ଼ିକଠାରୁ ନିଜକୁ ଦୂରେଇ ରଖିଛନ୍ତି। ବଜେଟ୍ କ୍ଷେତ୍ରକୁ ଲକ୍ଷ୍ୟ କରି ସେଲେରିଓ ଏବଂ ଏସ୍-ପ୍ରେସୋ ଲଞ୍ଚ କରାଯାଇଥିଲା। ପ୍ରାରମ୍ଭରେ ଏହି କାରଗୁଡ଼ିକର ବିକ୍ରି ବହୁତ ଭଲ ଥିଲା କିନ୍ତୁ ପରେ ଯେତେବେଳେ ଏହି କାରଗୁଡ଼ିକର ଫେସଲିଫ୍ଟ ମଡେଲ ବଜାରକୁ ଆସିଲା ନାହିଁ ଏବଂ ମୂଲ୍ୟ ନିରନ୍ତର ବୃଦ୍ଧି ପାଇବା ଆରମ୍ଭ କଲା, ଏହାର ପ୍ରଭାବ ଏହି କାରଗୁଡ଼ିକର ବିକ୍ରି ଉପରେ ମଧ୍ୟ ଦେଖିବାକୁ ମିଳିଥିଲା। ଏବେ ଦେଖିବାକୁ ବାକି ରହିଲା ଯେ ମାରୁତି ସୁଜୁକି ଏହି କାରଗୁଡ଼ିକର ବିକ୍ରୟ ବୃଦ୍ଧି କରିବା ପାଇଁ କିଛି କରିବ ନା ସେମାନଙ୍କର ଉତ୍ପାଦନ ବନ୍ଦ କରିବ।

# ଗଧ ମାଂସ, ଔଷଧ ପାଇଁ ପାକ୍ ଉପରେ ନିର୍ଭରଶୀଳ ଚୀନ୍

**ନୂଆଦିଲ୍ଲୀ ୧୭ା୫:** ପାକିସ୍ତାନ ଓ ଚୀନ୍ ମଧ୍ୟରେ ଏକ ବଡ଼ ‘ଗଧ ଅର୍ଥନୀତି’ର ପ୍ରସାର ହେଉଛି। ଏହି ଅର୍ଥନୀତି କ'ଣ ? ପାକିସ୍ତାନ କିଭଳି ଏହାକୁ ଆର୍ଥିକ ରୂପେ ଆତ୍ମନିର୍ଭର ହେବାର ଅବସର ରୂପେ ଦେଖୁଛି ଏବଂ ଚୀନ୍ କାହିଁକି ପାକିସ୍ତାନ ଗଧଙ୍କ ଉପରେ ନିର୍ଭରଶୀଳ? ବର୍ତ୍ତମାନ ସ୍ଥିତିରେ ଏହା ଜାଣିବା ଜରୁରି ହୋଇପଡ଼ିଛି। ଚୀନ୍-ପାକିସ୍ତାନ ମଧ୍ୟରେ କେବଳ ଅସ୍ତ୍ର ଚୁକ୍ତି ହୁଏ ନାହିଁ। ଚୀନ୍ ପାକିସ୍ତାନକୁ ଅସ୍ତ୍ର ଦେଉଥିବାବେଳେ ପାକିସ୍ତାନ ଚୀନ୍ ଜନତାଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ଗଧ ଯୋଗାଏ। ଭାରତରେ ଗଧ ବ୍ୟବସାୟ କଥା ଶୁଣିଲେ ଅଜବ ଲାଗେ, କିନ୍ତୁ ଏହା ସତ। ଚୀନ୍‌ରେ ଗଧଙ୍କ ସଂଖ୍ୟା ଦ୍ରୁତ କମିବାର କାରଣ ଚମଡ଼ା ବ୍ୟବସାୟର ଏଜେଣ୍ଟ୍ ଆଫ୍ରିକା ଓ ବ୍ରାଜିଲରୁ ଚୀନ୍‌କୁ ଗଧ ଯୋଗାଉଥିଲେ। ଆଫ୍ରିକାର



ସମସ୍ତ ଦେଶରେ ଗଧଙ୍କ ଚମଡ଼ା ପାଇଁ ସେମାନଙ୍କ ହତ୍ୟା ଉପରେ କଟକଣା ଲାଗୁ ହେଲା। ବ୍ରାଜିଲରେ ମଧ୍ୟ ଗଧଙ୍କ ହତ୍ୟା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ଯୋଗୁ ଚୀନ୍‌ର ଏଜିଆଓ (ଏକ ପାରମ୍ପରିକ ଔଷଧ) ଉଦ୍ୟୋଗ ଏବେ ପାକିସ୍ତାନ ଗଧଙ୍କ ଉପରେ ନିର୍ଭରଶୀଳ। ଏହି କାରଣରୁ ପାକିସ୍ତାନ ସାହାଯ୍ୟରେ ଗଧଙ୍କ ଅଭାବ ପୂରଣ ପାଇଁ ଚୀନ୍ ନୂଆ ସମୀକରଣ

**ବାର୍ଷିକ ୧,୧୬,୦୦୦ ଗଧ ଚମଡ଼ା-ମାଂସ ଯୋଗାଇବାକୁ ଚୁକ୍ତି**

କରିଛି। ପାକିସ୍ତାନ ଚୀନ୍‌କୁ ଉଭୟ ଗଧ ଓ ଗଧ ମାଂସ ରପ୍ତାନି କରୁଛି। ଚୀନ୍‌କୁ ଗଧ ମାଂସ ପଠାଇବା ପାଇଁ ପାକିସ୍ତାନ ଗ୍ୱାଦରରେ ଗଧ ଫାର୍ମ ଖୋଲିଛି। ଚୀନ୍‌ରେ ଲୋକେ ଅତି ଆନନ୍ଦରେ ଗଧ ମାଂସ ଖାଆନ୍ତି। ପାକିସ୍ତାନର ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ଅନୁସନ୍ଧାନ ମନ୍ତ୍ରାଳୟର ଅଧିକାରୀମାନେ ଗତ ଫେବୃଆରୀରେ କହିଥିଲେ, ଗ୍ୱାଦରର କଂସେଇଖାନାରେ ଉତ୍ପାଦନ କାମ ଚାଲୁ ହୋଇସାରିଛି। ଏଠାରୁ ଉତ୍ପାଦିତ ଗଧଙ୍କୁ ପାକିସ୍ତାନ ଚୀନ୍ ପଠାଇବ। ପାକିସ୍ତାନରେ ଗଧଙ୍କ ଆନୁମାନିକ ସଂଖ୍ୟା ୫.୯ ମିଲିଅନ। ସେଥିପାଇଁ ଏହା ଚୀନ୍‌କୁ ପ୍ରମୁଖ ବଜାର ରୂପେ ଦେଖୁଛି, ଯେଉଁଠି ଗଧ ମାଂସର ଉପଯୋଗ ଭୋଜନ ଓ ପାରମ୍ପରିକ ଚୀନୀ ଔଷଧ ପ୍ରସ୍ତୁତିରେ କରାଯାଏ। ପାକିସ୍ତାନର ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ଅନୁସନ୍ଧାନ ମନ୍ତ୍ରାଳୟ ଅନୁସାରେ, ପାକିସ୍ତାନ ଚୀନ୍ ସହ ୨,୧୬,୦୦୦ ଗଧଙ୍କ ଚମଡ଼ା ଓ ମାଂସର ବାର୍ଷିକ ପୂର୍ତ୍ତି ପାଇଁ ଚୁକ୍ତି କରିଛି। ଏହି ଚୁକ୍ତିର ବଜାର ମୂଲ୍ୟ ହାରାହାରି ୮ ମିଲିଅନ ଡଲାର। ଗଧ ଅର୍ଥନୀତି ସାମାଜିକ ଓ ସାଂସ୍କୃତିକ ବିତର୍କକୁ ଜନ୍ମ ଦେଇଛି। ପାକିସ୍ତାନର ଅନେକ ପଶୁପ୍ରେମୀ ଓ ବେସରକାରୀ ସଂଗଠନ ଏହି ବ୍ୟବସାୟକୁ ଅନୁଚିତ୍ କହୁଛନ୍ତି। ଏହା ବିରୋଧରେ ସେମାନେ ଅଭିଯାନ ମଧ୍ୟ ଚଳାଉଛନ୍ତି। ଗ୍ୱାଦରରେ କଂସେଇଖାନା ନିର୍ମାଣ ପରେ ବେଲୁଚିସ୍ତାନର ଲୋକେ ଏହାକୁ ବିରୋଧ କରୁଛନ୍ତି। ଗ୍ୱାଦର ବେଲୁଚିସ୍ତାନରେ ଅବସ୍ଥିତ ଏବଂ ସ୍ଥାନୀୟ ଲୋକେ ଚୀନୀ ପ୍ରୋଜେକ୍ଟକୁ ସର୍ବଦା ବିରୋଧ କରିଆସିଛନ୍ତି।

## ଆଜିର ସୁନା ଦର



ବଢୁଛି ସୁନା ଦର। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୬, ୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୨୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୬୧୦ ଓ ୮୮, ୫୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଗାଈଗୋରୁଙ୍କ ଦଖଲରେ ମୁଖ୍ୟ ରାସ୍ତା, ଚୁପ୍ ବସିଛି ବିଏମସି !

# ଅଧାରେ ଅଟକିଛି ଗୋଶାଳା ନିର୍ମାଣ



**ବ୍ରହ୍ମପୁର,୧୭।୫(ସଂଚାର ବ୍ୟୁରୋ):** ରେଶମ ସହର ବ୍ରହ୍ମପୁରରେ ଅତିଷ୍ଠ କଲାଣି ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ। ମୁଖ୍ୟ ରାସ୍ତା ହେଉ କି ଗଳିକନ୍ଦି ସବୁଠି ଗାଈଗୋରୁଙ୍କ ଅବାଧ ବୁଲା ଚିନ୍ତାର କାରଣ ସାଜିଛି। ତେବେ ସହରରେ ଏଣେତେଣେ ବୁଲାବୁଲି କରୁଥିବା ଗାଈକୁ ରଖିବା ପାଇଁ ଏକ ଗୋଶାଳା ନିର୍ମାଣ କରିବାକୁ ଯୋଜନା ରହିଥିଲା। ବ୍ରହ୍ମପୁର ମହାନଗର ନିଗମ ତରଫରୁ ପ୍ରାୟ ୯୦ ଲକ୍ଷ ଟଙ୍କାରେ ଗୁରୁଣ୍ଡି ପାଖରେ ଏହି ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଶେଷ ହେବାର ନାଁ ଧରୁନାହିଁ। ଗତ କିଛି ବର୍ଷ କାମ ହେବା ପରେ ଆଉ ଆଗକୁ ବଢ଼ୁନାହିଁ। ମହାନଗର ନିଗମ ତରଫରୁ ଏହାର ନିର୍ମାଣ ଶେଷ ଦିଗରେ ମଧ୍ୟ ତତ୍ପରତା ପ୍ରକାଶ ପାଉନାହିଁ। ସହରରେ ଅବାଧାରେ ଚାରଣ କରୁଛନ୍ତି ଗାଈ ଗୋରୁ। ମାଲିକମାନେ କ୍ଷୀର କାଢ଼ିଦେଇ ରାସ୍ତାରେ ଗାଈକୁ ଛାଡ଼ି ଦେଉଛନ୍ତି। ସେମାନଙ୍କ ରହଣୀ କିମ୍ବା ଖାଦ୍ୟର ବ୍ୟବସ୍ଥା କରୁନାହାନ୍ତି। ଅନେକ ଗାଈ ଅନାହାରରେ ମୃତ୍ୟୁ ମୁଖରେ ପଡ଼ୁଛନ୍ତି। ଅପରପକ୍ଷେ ଗାଈ ଯୋଗୁଁ ସହରରେ ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତା ଉପରେ ଦିନ ହେଉ କି ରାତି ଗାଈଗୁଡ଼ିକ ଶୋଇ ରହିଥାଉଛନ୍ତି। ବ୍ୟସ୍ତ ବହୁଳ ରାସ୍ତା ଏମାନଙ୍କ ଦଖଲରେ ରହୁଛି। ବିଶେଷକରି ରାତିର ଅନ୍ଧାରରେ ଗାଈ ଶୋଇଥିବା ଦେଖାଯାଉନାହିଁ ଏବଂ ଗାଡ଼ି ଚାଳକମାନେ ଦୁର୍ଘଟଣା ଘଟାଉଛନ୍ତି। ବିଗତ ଦିନରେ ବୁଲା ଗାଈଙ୍କୁ ଧରିବା ପାଇଁ ମହାନଗର ନିଗମ ତରଫରୁ ଅନେକ ପଦକ୍ଷେପ ନିଆଯାଇଛି। ଅସ୍ଥାୟୀ କାଞ୍ଜିଆହୁଦାରେ ରଖାଯାଇଛି। ମାଲିକଙ୍କ ଠାରୁ ଜୋରିମାନା ମଧ୍ୟ ଆଦାୟ କରାଯାଇଛି। କିନ୍ତୁ ବହୁଥର ଏହାକୁ ନେଇ ମାଲିକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ମହାନଗର ନିଗମର ଅଧିକାରୀ। ସେହିଭଳି ପଶୁ ସଂପଦ ବିଭାଗ ସହଯୋଗରେ ଗାଈଙ୍କ ଟ୍ୟାଗିଂ ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଥିଲା। ସହରରେ ବୁଲୁଥିବା ଗାଈଙ୍କୁ କାନରେ ସ୍ୱତନ୍ତ୍ର ନମ୍ବର ଲଗାଯାଇଥିଲା। ଏହି ନମ୍ବରରେ ମାଲିକଙ୍କ ବିଷୟରେ ସବିଶେଷ ସୂଚନା ରହୁଥିଲା। ଗାଈକୁ ଧରିବା ପରେ ମାଲିକଙ୍କୁ ଯୋଗାଯୋଗରେ ସହଜ ହେଉଥିଲା। ମାଲିକଙ୍କ ଠାରୁ ଜୋରିମାନା ମଧ୍ୟ ଆଦାୟ ହେଲା। ଅଳ୍ପ କିଛି ଦିନ ଏହି ଅଭିଯାନ ଚାଲିବା ପରେ ବନ୍ଦ ହୋଇଯାଇଥିଲା। ଏଭଳି ସମୟରେ ସହରରେ ବୁଲା ଗାଈ ଗୋରୁଙ୍କ ଉତ୍ପାତ ଏବଂ ଦୌରାତ୍ମ ମଧ୍ୟ ବଢ଼ିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିଲା। ସହରବାସୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିଲେ। ସହର ଠାରୁ ଦୂରକୁ ନେଇ ଏଗୁଡ଼ିକ ରଖିବା ପାଇଁ ଦାବି ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ ଗୁରୁଣ୍ଡି ଗ୍ରାମରେ ଏକ ଗୋଶାଳା ନିର୍ମାଣ କରିବାକୁ ଯୋଜନା କରିଥିଲା ମହାନଗର ନିଗମ। ୨୦୨୨ ମସିହା ମାର୍ଚ୍ଚରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। କିଛି ଦିନ ନିର୍ମାଣ କାର୍ଯ୍ୟ ଠିକ ଚାଲିଲା। ହେଲେ ଏବେ ଗତ ଅନେକ ମାସ ହେଲା ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ତତ୍କାଳୀନ ଆୟୁକ୍ତଙ୍କ ବଦଳି ପରଠୁ କାମ ଏକ ପ୍ରକାର ବନ୍ଦ ହୋଇଯାଇଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାର ନିର୍ମାଣ ସଂପୂର୍ଣ୍ଣ କରିବା ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାମ ବନ୍ଦ ହୋଇଯିବା ପରେ ଜାଗାଟି ପରିତ୍ୟକ୍ତ ପାଲଟି ଯାଇଥିବା ଜଣାପଡ଼ିଛି। ପୂର୍ବରୁ ଯେଉଁ ସବୁ ନିର୍ମାଣ ହୋଇଥିଲା, ତାହା ମଧ୍ୟ ଧିରେଧିରେ ନଷ୍ଟ ହେବାରେ ଲାଗିଛି। ତଥାପି ନିର୍ମାଣ କାର୍ଯ୍ୟକୁ ଆଗକୁ ନେବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପୂର୍ବରୁ ମହାନଗର ନିଗମର ସବ୍-କମିଟି ବୈଠକରେ ଏହାକୁ ନେଇ କେତେକ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି ରଖିଥିଲେ। ତଥାପି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସୂଚନା ପ୍ରକାରେ, ଗୋଶାଳାର ସେଡ୍ ଏବଂ ମୁଖ୍ୟ ଫାଟକ ଲାଗିବା କାର୍ଯ୍ୟ ଅଟକି ରହିଛି। ନିକଟରେ ଷ୍ଟାଫ୍ କ୍ୱାଟର୍ ବି ନିର୍ମାଣ ହୋଇସାରିଛି। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଏବଂ ପାଣିର ସମସ୍ୟା ରହିଥିବା ଜଣାପଡ଼ିଛି। ତେବେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ ସହ ଏହି ସମସ୍ୟାର ସମାଧାନ କରିବା ଦିଗରେ ବିଏମସି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।

## କାର ସହ ୨୫ କିଲୋ ଗଞ୍ଜେଇ ଜବତ ଓ ୨ ଚାଲାଣକାରୀ ଗିରଫ



**କନ୍ଧମାଳ,୧୭।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରେ ଦିନକୁଦିନ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଥିବା ବେଳେ ଏହି କାରବାର ଉପରେ ରୋକ ଲଗେଇବା ପାଇଁ ଫିରିଙ୍ଗିଆ ପୋଲିସ ମଧ୍ୟ୍ୟ ରୀତିମତ ଭାବରେ ବିଭିନ୍ନ ଜାଗାରେ ଚଢ଼ାଉ କରିବା ସହ ବିଭିନ୍ନ ଅଞ୍ଚଳରୁ ବସ୍ତାବସ୍ତା ଗଞ୍ଜେଇ ଜବତ କରିବା ସହ ମାଫିଆ ମାନଙ୍କୁ ଗିରଫ କାରି ଜେଲ ପଠେଇବାରେ ଲାଗିପଡ଼ିଛି ଓ ଗତ ଦୁଇଦିନ ତଳେ ଏହି ଫିରିଙ୍ଗିଆ ପୋଲିସ ଦୁଇଟି ଦାମି କାର ସହ ଚାରିଜଣ ବିହାରୀ ଗଞ୍ଜେଇ ମାଫିଆ ଙ୍କୁ ଗିରଫ କାରି ତାଙ୍କ ପାଖରୁ ବିପୁଳ ପରିମାଣର ପରିମାଣରେ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିଲା ଓ ଏହି ଘଟଣାକୁ ଦୁଇଦିନ ନପୂରୁଣୁ ଏହି ଫିରିଙ୍ଗିଆ ପୋଲିସ ଶୁକ୍ରବାର ପୁଣି ଏକ କାର ସହ ୨୫ କିଲୋ ଗଞ୍ଜେଇ କୁ ଜବତ କରିବା ସହ ଦୁଇଜଣ ଚାଲାଣ କାରି ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ଓ ତେବେ ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟ୍ୟରେ ଜଣେ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପଟା କେରି ଗାଁ ର ପାଣ୍ଡୁରୁ କହଁର ବୋଲି ଜଣାପଡ଼ିଥିବା ବେଳେ ଅନ୍ୟଜଣେ ଫିରିଙ୍ଗିଆ ଥାନା ପ ଲା ବୃଡି ପଞ୍ଚାୟତ ଅଧୀନରେଥିବା ଗଲେସୁଗା ଗାଁ ର ନୀଳକଣ୍ଠ କହଁର ବୋଲି ଜଣାପଡ଼ିଛି ଓ ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟା ସମୟରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ କୁ ଏକ ବିଶ୍ୱସ୍ଥ ସୂତ୍ରରୁ ଖବର ମିଳିଥିଲା ଓ ଖବର ମିଳିବା ପରେ ସଦର ଏସ୍‌ଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତ ଙ୍କ ସହ ଏଏସଆଇ ଶ୍ରୀକାନ୍ତ ପାତ୍ର ଙ୍କ ନେତୃତ୍ୱ ରେ ଏକ ଟିମ ଏହି ଗଞ୍ଜେଇ ଭର୍ତି କାରକୁ କାଶିନୀପଦର ଗାଁ ପାଖ ରାସ୍ତାରେ ଧରିବାରେ ସଫଳ ହୋଇଥିଲେ ଓ କାର ଟିକୁ ଯାଞ୍ଚ କରିବା ସମୟରେ କାର ର ଡ଼ିକିରୁ ୨୫ କିଲୋ ଗଞ୍ଜେଇ ବାହାରିଥିଲା ଏବଂ ଏହି ଗଞ୍ଜେଇ ଗୋଛାପଡା ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱର କୁ ଚାଲାଣ ହେଉଥିବା ଜଣାପଡ଼ିଥିଲା ଓ ପରେ ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ୧୦୮/୨୦୨୫ ରେ ଏକ ମାମଲା ରୁଜୁ କରି ଶୁକ୍ରବାର ଦୁଇ ଅଭିଯୁକ୍ତ ଙ୍କୁ ଜବତ କାର ଓ ଗଞ୍ଜେଇ ସହ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଦାୟିତ୍ୱ ରେ ଥିବା ପୋଲିସ ଅଧିକାରୀ ଦୀପକ କୁମାର ରାଉତ ସୂଚନା ଦେଇଛନ୍ତି ।

## ବ୍ଲକରେ ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଣାସ,୧୭।୫(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ନୂତନ ଶିକ୍ଷା ଅଧିକାରୀଙ୍କ ଭାବରେ ଯୋଗ ଦେଇଥିବା ରାମ ଚନ୍ଦ୍ର ବେହେରାଙ୍କୁ ଆଜି ସ୍ୱଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମର ମା ପଞ୍ଚମୁଖୀ ଠାକୁରଣୀଙ୍କ ପୀଠରେ କଣାସ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଣାସ ବ୍ଲକ ଶିକ୍ଷ ସମ୍ବନ୍ୱୟ କମିଟର ସଭାପତି ପ୍ରହ୍ଲାଦ ମାନସିଂହ ଅଧ୍ୟକ୍ଷତା କରିଥିଲେ। କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ଶ୍ରୀ ବେହେରାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକଜାରୀ ନାରାୟଣ ପ୍ରଧାନ ଓ ବିନୋଦ



ବିହାରୀ ସେଠୀ, ଶିକ୍ଷକନେତା ପ୍ରତାପ କେଶରୀ ରାୟ, ପ୍ରତାପ କେଶରୀ ଛୋଟରାୟ, ସୁଶାନ୍ତ ନରେନ୍ଦ୍ର, ପ୍ରଶାନ୍ତ ସୁନ୍ଦରାୟ, ସିଆରସିସି ମମତା ସାହୁ, ସର୍ବେଶ୍ୱର ଦାସ, ଶିକ୍ଷାବିତ ଗୋବର୍ଦ୍ଧନ ବେହେରା, ଭାଗିରଥୀ ମହାପାତ୍ର ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।

## ଅସ୍ତିତ୍ୱ ହରାଉଛି ଜଳାଶୟ, ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ଦାବି



**ବରଗଡ଼,୧୭।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବଗେଇବିରା ଗ୍ରାମରେ ରହିଥିବା ଏକ ଜଳାଶୟ ତେନ୍ତୁଳିମୁଣ୍ଡା ଅସ୍ତିତ୍ୱ ହରାଇ ବସିଛି। ଏହି ଜଳାଶୟ ଅନାବନା ଘାସଲଟା ଆଦିରେ ପରିପୂର୍ଣ୍ଣ ଥିବାବେଳେ ଦିନକୁ ଦିନ ସଂକୁଚିତ ହୋଇ ପଡୁଛି। ଜଳାଶୟ ପାଣି ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଥିବାବେଳେ ଖରାଦିନେ ଶୁଖିଲା ପଡୁଛି। ଅନ୍ୟପକ୍ଷରେ ପାଣି ପାଇଁ ଗ୍ରାମବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ପ୍ରଶାସନ ଉକ୍ତ ଜଳାଶୟର ପୁନରୁଦ୍ଧାର ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାନୁଯାୟୀ, ବଗେଇବିରା ଗ୍ରାମଟି ୨ ୱାର୍ଡ ବିଶିଷ୍ଟ। ଏଠାକାର ଲୋକସଂଖ୍ୟା ୩ହଜାରରୁ ଅଧିକ ହେବ। ଗାଁର ଗୋଟିଏ ୱାର୍ଡର ପାଖାପାଖି ୧୫୦୦ ଲୋକ ଏହି ତେନ୍ତୁଳିମୁଣ୍ଡା ପୋଖରୀର ପାଣିରେ ନିର୍ଭର କରୁଛନ୍ତି। ପୂର୍ବରୁ ଗାଧୋଇବାଠାରୁ ଆରମ୍ଭ କରି ପ୍ରତ୍ୟେକ କାମରେ ଏହି ଜଳାଶୟର ପାଣି ବ୍ୟବହାର ହେଉଥିଲା। କିନ୍ତୁ ଧୀରେ ଧୀରେ ପୋତି ହୋଇଯିବାରୁ ଜଳାଶୟ ପାଣି ଧାରଣ କ୍ଷମତା ହରାଇ ବସିଛି। ଜଳାଶୟର ପୁନରୁଦ୍ଧାର ସହିତ ଏଠାରେ ଗୋଟିଏ ଗଭୀର ନଳକୂପ ଖନନ କରି ଜଳାଶୟରେ ପାଣି ଭର୍ତ୍ତି କଲେ ଲୋକେ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଏହି ସମସ୍ୟାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଗୋରୁ ଗାଡି ଜବତ ; ୨ ଗିରଫ

**ନୀଳଗିରି,୧୭।୫(ସଂଚାର ବ୍ୟୁରୋ):** ପ୍ରଶାନ୍ତ କୁମାର ବିଶ୍ୱାଳ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ନୀଳଗିରି ପୋଲିସ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନକୁ ଜବତ କରି ସେଥିରେ ଚୋରା ଚାଲାଣ ହେଉଥିବା ୨ ଗୋରୁଙ୍କୁ ଉଦ୍ଧାର କରିଛି। ନିଳଗିରି ନିର୍ବାଚନ ମଣ୍ଡଳୀରେ ନିଳଗିରି ଏନ୍.ଏ.ସି ର ୧୦ନମ୍ବର ୱାର୍ଡ କାହାଳିଆ ଗ୍ରାମ ଏବେ ପାଲଟିଛି ଚୋର ଗୋରୁ ବେପାରୀଙ୍କ ପେଣ୍ଠସ୍ଥଳୀ। ପ୍ରତି ଦିନ ୧୦ରୁ ୧୫ ଚୋରା ଗୋରୁ କିଣି କଂସେଇ ଖାନାକୁ ବିକ୍ରି କରିଥାନ୍ତି। ଅନେକ ବାର ପୋଲିସ ଧରି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବାର ନଜର ଆସିଛି। ମାତ୍ର କେସକୁ ଖାତିର ନ କରି ପୁଣି ଚୋର ଗୋରୁ ବେପାର ରେ ଲାଗିପଡିଲେ। ଶେଷରେ ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଏକ ଟାଟା ଏସି ଗାଡ଼ି (ଓଡ଼ି ଜିରୋ ୱାନ ଏ ଏ ୨୭୯୭) ରେ ଦୁଇଟି ବେଆଇନ୍ ଭାବେ ଗୋରୁ ଆଣୁଥିବା ବେଳେ ଘାଟଘରସାହି ନିକଟରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ଗୋରୁ ଗାଡି କୁ ଅଟକାଇଥିଲେ। ସବିଶେଷ ତଥ୍ୟ ଜାଣିବା ପରେ ଏହା ଚୋରା ଗୋରୁ ବୋଲି ଜାଣିବା ପରେ ସଙ୍ଗେ ସଙ୍ଗେ ନିଳଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଗୋରୁ ସହ ଗାଡ଼ି, ଗୋରୁ ବେପାରୀ, ଡ୍ରାଇଭର କୁ ଥାନାକୁ ଆଣିଥିଲେ। ଉଦ୍ଧାର ଗୋରୁ କୁ ପୋଲିସ ରେମୁଣାସ୍ଥିତ ଗୋଶାଳା ରେ ଜିମା ଦେଇଛନ୍ତି। କାହାଳିଆ ଗ୍ରାମର ଯୋଗେନ୍ଦ୍ର ଦାସ ଓ ଡ୍ରାଇଭର ଧୋବସିଳା ଗ୍ରାମର ବିଦ୍ୟାଧର ମଲ୍ଲିକ କୁ ଗିରଫ କରିଛନ୍ତି। ଏନେଇ ନିଳଗିରି ଥାନାରେ ୧୭୩/୨୫ରେ ଏକ ମାମଲା ରୁଜୁ କରାଯାଇଥିବାର ତଦନ୍ତକାରୀ ଅଫିସର ଦିଲ୍ଲୀପ ସେନାପତି ପ୍ରକାଶ କରିଛନ୍ତି।

## ବ୍ୟାସନଗର ଟ୍ରକ ମାଲିକ ସଂଘ ଗଠିତ




**ଯାଜପୁର ରୋଡ଼,୧୭।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରେ ବିଭିନ୍ନ ସ୍ଥାନର ଟ୍ରକ ମାଲିକ ମାନଙ୍କ ହିତ ପାଇଁ ନୂତନ ଭାବେ ଏକ 'ବ୍ୟାସନଗର ଟ୍ରକ ମାଲିକ ସଂଘ' ଗଠନ ହୋଇଯାଇଛି। ବ୍ୟାସନଗର ଅଧିକାଂଶ ମାଲିକ ମାନେ ଏକତ୍ରିତ ହୋଇ ବ୍ୟାସନଗର ଟ୍ରକ ମାଲିକ ସଂଘ ନାମରେ ଏକ ସଂଘ ଗଠନ କରିଛନ୍ତି। ଚୋରଦା ବାଇପାସ ଠାରେ ଏକ ସଂଘ କାର୍ଯ୍ୟାଳୟ ଟ୍ରକ ମାଲିକ ମାନେ ପୂଜା ପାଠ କରି ଉଦଘାଟନ କରିଛନ୍ତି। ଏହି ସଂଘରେ ୧୨୫ ଜଣ ମାଲିକ ସଦସ୍ୟ ରହିଛନ୍ତି। ଏହି ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀ ବ୍ରଜ କିଶୋର ରାଉତ, ସଭାପତି କିଶୋର କୁମାର ରାଉତ, ଉପ - ସଭାପତି ନୀଳମଣି ରାଉତ, ସଂପାଦକ ସୌଭାଗ୍ୟ କୁମାର ବାରିକ, ଯୁଗ୍ମ ସମ୍ପାଦକ ଜୟଜିତ୍ ପରିଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ଶର୍ମା, ନିରଞ୍ଜନ ସାହୁ, ଅରୁଣ କୁମାର ମହାନ୍ତି, ବିନୋଦ କୁମାର ଶର୍ମା, ଶିଶିର କୁମାର ଓଝା, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଆନନ୍ଦ ଚନ୍ଦ୍ର ବଳ, ମାନସ ରଞ୍ଜନ ଆଏଚ, ଉମାକାନ୍ତ ପୁହାଣ, ବିଜୟ କୁମାର ଜେନା, ବସନ୍ତ କୁମାର ପାତ୍ର, ବିଶ୍ୱଜିତ୍ ପରିଡା, ପ୍ରଭାତ ସିଂ, ରାଜ କିଶୋର ମଲିକ, ବିଶ୍ୱଜିତ୍ ପଣ୍ଡା, ପ୍ରମୋଦ ଛୋଟରାୟ ଓ ସୁଜିତ୍ କୁମାର ନାୟକ'ଙ୍କ ସମେତ ବହୁ ସଂଖ୍ୟକ ମାଲିକ ମାନେ ଉପସ୍ଥିତ ରହିଥିଲେ। ଏହି ସଂଘର ମୁଖ୍ୟ ଉଦ୍ଦେଶ୍ୟ ଟ୍ରକ ମାଲିକ ମାନଙ୍କର ହିତ ପାଇଁ ଏବଂ ବିଭିନ୍ନ ସମସ୍ୟା ଲାଘବ କରିବା ସଂଗେ ସଂଗେ ଖଣି ଅଞ୍ଚଳରେ ପରିବହନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ସଂଘ କାର୍ଯ୍ୟ କରିବା ମୂଳ ଲକ୍ଷ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

## ବିସ୍କୁଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

**କଟକ,୧୭।୫ (ସଂଚାର ବ୍ୟୁରୋ):** ବିସ୍କୁଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ। ଜଗତପୁର ଶିଳ୍ପାଞ୍ଚଳ ସ୍ଥିତ ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ । ନିଆଁକୁ ଆୟତ କରିବା ପାଇଁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ୟମ ଜାରି। ଚାଉଳିଆଗଞ୍ଜ ଏବଂ କଟକ ଫାୟାର ଷ୍ଟେସନର ଦୁଇଟି ଟିମ୍ ନିଆଁ ଲିଭା କାମରେ ନିୟୋଜିତ ଅଛନ୍ତି। ଆଜି ସକାଳେ ବିସ୍କୁଟ୍ କାରଖାନା ନିଆଁ ଲାଗିଯାଇଥିଲା । ନିଆଁ ଦେଖି କାରଖାନାର କର୍ମଚାରୀ ଅଗ୍ନିଶମ ବାହିନୀଙ୍କୁ ଜଣାଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି । ଏହି ଅଘଟଣରେ କୌଣସି କର୍ମଚାରୀଙ୍କ କିଛି କ୍ଷୟ କ୍ଷତି ହୋଇନାହିଁ । ହେଲେ ନିଆଁ ଲାଗି କାରାଖାନାରେ ଥିବା ବିସ୍କୁଟ ଗୁଡ଼ିକ ଜଳିଯାଇଛି। ତେବେ କାରାଖାନାରେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ିନାହିଁ।

## ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବିପତ୍ର



**ଦେବଗଡ଼,୧୭।୫ (ସଂଚାର ବ୍ୟୁରୋ):** ସରକାରଙ୍କ ଅବହେଳା ଯୋଗୁ ଦେବଗଡ଼ ଜିଲାର ଅନେକ ଯୋଗ୍ୟ ହିତାଧକାରୀ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ରହିଛନ୍ତି। ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ଟଙ୍କା ପ୍ରଦାନ ପାଇଁ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇଁ ଜିଲାର ୨୭୬୩ ଜଣ ଯୋଗ୍ୟ ହିତାଧିକାରୀ ଆବେଦନ କରିଥିବା ବେଳେ ସେମାନଙ୍କୁ ଭତ୍ତା ମିଳି ପାରୁନାହିଁ। ସେହିପରି ୩୯୫ ଜଣ ହିତାଧିକାରୀଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ସାରିଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ଟଙ୍କା ଦିଆଯାଉ ନ ଥିବା ଜିଲା କଂଗ୍ରେସ ପକ୍ଷରୁ ଉକ୍ତ ଦାବିପତ୍ର ଜରିଆରେ ଅଭିଯୋଗ କରାଯାଇଛି। ସେହିପରି ଅବିଳମ୍ବେ ଦାବି ପୂରଣ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଉକ୍ତ ଦାବିପତ୍ର ଜରିଆରେ ଚେତାବନୀ ଦିଆଯାଇଛି।

## ଆମ୍ବେଦକର ଓ ବିର୍ସା ମୁଣ୍ଡାଙ୍କ ମୂର୍ତ୍ତି ଉନ୍ମୋଚନ



**କଲ୍ୟାଣସିଂହପୁର,୧୭।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ନଗର ଆଜି ଏକ ଐତିହାସିକ ଦିନର ସାକ୍ଷୀ ହେଲା ଯେଉଁଠି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମିଳିତ ମଞ୍ଚ ପକ୍ଷରୁ ଡଃ ଭିମରାଓ ଆମ୍ବେଦକର ଓ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଉତ୍ସବମୟ ଅବସରରେ ପ୍ରାୟ ୫ ହଜାର ରୁ ଅଧିକ ଲୋକ ବିର୍ସାମୁଣ୍ଡା ଛକ ରେ ଏକତ୍ରିତ ହଇଥିଲେ। ସକାଳ ୧୦ ଘଣ୍ଟାରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ ପ୍ରଥମେ ବିର୍ସାମୁଣ୍ଡା ଛକ ତାଙ୍କରେ ଭଗବାନ ବିର୍ସାମୁଣ୍ଡା ପ୍ରତିମୂର୍ତ୍ତିକୁ କନ୍ଧକୂଳ ସମାଜର ସଭାପତି ଧୃମାନ୍ ଯୋଗେନ୍ଦ୍ର ୱାଡାକା ଦ୍ୱାରା ଉନ୍ମୋଚନ କରାଯାଇଥିଲେ। ପରେ ଆମ୍ବେଦକର ଛକରେ ଭାରତର ସଂବିଧାନ ନିର୍ମାତା ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ବହୁଜନ ସମାଜ ପାର୍ଟି ଓଡ଼ିଶାର ବରିଷ୍ଠ ନେତା ଧୃମାନ୍ ସରୋଜ କୁମାର ନାଏକ ଉନ୍ମୋଚନ କରିଥିଲେ। ଏହା ପରେ ସହର ପରିକ୍ରମା କରି ନାଚ, ଗୀତ ଓ ସଂଗୀତ ସହ ଷ୍ଟେଜ ନିକଟକୁ ଯାଇ ଆମ୍ବେଦକର ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କାରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବେ ବହୁଜନ ସମାଜ ପାର୍ଟିର ବରିଷ୍ଠ ନେତା ଓ ଜିଲ୍ଲା ସଭାପତି ଧୃମାନ୍ ଜିତେନ୍ଦ୍ର ଜାକାକା (ଜିତୁ) ଉପସ୍ଥିତ ଥିଲେ। ସେ ତାଙ୍କ ଉଦ୍‌ବୋଧନରେ ଆମ୍ବେଦକର ଓ ବିର୍ସାମୁଣ୍ଡାଙ୍କ ଆଦର୍ଶ ବିଷୟରେ କଥାହେବା ସହ ବୃହତ ଦେଶ ପ୍ରତି ତାଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଧୃମାନ୍ ଜାଗାମ ବେନିଆ, ବିଶ୍ୱନାଥ କାଡ୍ରାକା, ସନ୍ତୋଷ କୌଶଲ୍ୟା, ସୁମନ ଗରଡିଆ, ଦେବେନ୍ଦ୍ର ବଛା, ନିରଞ୍ଜନ ହିଆଲ, ରାମନାଥ କାଡ୍ରାକା, ପୁର୍ଣ ଟାକ୍ରୀ, ଅଭି ପାଲକା, ବିଦ୍ୟାଦର ଦୁରିଆ, ଗଜେନ୍ଦ୍ର ଗରଢିଆ, ଲାଲମଣି ବିବର ଓ ଅନେକ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାନବିକ ମୂଲ୍ୟବୋଧ, ସମତା ଓ ନ୍ୟାୟ ନୀତିର ପ୍ରଚାର ପାଇଁ ଏକ ମିଳିତ ପ୍ରୟାସ ଭାବେ ଦେଖାଯାଇଛି। ଆମ୍ବେଦକର ଯୁବ ମଞ୍ଚ ସମସ୍ତ ନାଗରିକଙ୍କୁ ଏହି ଐତିହାସିକ ଘଟଣାର ଅଂଶୀଦାର ହେବା ପାଇଁ ଧନ୍ୟବାଦ ଜଣାଇଛି।

## ଜମିଜମା ସମସ୍ୟାରୁ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ

- ଗୁରୁତର ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର
- ଉଭୟ ଙ୍କ ପକ୍ଷରୁ ଥାନାରେ ଅଭିଯୋଗ



**କାକଟପୁର/ଅସ୍ତରଙ୍ଗ, ୧୭।୫ (ସଂଚାର ବ୍ୟୁରୋ):** ଜମିଜମା ସମସ୍ୟା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାକଟପୁର ଥାନା ଛୋଟରାୟପୁର ଗ୍ରାମର ଜଣେ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ। ଏ ନେଇ କାକଟପୁର ଥାନାରେ ଉଭୟ ଙ୍କ ପକ୍ଷରୁ ଅଭିଯୋଗ, ଗୁରୁତର ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାଂତର। ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଛୋଟରାୟପୁର ଗ୍ରାମରେ ପୂର୍ବ ଶତ୍ରୁତା ସହ ଜମିଜମା ସମସ୍ୟା ଥିବାରୁ ମହିଳା ଙ୍କୁ ଆକ୍ରମଣ କରାଯାଇଛି। ଛୋଟରାୟପୁର ଗ୍ରାମର ୫୩ବର୍ଷୀୟ ମହିଳା ପ୍ରଭାତୀ ମହାରଣା ଶନିବାର ସକାଳ ୬ଘ ୩୦ମିନିଟ ସମୟରେ ନିଜ ବାଡ଼ିରେ ଜାଳ ହାଣୁଥିଲେ। କିଛି ଦୂରରେ ବାଡ଼ି ପରିସରରେ ପଡ଼ି ରହିଥିବା ଖତ କୁ ଦୁଃଖିଶ୍ୟାମ ମହାରଣା ଓ ତାଙ୍କ ପତ୍ନୀ ଖତ ଖେଳାଉଥିବା ବେଳେ ଏହାକୁ ପ୍ରତିବାଦ କରି କହୁଥିବା ବେଳେ ହଠାତ ଉତକ୍ଷିପ୍ତ ହୋଇ ପତି ପତ୍ନୀ ଦୁହେଁ ଖତ କାମ କରୁଥିବା କୋଦାଳ ରେ ପ୍ରଭାତୀ ମହାରଣା ଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଶରୀର ଅନେକ ସ୍ଥାନକୁ କଟୁରୀ ରେ ଆକ୍ରମଣ କରିଛନ୍ତିଯାହା ଫଳରେ ମହିଳା ଶରୀର ରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ଯାହା ଲିଖିତ ଅଭିଯୋଗ ରେ ଗୁରୁତର ପ୍ରଭାତୀ ମହାରଣା ଦର୍ଶାଇଛନ୍ତି। ଗୁରୁତର ପ୍ରଭାତୀ ଙ୍କୁ ପ୍ରଥମେ ନିକଟସ୍ଥ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ମହିଳା ଙ୍କୁ ପୁରୀ ମେଡିକାଲ ପଠାଯାଇଥିଲା। ଶରୀର ଶକ୍ତ ଆଘାତ ଲାଗିଥିବାରୁ ପୁନର୍ବାର ଗୁରୁତର ମହିଳା ପ୍ରଭାତୀ ମହାରଣା ଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ରେ ଚିକିତ୍ସା କରାଯାଉଛି। ଅନ୍ୟ ପଟେ କାକଟପୁର ଥାନାରେ ବିଦୁଲତା ମହାରଣା ମଧ୍ୟ ଲିଖିତ ଅଭିଯୋଗ ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା କାକଟପୁର ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣା ପଡ଼ିଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

## ଜିଲ୍ଲା କ୍ରୀଡ଼ା ସଂଘର ସଧାରଣ ବୈଠକ ଅନୁଷ୍ଠିତ



**ସୁବର୍ଣ୍ଣପୁର,୧୭।୫(ସଂଚାର ବ୍ୟୁରୋ):** ସୋନପୁର ଗାନ୍ଧୀ ଷ୍ଟାଡିୟମ୍ ଗ୍ୟାଲେରୀ ରେ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ବୈଠକ ଓ ନିର୍ବାଚନ ବୈଠକ ସଫଳଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅନ୍ୟା ଦାସଙ୍କ ପ୍ରତିନିଧି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଓ ପୋଲିସ ଅଧିକ୍ଷକ ନାରାୟଣ ନାୟକଙ୍କ ପ୍ରତିନିଧି ଭାବେ ଉପ ଆରକ୍ଷୀ ଅଧିକ୍ଷକ ଆର କେ ମହାରଣା ଉପସ୍ଥିତ ରହିଥିଲେ। ବୈଠକର ନିର୍ବାଚନ ପ୍ରକ୍ରିୟା ଓ ପରିଚାଳନା ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ କରିଥିଲେ। ନିର୍ବାଚନ ଫଳାଫଳ ଅନୁଯାୟୀ, ଜିଲ୍ଲା କ୍ରୀଡ଼ା ସଂଘର ନୂତନ କାର୍ଯ୍ୟନିର୍ବାହୀ ସମିତିରେ ଚିତ୍ତରଞ୍ଜନ ତରାସିଆ ଉପ ସଭାପତି, ପିୟୁଷ କୁମାର ପଣ୍ଡା ସାଧାରଣ ସମ୍ପାଦକ, ନନ୍ଦ କିଶୋର ତ୍ରିପାଠୀ ସହ ସମ୍ପାଦକ, ରାଜୀବ କୁମାର ସାହୁ ଫୁଟବଲ୍ ସମ୍ପାଦକ, ପୁରୁଷୋତ୍ତମ ପାଣିଗ୍ରାହୀ ଭଲିବଲ୍ ସମ୍ପାଦକ ଓ ସୁଭାଷ ବିଶ୍ୱାଳ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ କଇରୁ ସ୍ୱାଇଁ, ଗୌରୀ ଶ୍ୟାମ ପଣ୍ଡା, ଦିଲ୍ଲୀପ ଗୁରୁ, ଭକୁଲୁ ବକ୍ସି, ଗୋପାଳ ବରାଇ, ଗତିକୃଷ୍ଣ ମିଶ୍ର, ଜିତେନ୍ଦ୍ର କୁମାର ସାହୁ, ଆଦିତ୍ୟ ପ୍ରସାଦ ଦାନୀ, ବି. ସତ୍ୟ ନାରାୟଣ ରାଓ, ସୁଦର୍ଶନ ପଣ୍ଡା, ବଳରାମ ପଟ୍ଟନାୟକ, ଦିଗାମ୍ବର ଶତପଥି, କମଳାକାନ୍ତ ସାହୁ, କଲିମ ମହମ୍ମଦ ଓ ଭକ୍ତି ରଞ୍ଜନ ଦଳାଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏହି ବୈଠକରେ ଏକ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ ଓ କ୍ରୀଡ଼ା ସଂଘର ସମ୍ପୂର୍ଣ୍ଣ ବିକାଶ ପାଇଁ ନୂତନ କାର୍ଯ୍ୟନିର୍ବାହୀ ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଏହାର ଉତ୍ତରରେ ଅତିରିକ୍ତ ଜିଲ୍ଲାପାଳ ତଥା ଉପସ୍ଥିତ ଅଧିକାରୀ ଏହି ଉଦ୍ୟମକୁ ସମର୍ଥନ କରି ଭବିଷ୍ୟତରେ ପ୍ରଶାସନ ଦ୍ୱାରା ଆବଶ୍ୟକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଏହି ବୈଠକରେ ଜିଲ୍ଲା କ୍ରୀଡ଼ା ସଂଘର ପୂର୍ବତନ କାର୍ଯ୍ୟକାଳରେ ନିଆଯାଇଥିବା ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ବୈଠକର ସମାପନି ଅଧିବେଶନ ଉପସଭାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସହ ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବୈଠକର ଶେଷ ଘୋଷଣା କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ

**ସୁବର୍ଣ୍ଣପୁର,୧୭।୫(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ସୁବର୍ଣ୍ଣପୁର ତାଲିମ ଗୃହ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରି ସୁବର୍ଣ୍ଣପୁର ଡ଼ା ପ୍ରଦୀପ କୁମାର ଗୁରୁ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଚ୍ଚ ରକ୍ତଚାପ ରୋଗ ର କାରଣ ଓ ନିରାକରଣ ଉପରେ ଆଲୋଚନା କରି ରକ୍ତ ଚାପ ଜନିତ ମୃତ୍ୟୁହାରକୁ କମ୍ କରିବା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଦୁର୍ଗା ଦତ୍ତ ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମନୋଜ କୁମାର ଅଦାବର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡ଼ି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରୂପକ କୁମାର ମହାପାତ୍ର ଜିଲ୍ଲା ସ୍ୱାସ୍ଥ୍ୟ ମିଶନ, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ର ଅଧୀକ୍ଷକ ସ୍ମିତାଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉକ୍ତ ଦିବସ ର ସ୍ଲୋଗାନ, ସନ୍ତୁଳିତ ଖାଦ୍ୟ, ଉତ୍ତମ ଜୀବନ ଶୈଳୀ, ନିଶା ଯୁକ୍ତ ଖାଦ୍ୟ ରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା ଓ ନିୟମିତ ରକ୍ତଚାପ ପରୀକ୍ଷା କରାଇ ଡାକ୍ତର ଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ. ଉଚ୍ଚ ରକ୍ତଚାପ ଜନିତ ମୃତ୍ତ ହାର କୁ ନିହାତି ହ୍ରାସ କରି ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇ ପାରିବା ଉପରେ ଆଲୋକପାତ କରିଥିଲେ। ଅତିଥି ବୃନ୍ଦ ଡ୍ରଇଂ ଓ କୁଇଜ୍ ପ୍ରତିଯୋଗୀ ୧୦ ଜଣ ଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ସଭାରେ ନର୍ସିଂ ସ୍କୁଲ ର ଛାତ୍ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ଜିଲ୍ଲା ଅଣ ସଂକ୍ରାମକ ରୋଗ ସଞ୍ଜୋଜକ ଗୀତାଞ୍ଜଳି ମେହେର, ସେହେଲି ହଲଦା। ର୍ ର୍‌ଏପିଡେମିଓଲୋଜିଷ୍ଟ, ଅନୁପ ରଞ୍ଜନ ଦାସ, ଦେବାଶିଷ ବାରିକ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।



# ନାରୀ

# ଷଷ୍ଠୀ ସୁକଣ୍ଠୀ

**ସମସ୍ତେ ସରସ୍ୱତୀଙ୍କ କୃପାଧନ୍ୟା। ମଧୁର କଣ୍ଠସ୍ୱରରେ ମନ ଜିଣିପାରିଛନ୍ତି ଅଗଣିତ ଜନତାଙ୍କର। ଭାରତର ବିବିଧ ଭାଷାରେ ରହିଛନ୍ତି ସେମାନଙ୍କ ଅନେକ ଗୁଣଗ୍ରାହୀ ଶ୍ରୋତା। ଓଡ଼ିଶାର ଛଅ ଜଣ ସୁକଣ୍ଠୀ ଗାୟିକାଙ୍କୁ ନେଇ ଆମର ଏକ ସଂକ୍ଷିପ୍ତ ପ୍ରତିବେଦନ....**

## ଭୁବନେଶ୍ୱରୀ ମିଶ୍ର



*ଏମିତି ରାତି..., ଟିକି ମୋର ନାଆଟି..., ଝୁମିଝୁମି ଯାଉଛି..., ଶନିବାର ଦିନ ମୋ ଭାଉଜଙ୍କ ମନ...* ଗୀତ ଗାଇ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ ଗାୟିକା ଭୁବନେଶ୍ୱରୀ ମିଶ୍ର। ସେ ଆକାଶବାଣୀ ତଥା ଓଡ଼ିଆ ଫିଲ୍ମ ଜଗତରେ ମଧ୍ୟ ବେଶ୍ ଜଣାଶୁଣା ଥିଲେ। ଭଜନଠାରୁ ଆଧୁନିକ ଗୀତ ପର୍ଯ୍ୟନ୍ତ ସବୁଠି ତାଙ୍କର ଛାପ ରହିଥିଲା। ଭୁବନେଶ୍ୱରୀ ୧୯୫୦ ମସିହା ଜାନୁଆରି ୨୫ ତାରିଖରେ ପୁରୀ ସହରରେ ଜନ୍ମଗ୍ରହଣ କରିଥିଲେ ଏବଂ ଜଣାଶୁଣା ଡାକ୍ତର ତଥା ପୁରୀର ଲୋକପ୍ରିୟ କବି ଜଗମୋହନ ମିଶ୍ରଙ୍କୁ ବିବାହ କରିଥିଲେ। ତାଙ୍କ ଝିଅ କସ୍ତୁରୀକା ମିଶ୍ର ମଧ୍ୟ ଜଣେ ଜଣାଶୁଣା ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଭାବେ ବେଶ୍ ପରିଚିତ।

ତେବେ ପିଲାଟି ଦିନରୁ ଭୁବନେଶ୍ୱରୀ ମିଶ୍ର ଥିଲେ ନୃତ୍ୟ ଓ ସଙ୍ଗୀତ ଅନୁରାଗୀ। ପାଞ୍ଚ ବର୍ଷ ବୟସରୁ ସେ ସଙ୍ଗୀତ ଶିକ୍ଷା ନେଇଥିଲେ। ଏଥିପାଇଁ ତାଙ୍କୁ ପାରିବାରିକ ପ୍ରୋତ୍ସାହନ ମିଳିଥିଲା। ସଙ୍ଗୀତ ସହ ସମାନ୍ତରାଳ ଭାବେ ସ୍କୁଲ ଓ କଲେଜ ଶିକ୍ଷା ମଧ୍ୟ ଶେଷ କରିଥିଲେ ସେ। ଆଦିଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଠାରୁ ସଂଗୀତ ଶିକ୍ଷା ପାଇଥିଲେ ଭୁବନେଶ୍ୱରୀ। ୧୯୬୭ ମସିହାରେ ଆକାଶବାଣୀ କଟକ କେନ୍ଦ୍ରରେ ସେ ଜଣେ 'ଏ' ଗ୍ରେଡ୍ କଣ୍ଠଶିଳ୍ପୀ ଭାବେ ଯୋଗ ଦେଇଥିଲେ। ଆକାଶବାଣୀର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଜଫୁଲ'ରେ ଏକାଧିକ ମନଛୁଆଁ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ।

୧୯୭୬ରେ 'କୃଷ୍ଣ ସୁଦାମା' ଫିଲ୍ମରେ ସେ ପ୍ରଥମେ କଣ୍ଠଦାନ କରିଥିଲେ। ସେ ଗାଇଥିବା 'ଇଟିକିଲି ମିଟିକିଲି', 'ଜହ୍ନର ସିନ୍ଦୂର ଗାର', 'ଜଗତର ନାଥ ଆହେ ଜଗନ୍ନାଥ' ଆଦି ଗୀତ ଏବେବି ଅନେକ ଶ୍ରୋତାଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି। ୧୯୭୯ ଓ ୧୯୮୦ରେ ସେ କ୍ରମାଗତ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଦିଲ୍ଲୀରେ ୨୦୧୬ ମସିହା ଫେବୃଆରୀ ୧୯ ତାରିଖରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା।

## ସୁନନ୍ଦା ପଟ୍ଟନାୟକ



ପିଲାଦିନେ ତାଙ୍କୁ କେହିଜଣେ କହିଥିଲା ଯେ, ''ତୁ ଗୀତ ଗାଇବୁ? ଚାକିରି ହେବୁ ନା କ'ଣ?'' କାରଣ ସେତେବେଳେ ସମାଜରେ ଝିଅପିଲାମାନେ ଗୀତ ଗାଇବାକୁ ଭଲ ଦୃଷ୍ଟିରେ ଦେଖାଯାଉନଥିଲା। ତେବେ ସୁନନ୍ଦା ଉତ୍ତର ଦେଇଥିଲେ, 'ଗୀତ ଗାଇବା ପାଇଁ ଯଦି ବାଇଚ ଘରେ ବାସନ ମାଜିବାକୁ ପଡ଼େ, ସେଥିପାଇଁ ମଧ୍ୟ ମୁଁ ପ୍ରସ୍ତୁତ।' ପିଲାଦିନୁ ସେ କେବଳ ଶୁଣି ଶୁଣି ଗୀତ ଗାଉଥିଲେ। ୧୯୪୮ ମସିହାରେ ସେତେବେଳେ ଆକାଶବାଣୀ କଟକ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା, ସେତେବେଳେ ମାତ୍ର ୧୪ ବର୍ଷ ବୟସରେ ଅଡ଼ିସନ୍ ଦେଇ ସେ କୃତକାର୍ଯ୍ୟ ହୋଇଥିଲେ। ଆକାଶବାଣୀରେ ସଙ୍ଗୀତ ପରିବେଷଣ କରିବା ପାଇଁ ପିତା ବୈକୁଣ୍ଠନାଥ ତାଙ୍କୁ ତୁଳସୀ ଦାସ, ସୁରଦାସ ଓ ମୀରା ବାଈ ଆଦିଙ୍କର ପୁସ୍ତକ କିଣି ଆଣି ଦେଇଥିଲେ। ସେ ସବୁକୁ ସୁନନ୍ଦା ନିଜେ ସ୍ୱର ଦେଇ ଆକାଶବାଣୀରେ ପରିବେଷଣ କରୁଥିଲେ। ପାରିଶ୍ରମିକ ମିଳୁଥିଲା ୧୭ଟଙ୍କା। ନିଜ ପିତାଙ୍କର ରଚନା 'ଜୀବନ ପାତ୍ର ମୋ ଭରିଛ କେତେ ମତେ'କୁ ସେ ନିଜେ ସ୍ୱରଦେଇ ଗାଇଥିଲେ। କାଳଜୟୀ କବି ସ୍ୱର୍ଗତ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଝିଅ ସୁନନ୍ଦା ୧୯୩୪ ମସିହା ନଭେମ୍ବର ୭ରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଆସଫ୍ ଅଲ୍ଲୀ ଆକାଶବାଣୀରେ ତାଙ୍କ ସୁଲଳିତ କଣ୍ଠସ୍ୱର ଶୁଣିବା ପରେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ରାଜ୍ୟପାଳ ଭବନରେ ହେଉଥିବା ଅନେକ କାର୍ଯ୍ୟକ୍ରମରେ ସୁନନ୍ଦାଙ୍କୁ ସଙ୍ଗୀତ ପରିବେଷଣ ପାଇଁ ସୁଯୋଗ ଦେଇଥିଲେ। ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପୁରୀ ଆସିଥିବା ବେଳେ ସୁନନ୍ଦାଙ୍କ କଣ୍ଠସ୍ୱରରେ ଯାଦୁରେ ଏତେ ପ୍ରଭାବିତ ହୋଇଥିଲେ ଯେ, ସେ ତାଙ୍କ ପାଇଁ ଛାତ୍ରବୃତ୍ତି ସହ ପୁନେଠାରେ ପଣ୍ଡିତ ବିନାୟକ ରାଓ ପଟ୍ଟବର୍ଦ୍ଧନଙ୍କ ଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ବ୍ୟବସ୍ଥା କରାଇଥିଲେ। ୧୯୫୬ରେ ପୁନେ ସଂଗୀତ ବିଦ୍ୟାଳୟରୁ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ୧୯୫୭ ସେପ୍ଟେମ୍ବରରେ ସୁନନ୍ଦା କଲିକତାରେ ସର୍ବଭାରତୀୟ ସଦରଙ୍ଗ ସଂଗୀତ ସମ୍ମେଳନରେ ସଂଗୀତ ପରିବେଷଣ କରି ୧୩ଟି ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ପାଇଥିଲେ। 'ଚାନ୍ଦନାଚନ୍ଦ', 'ସୁବର୍ଣ୍ଣମୁଖୀ' ଭଳି ସେ ନଅଟି ନୂତନ ରାଗ ସୃଷ୍ଟି କରିଛନ୍ତି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ତଥା ଓଡ଼ିଶୀ ସଙ୍ଗୀତକୁ ଅତୁଳନୀୟ ଅବଦାନ ପାଇଁ ସୁନନ୍ଦା ପଟ୍ଟନାୟକ ୧୯୭୦ ଓ ୧୯୭୧ରେ ଜାତୀୟ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୯୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ୨୦୧୦ରେ ତାଙ୍କ ଜୀବନୀ ଉପରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ର 'ଗାନମାଧବ' ୫୮ତମ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାରର ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ବର୍ଗରେ ଜାତୀୟସ୍ତରରେ ପୁରସ୍କୃତ ହୋଇଥିଲା।

## ନିର୍ମଳା ମିଶ୍ର



ଓଡ଼ିଆ ସିନେମାରେ ଲତା ମଙ୍ଗେସକରଙ୍କ ଭାବରେ ପରିଚିତା ନିର୍ମଳା ମିଶ୍ର ୧୯୬୦ରୁ ୭୦ ଦଶକର ଅନେକ ଲୋକପ୍ରିୟ ଗୀତରେ କଣ୍ଠଦାନ କରିଥିଲେ। ଓଡ଼ିଆ ସହ ବଙ୍ଗଳା ଚଳଚ୍ଚିତ୍ରର ଅନେକ ସୁମଧୁର ଗୀତ ଗାଇଥିଲେ ସେ। ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ ନିର୍ମଳା ମିଶ୍ରଙ୍କୁ ପ୍ରଥମେ ୧୯୬୦ ମସିହାରେ ଶ୍ରୀ ଲୋକନାଥ ଚଳଚ୍ଚିତ୍ରରେ କଣ୍ଠଦାନ କରିବାକୁ ସୁଯୋଗ ଦେଇଥିଲେ। ପରେ ସେ 'ଅମଡ଼ାବାଟ', 'ସ୍ତ୍ରୀ', 'କା', 'ମଲାଜହ୍ନ', 'ଅଭିନେତ୍ରୀ', 'ଅନୁତାପ', 'କିଏ କାହାର' ଓ 'ଅଦିନ ମେଘ' ଆଦି ଚଳଚ୍ଚିତ୍ରରେ କଣ୍ଠଦାନ କରି ଓଡ଼ିଆ ଦର୍ଶକଙ୍କୁ ବିଭୋର କରିଥିଲେ। 'ନିଦଭରା ରାତି ମହୁଝରା ଜହ୍ନ..., ମୋ ମନ ବୀଣାର ତାରେ..., ଜୀବନ ଯମୁନାରେ ଜୁଆର ଉଠେରେ..., ମାୟା ଘେରା ମଧୁବନେ..., ଯା' ଯାରେ ଯା ମନପବନ ନଉକା..., ମାୟାବିନୀ ଏଇ ରାତି..., ଛାଡ଼ ଛାଡ଼ ମୋର ଆଞ୍ଚଳ..., ହେମହରିଣୀ ମାଆରାଣି..., ପରଦେଶୀ ବନ୍ଧୁ ତୁମେ ଯିବ ଉଡ଼ି ଉଡ଼ିକି..., ମୁଁ ତୁମକୁ ଭଲ ପାଏ ଲୁଚିଲୁଚିକା..., ଜୋଛନା ଲୁଚନା..., ସଞ୍ଜ ସକାଳେ ତୁମ ଛବି..., ପ୍ରଭୁପଦ ତଳେ ପ୍ରଣତି ଢାଳେ..., ସପନ ବିଳାସୀ... ଓ ଏଇ ଚିକିମିକି ହସେ... ଆଦି ଚିରସବୁଜ ଗୀତ ଗାଇ ଓଡ଼ିଆ ସଙ୍ଗୀତ ଭଣ୍ଡାରକୁ ଋଦ୍ଧିସମ୍ପନ୍ନ କରି ଯାଇଛନ୍ତି। ସେ ପ୍ରାୟ ୨୦ଟି ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଥିଲେ। ପଶ୍ଚିମବଙ୍ଗର ମଜିଲପୁରଠାରେ ଜନ୍ମଗ୍ରହଣ କରିଥିଲେ ନିର୍ମଳା। ପରବର୍ତ୍ତୀ ସମୟରେ ପିତାଙ୍କ ଚାକିରି ନିମନ୍ତେ ତାଙ୍କ ପରିବାର କଲିକତାର ଚେତଲା ଅଞ୍ଚଳରେ ବସବାସ କରିଥିଲେ। ପିଲାବେଳୁ ପରିବାରରେ ଏକ ସଙ୍ଗୀତମୟ ବାତାବରଣ ଥିଲା। ପିତା ପଣ୍ଡିତ ମୋହିନୀମୋହନ ମିଶ୍ର ଓ ବଡ଼ଭାଇ ମୁରାରୀମୋହନ ମିଶ୍ର ଉଭୟ ପ୍ରଖ୍ୟାତ ଗାୟକ ଥିଲେ। ନିର୍ମଳାଙ୍କ ପରିବାରର ପ୍ରକୃତ ସାଙ୍ଗିଆ ବନ୍ଦୋପାଧ୍ୟାୟ ଥିଲା। ପରେ ତାଙ୍କ ପରିବାରକୁ 'ମିଶ୍ର' ଉପାଧି ପ୍ରଦାନ କରାଯାଇଥିଲା। ସଙ୍ଗୀତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୧୨ ମସିହାରେ ତାଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୨୦୨୨ ମସିହା ଜୁଲାଇ ମାସ ୩୧ ତାରିଖରେ ୮୪ ବର୍ଷ ବୟସରେ ହୃଦ୍‌ଘାତ ଯୋଗୁଁ କଲିକତାର ସଲ୍ଟଲେକସ୍ଥିତ ବାସଭବନରେ ନିର୍ମଳା ମିଶ୍ରଙ୍କର ପରଲୋକ ଘଟିଥିଲା।

## ବିନୋଦିନୀ ଦେବୀ



ଓଡ଼ିଆ ଘରର ଚାଲିଚଳଣି, ପିଠାପଣା, ସଂସ୍କୃତି, ପରମ୍ପରାକୁ ନେଇ ଲେଖନୀ ଚାଳନା କରୁଥିବା ବିନୋଦିନୀ ଦେବୀ ଏଇ କିଛି ମାସ ପୂର୍ବରୁ ଇହଲୀଳା ସମ୍ବରଣ କରିଛନ୍ତି। ବିନୋଦିନୀ ଦେବୀ ଓଡ଼ିଶାର ପ୍ରଥମ ମହିଳା ଗୀତିକାର ହେବାର ମାନ୍ୟତା ପାଇଥିଲେ। ଅକ୍ଷୟ ମହାନ୍ତିଙ୍କ ପ୍ରସ୍ତାବରେ ବିନୋଦିନୀ ପ୍ରଥମେ ସଂଗୀତ ଜଗତରେ ପାଦ ଥାପିଥିଲେ। ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ମଧ୍ୟ ଥିଲେ ସେ। କଟକର ତିଗିରିଆ ଠାରେ ୧୯୩୭ରେ ଜନ୍ମଗ୍ରହଣ କରିଥିବା ବିନୋଦିନୀ ଗୀତିକାର ସହ ଜଣେ ଶିଶୁ ସାହିତ୍ୟିକା ଭାବେ ମଧ ବେଶ୍ ଜଣାଶୁଣା ଥିଲେ। 'ଖୋକାଟିଏ ଖୋକିଟିଏ', 'ଟିକିଟିକି ନାଲି କାଇଁଚ' ପରି ଶିଶୁ ସାହିତ୍ୟ ସହ 'ଅମୃତ', 'ଏଇ କଳା ମୋର କଳଙ୍କ' ପରି ଭକ୍ତି ଓ ଆଧୁନିକ ସଂଗୀତ ସଂକଳନ ମଧ ସୃଷ୍ଟି କରିଥିଲେ। ବିବାହ ବେଳକୁ ସେ ମାଟ୍ରିକ୍ ପାସ୍ କରିନଥିଲେ। କିନ୍ତୁ ପାଠପଢ଼ା ପ୍ରତି ବିନୋଦିନୀଙ୍କର ଅହେତୁକ ଆଗ୍ରହ ଥିଲା। ତାଙ୍କ ବଡ଼ପୁଅ ମାଟ୍ରିକ ପାସ୍ କରିବା ପରେ ବିନୋଦିନୀ ୩୯ବର୍ଷ ବୟସରେ ମାଟ୍ରିକ ପରୀକ୍ଷା ଦେଇ ପାସ କରିଥିଲେ। ଓଡ଼ିଆ ସିନେମାର ପ୍ରଥମ ନାରୀ ଗୀତିକାର ଭାବରେ ୧୯୬୫ ମସିହାର ମଲାଜହ୍ନ ଚଳଚ୍ଚିତ୍ର ପାଇଁ ସେ ଗୀତ ଲେଖିଥିଲେ। ବେଶ୍ ଲମ୍ବା ସମୟ ଧରି ଓଡ଼ିଆ ସିନେମା ଜଗତକୁ ନିଜର ସଂଗୀତର ଲାଳିତ୍ୟରେ ପରିପୁଷ୍ଟ କରିଥିଲେ ସେ। କାଳିଆ ଆସିଲା ଭାଇ କାଳିଆ ଆସିଲା, ନଟ ହେ ମଞ୍ଜି ପୋତିଲ ତମେ, ସେ ତ ଭକତ ଭାବରେ ବନ୍ଧା ପରି ସାବଲୀଳ ସଂଗୀତ ସୃଷ୍ଟି କରିବାରେ ବିନୋଦିନୀ ଦେବୀ ସିଦ୍ଧହସ୍ତା ଥିଲେ। ପୁଣି 'ନିରିମାଖି କୁଆଁରୀ ମୁଁ', 'ଭିଣେଇ ବାବୁ ଭିଣେଇ ବାବୁ', 'ରକତ ଟଳମଳ ଖଇର ପାଞ୍ଚପଳ', 'ମୋ ନାଁଟି ମୋ ନାଁଟି', 'ତୁଚ୍ଛାକୁ ମହୁ' ତଅପୋଇ ଓ ମଲାଜହ୍ନ ଚଳଚ୍ଚିତ୍ରର ଏ ଗୀତଗୁଡ଼ିକ ଆଜି ବି ଅନେକଙ୍କର ପ୍ରିୟ।

## ଶ୍ୟାମାମଣୀ ଦେବୀ



ଓଡ଼ିଶୀ ସଂଗୀତ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ ଓଡ଼ିଶାର ଘରେ ଘରେ ପରିଚିତ। ଶାନ୍ତ, ସାବଲୀଳ ସଂଗୀତ ସାଧନା ତାଙ୍କ କଣ୍ଠସ୍ୱରରେ ବାରି ହୋଇପଡ଼େ। ଏହା ସାଙ୍ଗକୁ ତାଙ୍କ ନିରଳସ ବ୍ୟକ୍ତିତ୍ୱ ଏବଂ ଓଡ଼ିଶୀ ସଂଗୀତ ପ୍ରତି ସମର୍ପଣ ଭାବ ତାଙ୍କୁ ଅନନ୍ୟ ଭାବେ ପ୍ରତିପାଦିତ କରିଛି। ଗୁରୁ ସିଂହାରୀ ଶ୍ୟାମସୁନ୍ଦର କର ଓ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଠାରୁ ଓଡ଼ିଶୀ ସଂଗୀତ ଶିକ୍ଷା କରିଥିଲେ। ଓଡ଼ିଆ ଶାସ୍ତ୍ରୀୟ ସଂଗୀତ, ଲୋକସଂଗୀତ ତଥା ଲଘୁ ସଂଗୀତ ଗାୟନ ସହ ବିଭିନ୍ନ ଚଳଚ୍ଚିତ୍ର ଓ ଆଧୁନିକ ସଂଗୀତରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି। ସେ ଓଡ଼ିଶୀ, ଛାନ୍ଦ, ଚମ୍ପୁ ମାଧ୍ୟମରେ ମଧ୍ୟଯୁଗୀୟ କବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବନମାଳୀ ଦାସ, ଗୋପାଳକୃଷ୍ଣ ଆଦି କବିଙ୍କ ଗୀତକୁ ତାଙ୍କ ସୁନ୍ଦର ନିରଳସ ଗାୟନ ଶୈଳୀରେ ପରିପ୍ରକାଶ କରିଛନ୍ତି। ଓଡ଼ିଶୀ ସଂଗୀତରେ ସାଧନା ଓ ଅବଦାନ ପାଇଁ ତାଙ୍କୁ ୨୦୨୨ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ୧୯୫୦ ମସିହାରେ ଜନ୍ମିତ ଏହି ମହାନ ସାଧିକା ପିଲାଟି ବେଳୁ ସଂଗୀତ ପ୍ରତି ଆଗ୍ରହୀ ଥିଲେ। ହେଲେ ଝିଅ ହୋଇ ସଂଗୀତରେ ରୁଚି ରଖିଥିବାରୁ ଅନେକ ସମୟରେ ସେ ସମାଜିକ ବିରୋଧର ସାମ୍ନା କରିଥିଲେ। ହେଲେ ପରିବାରର ସହଯୋଗରେ ସେ ସଂଗୀତକୁ ଆପଣାଇଲେ। ପ୍ରଥମେ ସେ ଅଲ୍ ଇଣ୍ଡିଆ ରେଡିଓ, କଟକରୁ ତାଙ୍କ ସଂଗୀତ ଜୀବନ ଆରମ୍ଭ କଲେ। ଶ୍ୟାମାମଣୀ ଦେବୀ ଅନେକ ସମ୍ମାନର ଅଧିକାରିଣୀ। ୧୯୯୪ରେ ସଂଗୀତ ନାଟକ ଏକାଡେମୀ ପୁରସ୍କାର, ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟରୁ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କାର, ଗୁରୁ କେଳୁଚରଣ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଆଦିରେ ସମ୍ମାନିତା ହୋଇଛନ୍ତି ଶ୍ୟାମାମଣୀ ଦେବୀ। ଶ୍ୟାମକୁ ଜୁହାର..., ଚାଲ ସଖି ଆମେ ଦର୍ଶନ କରିବା..., ଗୁହାରିଲି ହେଉ..., ମାନ ଉଦ୍ଧାରଣ..., ଉଠିଲୁ ଏଡ଼େ ବେଗି... ଆଦି ତାଙ୍କ ଲୋକପ୍ରିୟ ସଂଗୀତ।

## ଶାନ୍ତିଲତା ବାରିକ



ଶାନ୍ତିଲତା ବାରିକ ଛୋଟରାୟ ଓଡ଼ିଆ ଭକ୍ତି ସଙ୍ଗୀତ ଜଗତର ଜଣେ ପରିଚିତ କଣ୍ଠଶିଳ୍ପୀ। ନିଜ କଣ୍ଠର ଯାଦୁଗରିରେ ଅପୂର୍ବ ଭକ୍ତି ଭାବନା ଯୋଡ଼ି ସେ ଯେଉଁ ସଙ୍ଗୀତ ପରିବେଷଣ କରନ୍ତି, ତାହା ଶ୍ରୋତାଙ୍କ ଭିତରେ ଭକ୍ତି, ସମର୍ପଣ ଓ ବିଭୁ ଚେତନା ସୃଷ୍ଟି କରେ। ତାଙ୍କ ଭଜନ ଓଡ଼ିଶାର କଳା, ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ସହ ଲୋକଙ୍କୁ ଯୋଡ଼ିବାରେ ସକ୍ଷମ ହୋଇପାରିଛି। ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱରରେ ୧ ଅକ୍ଟୋବର ୧୯୬୦ରେ ଜନ୍ମ ହୋଇଥିଲେ ଶାନ୍ତିଲତା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ସଙ୍ଗୀତରେ ଆଚାର୍ଯ୍ୟ କରିଥିବା ଶାନ୍ତିଲତା ବିଶିଷ୍ଟ ସଙ୍ଗୀତ ଗୁରୁ ବାଳକୃଷ୍ଣ ଦାସ, ମାର୍କଣ୍ଡେୟ ମହାପାତ୍ର, ସିଂହାରୀ ଶ୍ୟାମସୁନ୍ଦର କର, ଗୋପାଳ ପଣ୍ଡା ପ୍ରମୁଖଙ୍କଠାରୁ ସଙ୍ଗୀତ ଶିକ୍ଷା ନେଇଛନ୍ତି। 'ଶିଶୁ ସଂସାର' ସିଧା ପ୍ରସାରଣରୁ ଆକାଶବାଣୀ ସହ ସଂପୃକ୍ତ ଏବଂ ପରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ହୋଇଥିଲେ। ୧୯୭୫ ମସିହାରେ ପ୍ରଥମ ଗ୍ରାମୋଫୋନ୍ ରେକର୍ଡ 'ହେ ଚକାନୟନ' ଓ 'ମଲ୍ଲୀଫୁଲ ଗଜରାମାଳ' ବାଳକୃଷ୍ଣ ଦାଶଙ୍କ ଦ୍ୱାରା ସ୍ୱରବଦ୍ଧ ହୋଇ ଇନ୍‌ରେକୋ କମ୍ପାନି ଦ୍ୱାରା ଗୃହୀତ ଓ ପ୍ରସାରିତ ହୋଇଥିଲା। ସବୁବେଳେ ପାରମ୍ପରିକ ଶୈଳୀରେ ଗାୟନକୁ ଗୁରୁତ୍ୱ ଦେଇଆସିଥିବା ଶାନ୍ତିଲତା ପଲ୍ଲୀ, ସୁଗମ, ଓଡ଼ିଶୀ ସଂଗୀତରେ ପ୍ରବୀଣା ହୋଇଥିଲେ ମଧ 'ଭକ୍ତି ଗୀତ' ଗାୟନରେ ସର୍ବାଧିକ ପ୍ରସିଦ୍ଧି ପାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟନ ମଧ୍ୟରେ 'ବାସନ୍ତୀ ଅପା'ର 'ମା ମଙ୍ଗଳା' ଗୀତ ପୁରପଲ୍ଲୀରେ ବେଶ୍ ଆଦୃତ ହୋଇଥିଲା। ସଂଗୀତ ଅନୁଷ୍ଠାନ 'ସ୍ୱର ତୀର୍ଥ'ର ପ୍ରତିଷ୍ଠାତ୍ରୀ ହେଉଛନ୍ତି ଶାନ୍ତିଲତା। 'ହେ ଚକାନୟନ', 'ଭଜିଭଜି ତୋ ନାମ', 'ବାଲିରେଣୁ ମହାବନ୍ଧ ସୁଜନେ ହୋ', 'ଦେଖ ଉଡୁଛି ବାନା', ଆଦି ତାଙ୍କର କେତୋଟି ଲୋକପ୍ରିୟ ଭଜନ।

# ଗୁଜବ ସହ ରବୀନାଙ୍କ ଲଢ଼େଇ



ସାମାଜିକ ଗଣମାଧ୍ୟମ ଆସିବା ପରେ ଗୁଜବ ଓ ମିଛ ଖବର ପ୍ରସାରଣ ବଢ଼ିଯାଇଛି। ମହିଳାମାନେ ହିଁ ଏହାର ସବୁଠାରୁ ଅଧିକ ଶିକାର ହୁଅନ୍ତି। ଇଣ୍ଟର୍‌ନେଟ୍ ଯୁଗ ଆସିବା ପୂର୍ବରୁ ମଧ୍ୟ ଗୁଜବର ମାତ୍ରା କିଛି କମ୍ ନ ଥିଲା। ସେତେବେଳେ ଅଧିକାଂଶ ମିଛ ଖବରର ଶରବ୍ୟ ହେଉଥିଲେ ସେଲିବ୍ରିଟିମାନେ। ବଲିଉଡ୍ ଅଭିନେତ୍ରୀ ରବୀନା ଟଣ୍ଡନ ସେଭଳି ଏକ ଭୟଙ୍କର ଗୁଜବର ସମ୍ମୁଖୀନ ହୋଇଥିଲେ। ନିକଟରେ ଏକ ସାକ୍ଷାତ୍କାରରେ ସେ ଏ ବିଷୟରେ ମୁହଁ ଖୋଲିଛନ୍ତି। ୧୯୯୮ରେ 'ବଡ଼େ ମିଆଁ ଛୋଟେ ମିଆଁ' ସିନେମା ସୁଟିଂ ବେଳେ ରବୀନା ଖୁବ୍ ଅସୁସ୍ଥ ହୋଇପଡ଼ିଥିଲେ। ଜ୍ୱର, ମୁଣ୍ଡ ବ୍ୟଥା ଲାଗି ରହିବାରୁ ସେ ଡାକ୍ତରଖାନା ଗଲେ। ସେଠାରେ ଜଣାପଡ଼ିଲା ଯେ ସେ ମେନିଞ୍ଜାଇଟିସ୍‌ରେ ପୀଡ଼ିତ। ସେହି ମାସରେ 'ଫିଲ୍ମଫେଆର୍' ଓ 'ଷ୍ଟାରଡଷ୍ଟ' ପତ୍ରିକାରେ ତାଙ୍କ ଅସୁସ୍ଥତାର ଖବର ପ୍ରକାଶ ପାଇଲା। 'ଫିଲ୍ମଫେଆର୍'ରେ ସେ ଅସୁସ୍ଥ ହେବା ଠାରୁ ଡାକ୍ତରଖାନାରେ ଭର୍ତ୍ତି ହେବା ପର୍ଯ୍ୟନ୍ତ ସବିଶେଷ ବିବରଣୀ ପ୍ରକାଶ ପାଇଥିଲା। ଅପରପକ୍ଷେ 'ଷ୍ଟାରଡଷ୍ଟ' ପତ୍ରିକାରେ ପ୍ରକାଶ ପାଇଲା ଯେ ସୁଟିଂ ସେଟ୍‌ରେ ରବୀନା 'ଟିକ୍ ୨୦' ନାମକ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପ୍ରାୟ ୨୦ ଦିନ ଡାକ୍ତରଖାନାରେ ରହିବା ପରେ ରବୀନା ସୁସ୍ଥ ହୋଇ ସୁଟିଂକୁ ଫେରିଥିଲେ। ଅନେକ ସହକର୍ମୀ ତାଙ୍କ ଆତ୍ମହତ୍ୟା ଉଦ୍ୟମ ଗୁଜବକୁ ସତ ଭାବି ତାଙ୍କ ମାନସିକ ସ୍ଥିତି ନେଇ ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇଥିଲେ। ଗୋଟିଏ ମିଛ ଖବର ଯୋଗୁଁ ସମଗ୍ର ସିନେଜଗତ୍‌ରେ ତାଙ୍କର ଭାବମୂର୍ତ୍ତି କଳଙ୍କିତ ହୋଇଯାଇଥିଲା। ରବୀନା ବାସ୍ତବରେ ଏକ ମଶାବାହିତ ରୋଗରେ ପୀଡ଼ିତ ଥିଲେ ବୋଲି ସମସ୍ତଙ୍କୁ ବୁଝାଇବାକୁ ଅନେକ ସମୟ ଲାଗିଯାଇଥିଲା।

# ଭିନ୍ନ ଏକ ପ୍ରେମ କାହାଣୀ



ବ୍ରାହ୍ମ ସମାଜର ଜଣେ ଆଗଧାଡ଼ିର ନେତା କେଶବ ଚନ୍ଦ୍ର ସେନ୍‌ଙ୍କ ଝିଅ ସୁଚାରୁ ଦେବୀ (ଜନ୍ମ ୯ ଅକ୍ଟୋବର, ୧୮୭୪) ମହାରାଣୀ ଭିକ୍ଟୋରିଆ ବାଳିକା ବିଦ୍ୟାଳୟରେ ପଢୁଥିଲା ବେଳେ ଦାର୍ଜିଲିଂରେ ଭେଟ ହୁଏ ମୟୂରଭଞ୍ଜର ରାଜକୁମାର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଜନ୍ମ ୧୭ ଡିସେମ୍ବର, ୧୮୭୦)ଙ୍କ ସହ। ସେହି ପ୍ରଥମ ସାକ୍ଷାତରେ ୧୫ ବର୍ଷ ବୟସ୍କା ସୁଚାରୁ ଦେବୀ ପ୍ରେମରେ ପଡ଼ିଯାଆନ୍ତି ଏବଂ ସଂଯୋଗକୁ ରାଜକୁମାରଙ୍କ ଶିକ୍ଷକ କିଡେଲ୍ ସାହେବଙ୍କ ସୌଜନ୍ୟରୁ ବିବାହ ପ୍ରସ୍ତାବ ମଧ ପଡ଼େ। ତେବେ ରାଜପରିବାର ତରଫରୁ ଏହି ପ୍ରସ୍ତାବକୁ ସିଧାସଳଖ ନାକଚ ନକରି ରାମଚନ୍ଦ୍ର ଭଞ୍ଜଦେଓ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଯାଉଥିବାରୁ ବିବାହକୁ ଶିକ୍ଷାଲାଭ ଶେଷ ପର୍ଯ୍ୟନ୍ତ ଝୁଲାଇ ରଖନ୍ତି। ଅତଏବ ଏ ଭିତରେ ସୁଚାରୁ ଦେବୀଙ୍କର ଅନ୍ୟ ତିନି ଭଉଣୀଙ୍କର ବିବାହ ହୋଇଗଲା। କିନ୍ତୁ ସୁଚାରୁ ଦେବୀ ଅନ୍ୟତ୍ର ବିବାହ ପାଇଁ ଆଦୌ ସମ୍ମତ ହେଲେନାହିଁ, ଅପେକ୍ଷା କରି ରହିଲେ ରାଜକୁମାରଙ୍କର ଫେରିବା ସମୟକୁ। ହଠାତ୍ ଦିନେ ଖବର ଆସିଲା ଯେ ରାଜକୁମାର ଉଚ୍ଚଶିକ୍ଷା ସମାପ୍ତ କରି ମୟୁରଭଞ୍ଜକୁ ଫେରି ଆସିଛନ୍ତି। ଏହାପରେ କେବଳ ଶୁଭ ମୁହୂର୍ତ୍ତର ଅପେକ୍ଷା, ରାଜକୁମାର ଯେଉଁଦିନ ତାଙ୍କୁ ବିବାହ କରି ସାଥିରେ ନେଇଯିବେ। ସୁଚାରୁଙ୍କ କୁମାରୀ ମନ ମଧ ଅଥୟ ଥିଲା ରାଜକୁମାରଙ୍କ ସ୍ୱପ୍ନରେ। ହେଲେ ସୁଚାରୁଙ୍କର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଗଲା ଯେତେବେଳେ ଖବର ଆସି ପହଞ୍ଚିଲା ଯେ, ରାଜକୁମାର ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ବିବାହ ରାଜପରିବାର ଦ୍ୱାରା ନିର୍ବାଚିତ ପାତ୍ରୀଙ୍କ ସହିତ ଅନ୍ୟତ୍ର ସମ୍ପନ୍ନ ହୋଇଯାଇଛି।

ସେଦିନ ସୁଚାରୁ ଖୁବ୍ ଭାଙ୍ଗିଗଲେ। ଈପ୍ସିତ ପୁରୁଷଙ୍କୁ ଯେ ସେ ଆଉ ପାଇ ପାରିବେ ନାହିଁ, ସେହି ଆଘାତ ହିଁ ପ୍ରତି ମୁହୂର୍ତ୍ତରେ ତାଙ୍କୁ ଯନ୍ତ୍ରଣା ଦେଇଚାଲିଥିଲା। ନୈରାଶ୍ୟ ଭିତରେ କ୍ରମଶଃ ସୁଚାରୁଙ୍କୁ ନିଜ ଜୀବନ ଅସହ୍ୟ ବୋଧ ହେଲା। କିନ୍ତୁ ନିରବରେ ସବୁକିଛି ସହିଯାଇ ବଞ୍ଚିବାକୁ ଚେଷ୍ଟା କରୁଥିଲେ ସୁଚାରୁ ଦେବୀ। ଆଜୀବନ ଦୁଃଖ, ନିର୍ଜନତାର ଘନାନ୍ଧକାର ଉହାଡ଼ରେ ସତେ ଯେମିତି ଲୁଚି ରହିଥିଲା ପୂର୍ଣ୍ଣିମାର ଜହ୍ନ। ସାତ ବର୍ଷର ବିବାହିତ ଜୀବନରେ ଶ୍ରୀରାମଚନ୍ଦ୍ରଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ଦେବୀ ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। କିନ୍ତୁ ହଠାତ୍ ବସନ୍ତ ରୋଗରେ ପ୍ରାଣ ହରାଇଥିଲେ। ବିପତ୍ନୀକ ଶ୍ରୀରାମଚନ୍ଦ୍ରଙ୍କର ପୁଣି ମନେ ପଡ଼ିଥିଲା ସୁଚାରୁଙ୍କ କଥା। ହେଲେ ସେ ଜାଣିନଥିଲେ ଯେ ସୁଚାରୁ ଏଯାଏ ଅବିବାହିତା ଥିଲେ ବୋଲି। କିନ୍ତୁ ତାଙ୍କର ବିଶ୍ୱାସ ଥିଲା ସୁଚାରୁ ତାଙ୍କୁ ଭୁଲି ନାହାଁନ୍ତି। ସେହି ବିଶ୍ୱାସକୁ ଆଧାର କରି ଚିଠି ଲେଖିଲେ, କିନ୍ତୁ ଏଥରର ସମ୍ବୋଧନରେ 'ମିସେସ୍ ସେନ୍' ବଦଳରେ ଲେଖିଲେ 'ଡିୟର୍ ଏସ୍'। ସେହି ଚିଠିର ଉତ୍ତରରେ ସୁଚାରୁଙ୍କ ପାଖରୁ ମାଘୋତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଲେ ରାଜା ଶ୍ରୀରାମଚନ୍ଦ୍ର। ପୁଣି ସବୁକିଛି ନୂତନ ଭାବରେ ଆରମ୍ଭ ହେଲା। ରୂପକଥାର ଅଲୌକିକ କାହାଣୀ ପରି, ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଦୁଇଟି ବିରହୀ ପ୍ରାଣର ଶେଷରେ ଶୁଭ ପରିଣୟ ହେଲା।

ଭାଗ୍ୟହୀନା ସୁଚାରୁଙ୍କ ଜୀବନରେ କିନ୍ତୁ ସ୍ୱାମୀ ସୁଖ ଦୀର୍ଘସ୍ଥାୟୀ ହୋଇନଥିଲା। ବିବାହର ଅଷ୍ଟମ ବର୍ଷରେ ଶିକାର କରିବାକୁ ଯାଇଥିବା ବେଳେ ନିଜ ବନ୍ଧୁକର ଗୁଳିରେ (୨୨ ଫେବୃଆରି, ୧୯୧୨) ଆଘାତପ୍ରାପ୍ତ ହୋଇ ମୃତ୍ୟୁବରଣ କରିଥିଲେ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ। ପୁଣି ନିଃସଙ୍ଗତା ଯୋଡ଼ି ହୋଇ ଯାଇଥିଲା ସୁଚାରୁଙ୍କ ଜୀବନରେ। ଶୈଶବରୁ ହିଁ ଦୁଃଖ ଚିରସହଚର ହୋଇ ରହିଥିଲା ତାଙ୍କର। ଶେଷରେ ୧୪ ଡିସେମ୍ବର ୧୯୫୯ରେ ଏହି ଅସାଧାରଣ ପ୍ରେମ କାହାଣୀର ନାୟିକା ସୁଚାରୁ ଦେବୀଙ୍କର ପରଲୋକ ଘଟିଥିଲା।

## ତିର୍ତ୍ତୋଲ ବିଜେଡିରେ ବିସ୍ଫୋରଣ!

# ବିଧାୟକ ବିରୋଧୀ ଏକଜୁଟ



**ତିର୍ତ୍ତୋଲ,୧୭।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେଡି ରେ ଘଣ୍ଟାକେ ଘୋଡା ଛୁଟୁଛି। ଜେବେଠାରୁ ନୂତନ ବିଧାୟକ ଭାବେ ରମାକାନ୍ତ ଭୋଇ ନିର୍ବାଚିତ ହେଲେଣି ସେବେଠାରୁ ତାଙ୍କର ପୂର୍ବତନ ବିଧାୟକ ଟିକେଟ ଦେଇ ନିର୍ବାଚିତ କରାଇଥିବା ଜିଲ୍ଲା ପରିଷଦ, କିଛି ସରପଞ୍ଚ ଓ ସମିତି ସଭ୍ୟ ରମାକାନ୍ତ ଙ୍କ ଉପରେ ଅସନ୍ତୁଷ୍ଟ ହୋଇ ରାତି ଅଧିଆ ସଭାକରୁ ଥିବା ଦେଖିବାକୁ ମିଳିଛି। କାରଣ ବିଧାୟକ ରମାକାନ୍ତ ଦଳୀୟ କର୍ମୀ ଙ୍କୁ ନିର୍ବାଚନ ପରେ ପରେ ଅଣଦେଖା କରୁଥିବା ଦେଖିବାକୁ ମିଳିଥିଲା! କେବଳ ଜିଲ୍ଲା ପରିଷଦ ନୁହେଁ ବ୍ଲକ ସଭାପତି ଓ ବ୍ଲକ ଅଧ୍ୟକ୍ଷ ଙ୍କୁ ମଧ୍ୟ ବିଧାୟକ ଅଣଦେଖା କରିବା ଓ ସଭା ସମିତି ରେ ଡାକୁନଥିବା ଶୁଣିବାକୁ ମିଳିଛି। ଏହାଭିତରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ର ରାଜଶ୍ରୀ ଓ ବିଜୟ ଙ୍କ ଯୁବ, ଛାତ୍ର ବିଜେଡିର ସମର୍ଥକ ରମାକାନ୍ତ ଙ୍କ ପାଖରେ ଦେଖିବାକୁ ମିଳୁ ନଥିବା ବେଳେ, ଆଗକୁ ସମସ୍ତେ ଏକଜୁଟ ହୋଇ ଦଳ ଛାଡିବା ପାଇଁ ନିଷ୍ପତ୍ତି ନେଇଥିବା ଭୀତିରି ଶୁଣିବାକୁ ମିଳୁଛି। ଆଗମୀ ଦିନରେ ବିଧାୟକ ଙ୍କୁ ଏରିଆ ନ ପୁରାଇ ଦେବାକୁ ଯୋଜନା ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ତିର୍ତ୍ତୋଲ ରେ ବିଜେଡି ର ଏଭଳି ଅବସ୍ଥା କୁ ଦୃଷ୍ଟିରେ ରଖି ନିକଟରେ ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସ ଙ୍କୁ କିଛି ବରିଷ୍ଠ ପୂର୍ବତନ ବିଧାୟକ ଶଙ୍ଖ ଭବନ ଡକାଇଥିବା ବେଳେ ପୂର୍ବତନ ବିଧାୟକ ଙ୍କ ଶଙ୍ଖ ଭବନରେ ଅନୁପସ୍ଥିତ ତିର୍ତ୍ତୋଲ ରାଜନୀତି ରେ ରୋଚକ ପରିସ୍ଥିତି ସୃଷ୍ଟି କରିଛି। ଦେଖାଯାଉ ଆଗମୀ ଦିନରେ ଦଳର ସୁପ୍ରିମୋ ଏହାକୁ କିଭଳି ଢଙ୍ଗରେ ନେଉଛନ୍ତି ଦେଖିବାକୁ ବାକି ରହିଲା।

## ଅଧାପନ୍ତରିଆ ଭାବେ କାମ ଛାଡି ଛୁ ମାରିଛି ଠିକାଦାର

# ଅନ୍ଧାରରେ ଖଲ୍ଲିକୋଟ ରାସ୍ତାଘାଟ




**ଖଲ୍ଲିକୋଟ୍‌ରେ,୧୭।୫ (ସଂଚାର ବ୍ୟୁରୋ):** ନିର୍ବାଚନ ପୂର୍ବରୁ ଭୋଟ୍ ହାତେଇବା ପାଇଁ ହୋଇଥିଲା ଷ୍ଟ୍ରିଟ ଲାଇଟ୍ ଟେଣ୍ଡର, କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ସରକାର ବଦଳିବା ପରେ ବଦଳିଗଲା ଚିତ୍ର । ଅଧପନ୍ତରିଆ ଭାବେ କାମ ଛାଡି ଛୁ ମାରିଛି ଠିକାଦାର । ଫଳରେ ସନ୍ଧ୍ୟା ହେଲେ ଅନ୍ଧାର ହୋଇଯାଉଛି ଖଲ୍ଲିକୋଟର ରାସ୍ତାଘାଟ । ଆଲୋକିତ ହେବ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ । ସେଥିପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ୨୦୨୩ରେ ରାଜ୍ୟ ସ୍ତରୀୟ ଟେଣ୍ଡର ହୋଇଥିଲା। ଖଲ୍ଲିକୋଟ୍‌ରେ ୬୧୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଲାଗି ଠିକାଦାର ନିଯୁକ୍ତ ହୋଇଥିଲେ। ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ୨୫୨ଟି ଲାଇଟ୍ ଲଗାଯାଇଛି। ରାଜ୍ୟ ସରକାର ବଦଳିବା ପରେ ଅଟକି ଯାଇଛି ଆଲୋକୀକରଣ କାମ। ଲାଗିଥିବା ଲାଇଟ୍‌କୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ସେଗୁଡ଼ିକ ନଷ୍ଟ ହେବାକୁ ବସିଲାଣି । କେଉଁଠି ଷ୍ଟ୍ରିଟ୍ ଲାଇଟ ଉପରେ ଲଟାବୁଦା ମାଡିଗଲାଣି ତ ଆଉ କେଉଁଠି ଗଛ ଡାଳ ଆଢୁଆଳରେ ଲୁଚି ଯାଇଛି । ଖଲ୍ଲିକୋଟ୍ ବିଜ୍ଞାପିତ ଅଞ୍ଚଳ ଅନ୍ଧାରରେ ଥିବା ସମୟରେ କୋଟିକୋଟି ଟଙ୍କାର ଟେଣ୍ଡର କାହା ସ୍ୱାର୍ଥରେ ବୋଲ ପ୍ରଶ୍ନ ଉଠିଛି। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟ ଖୋଲି ଦେଇଛି, ଷ୍ଟ୍ରିଟ୍ ଲାଇଟ୍ ଟେଣ୍ଡର ସତ । କିଏ କରିଥିଲା କାହା ସ୍ୱାର୍ଥରେ ଟେଣ୍ଡର? ସେ ବାବଦରେ କୌଣସି ତଥ୍ୟ ଗଞ୍ଜାମ ଗ୍ରାମ୍ୟ ଉନ୍ନୟନ ବିଭାଗ କି ଖଲ୍ଲିକୋଟ ଏନ୍ଏସି ପାଖରେ ନାହିଁ । ସେପଟେ ଖୁବ୍‌ଶୀଘ୍ର ଷ୍ଟ୍ରିଟ୍ ଲାଇଟ ଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ବିଜ୍ଞାପିତ ଅଞ୍ଚଳରେ ଲୋକେ ଅନ୍ଧାରରେ ଯାତାୟତ କରୁଥିବା ବେଳେ ଆଲୋକୀକରଣ ଆଳରେ କୋଟିକୋଟି ଟଙ୍କା ପାଣିରେ ପଡିଥିବା ଅଭିଯୋଗ ହୋଇଛି ।

# ଫୁଲ ତୋଳିବାକୁ ନେଇ ଦୁଇ ଗାଁ ମଧ୍ୟରେ ସଂଘର୍ଷ

**ଛତ୍ରପୁର,୧୭।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଯଜ୍ଞଶାଳ ଗ୍ରାମ ନିକଟ ଏକ ବିବାଦୀୟ ଜମିରୁ ଶନିବାର କିଆଫୁଲ ତୋଳିବାକୁ ନେଇ ୨ଗାଁ ମଧ୍ୟରେ ସଂଘର୍ଷ ହୋଇଛି। ସିନ୍ଦୁରାପିଲ୍ଲୀ ଓ ଯଜ୍ଞଶାଳ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷର ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ୧୭ ଜଣଙ୍କୁ ଗିରଫ କରାଯାଇଛି। ଗଣ୍ଡଗୋଳରେ ଆଉ କେହି ସମ୍ପୃକ୍ତ ଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ କହିଛନ୍ତି । ଦୀର୍ଘଦିନ ହେଲା କିଆତୋଟାକୁ ନେଇ ସିନ୍ଦୁରାପିଲ୍ଲୀ ଓ ଯଜ୍ଞଶାଳ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଶନିବାର କିଆଫୁଲ ତୋଳାକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇ ଠେଙ୍ଗା ଓ ଖଣ୍ଡା ବୁଲିଥିଲା। ଖବରପାଇ ଚମାଖଣ୍ଡି ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସିନ୍ଦୁରାପିଲ୍ଲୀର ପିଣ୍ଟୁ ନାୟକ ଥାନାରେ ଅଭିଯୋଗ କରିଛନ୍ତି ଯେ, ଯଜ୍ଞଶାଳରେ ଆମ ଜାଗାରେ ଥିବା କିଆଗଛରୁ ଫୁଲ ତୋଳିବା ବେଳେ ସେଠାର କେତେଜଣ ଆସି ଆକ୍ରମଣ କରିଥିଲେ। ସେହିପରି ଯଜ୍ଞଶାଳର କେତେଜଣ ମଧ୍ୟ ଥାନାରେ ଅନୁରୂପ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତି କରି ପୋଲିସ ୨ ମାମଲା (ନଂ.୨୦୯ ଓ ୨୧୧/୨୫) ରୁଜୁ କରିଥିବା ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି। ଉଭୟ ପକ୍ଷ ଉକ୍ତ କିଆତୋଟା ସେମାନଙ୍କର ବୋଲି ଦାବି କରୁଛନ୍ତି। ପ୍ରକୃତରେ କାହାର ଉକ୍ତ ଜମି ସେ ସମ୍ପର୍କରେ ଜାଣିବା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏସ୍‌ଡିପିଓ ଘଡେଇ କହିଛନ୍ତି ।

# ଜଙ୍ଗଲଜମିରେ ନିର୍ମାଣ ଚାଲିଛି ଫଳକବିହୀନ ପାଣିଟାଙ୍କି



**କଳିଙ୍ଗନଗର,୧୭।୫ (ସଂଚାର ବ୍ୟୁରୋ):** ନୂଆ ସରକାର ଆସିଲା ପରେ ସବୁଆଡେ ବେଆଇନ ଓ ନିମ୍ନମାନର କାମ ଚାଲିଥିବା ଦେଖିବାକୁ ମିଳୁଛି, ଦୁର୍ନୀତିକୁ ନୀତି କରିଛନ୍ତି ପ୍ରଶାସନିକ ବାବୁ ମାନେ? ଏପରି ଏକ କାମ ଦେଖିବାକୁ ମିଳିଛି ଖୋଦ ଦାନଗଦି ବ୍ଲକ ନାକ ନିଶତଳେ, ଏହି ବ୍ଲକର ନିଜ ପଞ୍ଚାୟତ ର ତ୍ରିଜଙ୍ଗା କଲୋନୀ (ନିୟୁ ସିଆରିଆ) ଭିତରେ ଯେଉଁଠି ତହସିଲ ପ୍ରଶାସନ ବେଆଇନ ଜବରଦଖଲ ଉଚ୍ଛେଦ କରିଥିଲେ ସେହି ଜଙ୍ଗଲ ଜମିରେ ଏକ ବିରାଟକାୟ ପାଣି ଟାଙ୍କି ପାଇଁ ଖୋଳା ଯାଇଛି, ସେଠୁ ବାହାରି ଥିବା ଶହ ଶହ ଟ୍ରିପ ମୋରମ ବିକ୍ରି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି, ଆଉ ସେହି ପାଣି ଟାଙ୍କି ନିର୍ମାଣ ହେଉଥିବା ସ୍ଥାନରେ କୌଣସି ସୂଚନା ଫଳକ ନାହିଁ, କାର୍ଯ୍ୟ ସ୍ଥଳରେ କୌଣସି ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି, ଶ୍ରମିକ ମାନେ ମନଇଚ୍ଛା ବାଲି ମୁଣ୍ଡା ହୋଇଯାଇଥିବା ସିମେଣ୍ଟକୁ ବ୍ୟବହାର କରି କାମ କରୁଛନ୍ତି, ଢ଼ଳେଇ କାମ ପୁରା ନିମ୍ନ ମାନର ହେଉଥିବା ଦେଖା ଯାଉଛି, ଯେ କୌଣସି କାମ ହେଲେ ସୂଚନା ଫଳକରେ ସବିଶେଷ ବିବରଣୀ ରହିବା କଥା କିନ୍ତୁ ସୂଚନା ଫଳକ ନାହିଁ, ଖାତା ନମ୍ବର ୫୦୧ ଓ ପ୍ଲଟ ନମ୍ବର ୩୭୯ ରେ ଗ୍ରାମ୍ୟ ଜଙ୍ଗଲ ଜମି କିସମରେ କିପରି ବିନା ସୂଚନା ରେ କିଏ ଶହ ଶହ ଟ୍ରିପ ମୋରମ ଖୋଳି ଏତେ ବଡ଼ ପାଣି ଟାଙ୍କି କରୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି, ଏ ପରି ବେଆଇନ ନିମ୍ନ ମାନର କାମକୁ ତଦନ୍ତ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବୀ ହେଉଛି ।

# ଜଙ୍ଗଲରୁ ନର କଙ୍କାଳ ଉଦ୍ଧାର

## ଘଟଣା ସ୍ଥଳରୁ ଲୁଗା, ଠେଙ୍ଗା, ଧଳା ମୁଣ୍ଡ କେଶ ଉଦ୍ଧାର



ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ଓ ସହଯୋଗୀ ରମେଶ ଚନ୍ଦ୍ର ବାରିକି

**କାକଟପୁର/ଅସ୍ତରଙ୍ଗ,୧୭।୫ (ସଂଚାର ବ୍ୟୁରୋ):** ଜଙ୍ଗଲ ମଧ୍ୟରୁ ନର କଙ୍କାଳ ଉଦ୍ଧାର। ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଞ୍ଚାୟତ ଅଧୀନ ବାଲାପଡ଼ିଆ ଜଙ୍ଗଲ ବେଣାବୁଦା ମଧ୍ୟରେ ଶନିବାର ଦିନ ଏକ ନରକଙ୍କାଳ ଉଦ୍ଧାର କରାଯାଇଛି। ଶନିବାର ସକାଳୁ ସକାଳୁ କିଛି ବ୍ୟକ୍ତି ଉକ୍ତ କଙ୍କାଳକୁ ଠାବ କରିବା ପରେ କାକଟପୁର ପୁଲିସକୁ ସୂଚନା ପ୍ରଦାନ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାଇ କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଞ୍ଚାୟତ ବାଙ୍କେଶ୍ୱର ଗାଁଠୁ ପ୍ରାୟ ୨୦୦ ମିଟର ଦୂର ନିକଟସ୍ଥ ବାଲାପଡ଼ିଆ ଦଣ୍ଡା ବେଣା ଜଙ୍ଗଲ ଭିତରେ ଏକ ନରକଙ୍କାଳ ପଡ଼ିଥିବାର ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ତେବେ ଜଙ୍ଗଲ ଭିତରେ ଏଭଳି ନର କଙ୍କାଳ ପଡ଼ିଥିବାର ଦେଖି ପ୍ରଥମେ ଲୋକ ଭୟଭୀତ ହୋଇଯାଇଥିଲେ। ପରେ ସେମାନେ ପଡ଼ିଥିବା ନରକଙ୍କାଳଠାରୁ ଅନତି ଦୂରରେ ସବୁଜ ରଙ୍ଗର ଲୁଗା, ଠେଙ୍ଗା ଏବଂ ମହିଳାଙ୍କ ଧଳା ମୁଣ୍ଡ କେଶ ପଡ଼ିଥିବାର ଦେଖିବାକୁ ମିଳିଛି, ଯେଉଁଥି ପାଇଁ ଏହା ଜଣେ ମହିଳାଙ୍କ କଙ୍କାଳ ହୋଇଥିବାର ଅନୁମାନ କରାଯାଉଛି। ତେବେ ପାଖରେ ପଡ଼ିଥିବା ଆନୁସଙ୍ଗିକ ସାମଗ୍ରୀ ଓ ଲୁଗାରୁ ରୁ ସମ୍ପୃକ୍ତ କଙ୍କାଳଟି ଜଣେ ମହିଳାଙ୍କର ବୋଲି ସନ୍ଦେହ କରାଯାଉଛି। ଖବର ପାଇଁ ଘଟଣା ସ୍ଥଳରେ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ସବଇନିସ୍ପେକ୍ଟର ଗୌରୀ ଶଙ୍କର ସେଠୀ ନର କଙ୍କାଳ ପଡ଼ିଥିବା ସ୍ଥାନରେ ପହଂଚି ଅନୁଧ୍ୟାନ କରିବା ସହ କାକଟପୁର ଥାନାରେ ଅପମୃତ୍ୟୁ ମାମଲା ୯/୨୫ରେ ମାମଲା ରୁଜୁ କରିଥିବା ବେଳେ ଶନିବାର ଅପରାହ୍ନ ରେ ସାଇଣ୍ଟିଫିକ ଟିମ୍ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ଓ ସହଯୋଗୀ ରମେଶ ଚନ୍ଦ୍ର ବାରିକି ପହଂଚି ଯାଞ୍ଚ ସମୟରେ ନିକଟସ୍ଥ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଳସାହି ଗ୍ରାମର ହାରାମଣି ବିଶ୍ୱାଳ (୭୦) ବୋଲି ତାଙ୍କ ପୁଅ ଆନୁସାଙ୍ଗିକା ସାମଗ୍ରୀ ଦେଖି ସୂଚନା ଦେଇଛନ୍ତି କଙ୍କାଳ ହେଉଛି ହାରାମଣି ବିଶ୍ୱାଳଙ୍କର।

# ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ



**ନର୍ଲା,୧୭।୫(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ସମ୍ମେଳନ କକ୍ଷରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ 'ଆର୍ଟ ଅଫ ଗିଭିଂ' ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମାଜ ନର୍ଲା ପଞ୍ଚାୟତର ସଭାପତି ଇନ୍ଦ୍ରମଣି ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସମ୍ମାନୀତ ଅତିଥି ଭାବେ ଆଦିବାସୀ ସଂସ୍କୃତି ଭବନର ସଭାପତି ଦୁର୍ଯ୍ୟୋଧନ ମାଝୀ, ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ସର୍ବେସାଇ ଇଡିବୁଲ ଅଏଲ କମ୍ପାନୀ ନର୍ଲାର କ୍ଷେତ୍ର ଅଧିକାରିଣୀ ପ୍ରିତିମୟୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏ ବର୍ଷର ତଥ୍ୟ 'ନାଇବର ଗୁଡ' ଅର୍ଥାତ ପଡୋଶୀଙ୍କ ପାଇଁ କିଛି ଭଲ କରିବା, ଅନ୍ୟର ଉପକାର ବା ପଡୋଶୀଙ୍କୁ ସାହାଯ୍ୟ ସହଯୋଗ କଲେ ସମସ୍ତଙ୍କ ମଙ୍ଗଳ ହେବ ଏହି ବାର୍ତ୍ତାକୁ ଅତିଥିମାନେ ବ୍ୟକ୍ତ କରିଥିଲେ। ଏହି ଅବସରରେ କେତେକ ପ୍ରତିଭାଶାଳୀ ଛାତ୍ରୀଙ୍କ ଦ୍ୱାରା ବକ୍ତବ୍ୟ, ଗୀତ ଓ ନୃତ୍ୟ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଳାହାଣ୍ଡି କିସର ଆସିଷ୍ଟାଣ୍ଟ ସିଇଓ ଦୁଷ୍ମନ୍ତ କୁମାର ପାଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଟୁକୁଲାଲ ଶବର ଓ ସମରାଜ ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ନର୍ଲା ବ୍ଲକର କୋର୍ ଗାର୍ଡିଆନ୍ ସମ୍ରାଜ ମାଝୀ, ଦେବକୀ ଧାରୁଆ, ମାନିନୀ ପାତ୍ର, ଅନାଦି ମାଝୀ, ଚିତ୍ତ ରଞ୍ଜନ ନାଏକ, ଜୟରାମ ମାଝୀ, ନରେନ୍ଦ୍ର ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଅଭିଭାବିକାଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ



**ସୁନ୍ଦରଗଡ଼,୧୭।୫ (ସଂଚାର ବ୍ୟୁରୋ):** ଶନିବାର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ତରଫରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ -- ୨୦୨୫ ଜିଲ୍ଲା ମୁଖ୍ୟାଳୟ ଠାରେ ପାଳନ କରାଯାଇଥିଲା। ଚଳିତ ବର୍ଷ ବାର୍ତ୍ତା -- 'ସଠିକ୍ ରକ୍ତଚାପ ମପାନ୍ତୁ, ରକ୍ତଚାପ ନିୟନ୍ତ୍ରଣରେ ରଖନ୍ତୁ, ଦୀର୍ଘଜିବୀ ହୁଅନ୍ତୁ ' କୁ ବହୁଳ ପ୍ରଚାର ପ୍ରସାର ଦିଗରେ ଏକ ସଚେତନତା ପଦଯାତ୍ରା ଏବଂ ସାଇକେଲ ରେଲି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ବାହାରି ସହର ପରିକ୍ରମା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁଚରଣ ମହାନ୍ତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଥିବା ବେଳେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଶିବାଶିଷ ମହାରଣା, ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱମ୍ବର ବେହେରା ଓ ଅନେକ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉଚ୍ଚ ରକ୍ତଚାପ ଏକ ନୀରବ ଘାତକ। ନୀୟମିତ ରକ୍ତଚାପ ପରୀକ୍ଷା ଓ ଡ଼ାକ୍ତରୀ ପରାମର୍ଶ ଦ୍ୱାରା ଏହାକୁ ନିୟନ୍ତ୍ରଣ ରଖାଯାଇ ପାରିବ। ଏଥି ସହିତ ଉଚ୍ଚ ରକ୍ତଚାପର ପରୀକ୍ଷା ଏବଂ ଚିକିତ୍ସା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚିକିତ୍ସାଳୟ ରେ ନିଶୁଳ୍କ ଉପଲବ୍ଧ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ରିଜର୍ଭ ପୁଲିସର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର କର୍ମଚାରୀ, ସମସ୍ତ ସୁରକ୍ଷା କର୍ମୀ ଓ ଆଶା କର୍ମୀ ମାନେ ଅଂଶ ଗ୍ରହଣ କରିଥିଲେ। ଜନ ସାଧାରଣ ଙ୍କ ମଧ୍ୟରେ ସଚେତନତା ବଢାଇବା ନିମନ୍ତେ ବିଶ୍ୱ ଉଚ୍ଚ ରକ୍ତ ଚାପ ଦିବସ ମେ ମାସ ୧୭ ତାରିଖ ଠାରୁ ଜୁନ ମାସ ୧୬ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ପାଳନ କରାଯିବ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହେନ୍ଦ୍ର ବାଗ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ସ୍ୱପ୍ନଜିତ ମହାନ୍ତି ଆସିଷ୍ଟାଣ୍ଟ ମ୍ୟାନେଜର ଅନ ସଂକ୍ରମଣ ବିଭାଗ, ଅଜୟ ଜେନା (ଏଫ. ଏଲ.ସି.), ସତ୍ୟବ୍ରତ ପାଣିଗ୍ରାହୀ ଅତିରିକ୍ତ ପ୍ରବନ୍ଧକ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ଚିରମଣି ପ୍ରଧାନ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ଅଞ୍ଜନ କୁମାର ପଟେଲ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ସହଯୋଗ କରିଥିଲେ ।

# ଆଦିବାସୀ ଜନସମ୍ପର୍କ ଯାତ୍ରା

**ନର୍ଲା,୧୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘ ଓ ନର୍ଲା ଆଦିବାସୀ ସଂଘର ମିଳିତ ଉଦ୍ୟମରେ ଚାଲିଛି ଆଦିବାସୀ ଜନସମ୍ପର୍କ ଯାତ୍ରା। ଏହା ନର୍ଲା ବ୍ଲକର ତିନୋଟି ଜୋନରେ ଚାଲିଛି। ନର୍ଲା ବ୍ଲକ ଆଦିବାସୀ ସଂଘ ସଭାପତି ତଥା ନର୍ଲା ଜିଲ୍ଲାପରିଷଦ ସଦସ୍ୟ ହରିଶଙ୍କର ମାଝୀଙ୍କ ନେତୃତ୍ୱରେ ଗତ ମଇ ୧୫ ରୁ ସେରଗଡ଼ ଠାରୁ ଆରମ୍ଭ ହୋଇଛି ଏହି ଜନସମ୍ପର୍କ ଯାତ୍ରା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଆଦିବାସୀ ସଂଘ ଉପସଭାପତି ବୀରକିଶୋର ମାଝୀ, ସମ୍ପାଦକ ମାୟାଧର ମାଝୀ, କନ୍ଧ ସମାଜ ବ୍ଲକ ସଭାପତି ଝସକେତନ ମାଝୀ, ପୂର୍ବତନ ବ୍ଲକ କନ୍ଧ ସମାଜ ସଭାପତି ଅନ୍ତରାମ ମାଝୀ, ଅସୁରଗଡ଼ ମୈଦାନ ଉପସଭାପତି ରାଜୁ ମାଝୀ, ସମ୍ପାଦକ ଦେବରାଜ ମାଝୀ, କୋଷାଧ୍ୟକ୍ଷ ଛବି ରାଜ ମାଝୀ, ବିଜୁ ମାଝୀ, ଘନଶ୍ୟାମ ମାଝୀଙ୍କ ସମେତ ବହୁ ଆଦିବାସୀ କାର୍ଯ୍ୟ କର୍ତ୍ତା ସାମିଲ ହୋଇ ବିଭିନ୍ନ ଗ୍ରାମରେ ଓ ପଞ୍ଚାୟତ ଠାରେ ସଭା କରି ଆଦିବାସୀ ମାନଙ୍କୁ ଶିକ୍ଷା, କୃଷି, ବାଣିଜ୍ୟ, ସଙ୍ଗଠନ ଓ ନିଶାମୁକ୍ତ ପରିବାର ଗଠନ ଆଦି ଦିଗରେ ଉନ୍ନତି ନିମନ୍ତେ ଜନସଚେତନତା ସୃଷ୍ଟି କରିବା ପାଇଁ ନିବେଦନ କରିଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା ସଭା




**ବେତନଟୀ,୧୭।୫(ସଂଚାର ବ୍ୟୁରୋ):** ସମାଜରେ ଶିକ୍ଷକ ମାନଙ୍କ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ଏହି ବ୍ଲକ ଅନ୍ତର୍ଗତ ମହୁଲିଆ ଉ:ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁଦ୍ରପ୍ରସାଦ ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାନୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ବେତନଟୀ ବିଇଓ ବିପ୍ଳବ କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷକଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତାଭାବେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସମ୍ମାନିତ ଅତିଥି ରୂପେ ଆମ୍ଭେ-୮୩ର ସଭାପତି ସତୀଶ କୁମାର ସାହୁ ଯୋଗଦାନ କରିଥିଲେ। ସଭାରେ ବକ୍ତାଭାବେ ମହୁଲିଆ ଗ୍ରାମର ଦୈତ୍ୟାରୀ ମହାନ୍ତ, ମଦନ ମହାନ୍ତ, ଭକ୍ତ ହରି ମୁର୍ମୁ, ଉମାକାନ୍ତ ମହାନ୍ତ, ଅନ୍ନଦା ମହାନ୍ତ, ଉତ୍ତମ କୁମାର ମହାନ୍ତ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମ୍ବନ୍ଧରେ କହିଥିଲେ। ମଞ୍ଚପରିଚାଳନା କରିଥିଲେ ଆମ୍ଭେ-୮୩ ସଦସ୍ୟ ନରହରି ମହାନ୍ତ ଓ ସଂପାଦକ ସଞ୍ଜୟ କୁମାର ଭୂୟାଁ ଓ ଆରମ୍ଭରେ ଶିକ୍ଷକ ଶ୍ୟାମ ପ୍ରସାଦ ମଢୁଆଳ ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ସିନିୟର ଓସବା ଷ୍ଟେଟ୍ ରେଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**ଫୁଲବାଣୀ,୧୭।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଇନଡୋର ଷ୍ଟାଡିୟମ ରେ, ସନରାଇଜ ଓସବା ସିନିୟର ରେଙ୍କିଙ୍ଗ ବେଡମିଣ୍ଟନ ର ୩ ଦିନିଆ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ବେଡମିଣ୍ଟନ ଆସୋସିଏସନର ପରିଚାଳନା ରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ହରିଶ୍ ବି ସି ଏବଂ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶଚନ୍ଦ୍ର ଜେନା ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ଏହି ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ର ଆୟୋଜନ କରିଥିବା କେଡିବିଏ ର କର୍ମକର୍ତ୍ତାମାନଙ୍କୁ ସାଧିବାଦ ଦେବା ସହ ଏହିଭଳି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଯୋଗୁଁ ଜିଲ୍ଲାର ଖେଳାଳିଙ୍କ ପ୍ରେରଣା ଓ ଉତ୍ସାହର ସ୍ରୋତ ହେବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓସବା ର ଅବଜର୍ଭ ପ୍ରଦୀପ କୁମାର ମହାନ୍ତି ଓ ଶୈଳେନ୍ଦ୍ର ଚୌଧୁରୀ, କନ୍ଧମାଳ ଜିଲ୍ଲା ବେଡମିଣ୍ଟନ ଆସୋସିଏସନର ସଭାପତି ତଥା ବରିଷ୍ଠ ବ୍ୟାଡମିନ୍ଟନ ଖେଳାଳି ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଓ ବରିଷ୍ଠ ଖେଳାଳି ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଟୁର୍ଣ୍ଣାମେଣ୍ଟ ର କୋଡିନେଟର ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟ ରେ ସମଗ୍ର ରାଜ୍ୟର ଅଧିକାଂଶ ଜିଲ୍ଲାର ୧୨୫ ରୁ ଅଧିକ, ଖେଳାଳି ଭାଗ ନେଇଛନ୍ତି। ଜିଲ୍ଲା ରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ କୁ ବହୁ ସଂଖ୍ୟାରେ ଦର୍ଶକମାନେ ଉପଭୋଗ କରିବା ପାଇଁ କନ୍ଧମାଳ ଜିଲ୍ଲା ବ୍ୟାଡମିନ୍ଟନ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି।



# ଆର୍ଟ ଅଫ୍ ଗିଭିଙ୍ଗ୍‌ର ଦ୍ୱାଦଶ ବାର୍ଷିକୋତ୍ସବ ପାଳନ




**ସୁବର୍ଣ୍ଣପୁର,୧୭।୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ଠାରେ ଥିବା ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଅଚ୍ୟୁତ ସାମନ୍ତ ଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ଆର୍ଟ ଅଫ୍ ଗିଭିଙ୍ଗ୍‌ର ଦ୍ୱାଦଶ ବାର୍ଷିକୋତ୍ସବ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଶିକ୍ଷାବିତ ଜ୍ଞାନେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ କିଶୋର ହୋତା, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ କଳିଙ୍ଗ ଟିଭି ରିପୋର୍ଟର ଶେଷଦେବ ବାରିକ ଉତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଲେ ଆର୍ଟ ଅଫ୍ ଗିଭିଙ୍ଗ୍ ର ଏ ବର୍ଷର ବିଷୟ ବସ୍ତୁ ହେଉଛି ପଡୋଶୀ ସଂପର୍କ। ପଡୋଶୀ ସହିତ ଉତ୍ତମ ସଂପର୍କ ଓ ବୁଝାମଣା ହିଁ ସାମାଜିକ ଉତ୍ତରଣର ପ୍ରକୃଷ୍ଟ ପାହିଚ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ତରଫରୁ ଏ ବର୍ଷର କିଟ୍ ସମ୍ମାନ ବରିଷ୍ଠ ସଦସ୍ୟ ଗୋପୀନାଥ ମହାକୁରଙ୍କୁ ତାଙ୍କର ନୀତି ଆଦର୍ଶ ପାଇଁ ପ୍ରଦାନ କରାଯାଇଥିଲା। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ଶଙ୍କର ପାଣିଗ୍ରାହୀ, ବାସୁଦେବ ପଣ୍ଡା, ରାଧେଶ୍ୟାମ ରାଏ, ତ୍ରିନାଥ ମିଶ୍ର, ଭଗବାନ ମିଶ୍ର, ଭୂଷଣ ପାତ୍ର, ଦିଲ୍ଲିପ ମିଶ୍ର, ଆଶ୍ରୟ ମହାନନ୍ଦ, ଚମରା ମହାକୁର, ସୁରୁ ସାହୁ, ଧ୍ରୁବ ଚରଣ ଦାଶ, ସନ୍ତୋଷ ଷଡ଼ଙ୍ଗୀ, ବଳରାମ କାଣ୍ଡ, ଶ୍ୟାମସୁନ୍ଦର ସେଠି, ନାରାୟଣ ପ୍ରସାଦ ନାୟକ, ସନାତନ ନାଗ, ଦୟାନିଧି ହୋତା, ପ୍ରଭଞ୍ଜନ ପୂଜାରୀ, ପ୍ରମୁଖ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ।

# ରେଡିଓ ସ୍ୱାତୀ ଦ୍ୱାରା ମେଧା ସମ୍ମାନ ପ୍ରଦାନ



**କନ୍ଧମାଳ,୧୭।୫ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଫୁଲବାଣୀ ସ୍ଥିତ କାର୍ଯ୍ୟାଳୟ ରେ ରେଡିଓ ସ୍ୱାତୀ ତରଫରୁ ୨୦୨୫ ମାଧ୍ୟମିକ ଶିକ୍ଷା ବୋର୍ଡ ଦଶମ ଶ୍ରେଣୀ ରେ କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ମେଧା ସମ୍ମାନରେ ସମ୍ମାନିତ କରିଅଛି। ଏହି କାର୍ଯ୍ୟକ୍ରମରେ ଏ+ ରେ ସର୍ବାଧିକ ନମ୍ବର ରଖି ଜିଲ୍ଲାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଅନ୍ୱେଷା ସାହୁ, ବିକାଶ ରଞ୍ଜନ କର, ସାଇଶ୍ରୀୟା ସାହୁ ଓ ତପୋବନ ଉଚ୍ଚ ବିଦ୍ୟାଳୟ, ଚାଟେଂଡି ର ଦିପ୍ତିମୟି ବିଶୋଇ ଙ୍କ ସହିତ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ଛାତ୍ର ଛାତ୍ରୀ ମାନଙ୍କର ସଫଳତା ରେ ଶିକ୍ଷକଙ୍କ ପ୍ରଚେଷ୍ଟା ସହ ଅଭିଭାବକ ମାନଙ୍କ ଦାଇତ୍ୱ ଓ ଭୂମିକା କୁ ଗୁରୁତ୍ୱ ଦେଇଥିବା ବେଳେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲିଗୁଡା ର ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ର ଛାତ୍ର ଛାତ୍ରୀ ମାନେ ନିଜ ନିଜର ମନ ବଳକୁ ସ୍ଥିର ଓ ଦୃଢ଼ କରି ଶିକ୍ଷା ସାଧନ ର ପ୍ରଚେଷ୍ଟା କୁ ବଳବତର ରଖିବା ସହିତ ଭବିଷ୍ୟତ କର୍ମକ୍ଷେତ୍ରରେ ଆଦର୍ଶବାନ, ନିଷ୍ଠାପର ଓ କର୍ତ୍ତବ୍ୟପରାୟଣ ହେବାର ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ବ୍ରଜ ନନ୍ଦ ତାଙ୍କର ବକ୍ତବ୍ୟ ରେ କୃତି ଛାତ୍ର ଛାତ୍ରୀ ଙ୍କ ପ୍ରାପ୍ତ ଗ୍ରେଡ ଓ ଲକ୍ଷ ସାଧନ କୁ ଗରୁତ୍ୱ ଦେବା ସହିତ କିଭଳି ଜଣେ ଜଣେ ସୁନାଗରିକ ହୋଇ ରାଷ୍ଟ୍ରର ବିକାଶ ପଥରେ ଅଗ୍ରଦୂତ ହୋଇ କାର୍ଯ୍ୟକରିବେ ସେଥିପାଇଁ ଆହ୍ୱାନ ଦେଇଥିଲେ। ଫୁଲବାଣୀ ସ୍ୱୟଂସାଶିତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନ କୃତି ପିଲାମାନଙ୍କୁ ନିଜ ନିଜ ଭିତରେ ଥିବା ଦକ୍ଷତା କୁ ଅନ୍ୟମାନଙ୍କ ମଧ୍ୟରେ ଜାଗ୍ରତ କରାଇ ଏକ ପ୍ରେରଣା ଉତ୍ସ ସାଜିବା ସହିତ ନିଜର ଲକ୍ଷ୍ୟ ମାର୍ଗରୁ ବିଚ୍ୟୁତ ନହୋଇ ନିରନ୍ତର ଚେଷ୍ଟା ରଖିବା ପାଇଁ ଉପଦେଶ ପ୍ରଦାନ କରିଥିଲେ।